ବର୍ଷ-୨୫, ସଂଖ୍ୟା-୫୯
ଭୁବନେଶ୍ୱର
୦୧, ମାର୍ଚ୍ଚ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 59
Bhubaneswar
01, March, 2025, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଅଧିନାୟକ ପଦ ଛାଡ଼ିଲେ ବଟଲର

## ସବୁ ଜିଲ୍ଲାରେ ପ୍ରତିଷ୍ଠା ହେବ କ୍ୟାନସର ଡେ କେୟାର କେନ୍ଦ୍ର



ପୁରୀ, ୨୮।୨(ମହାଭାରତ): କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଓଡ଼ିଶାର ପୁରୀଠାରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଉତ୍ତମ ଏବଂ ଅନୁକରଣଯୋଗ୍ୟ ଅଭ୍ୟାସ ଏବଂ ନବୋନ୍ମେଷ ଉପରେ ନବମ ଜାତୀୟ ସମ୍ମିଳନୀକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପୁରୀ ସାଂସଦ ଡ. ସମ୍ବିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଦୁଇ ଦିନିଆ ଶିଖର ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ଦ୍ୱାରା ସେମାନଙ୍କ ଜନସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ସର୍ବୋତ୍ତମ ଅଭ୍ୟାସ ଓ ନବୋନ୍ମେଷର ପ୍ରଦର୍ଶନ ଏବଂ ଦସ୍ତାବିଜ ପ୍ରସ୍ତୁତ କରାଯିବ। ଏହା ମଧ୍ୟ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ମଧ୍ୟରେ ଜ୍ଞାନର ଆଦାନପ୍ରଦାନ ଏବଂ ବିନିମୟ ପାଇଁ ଏକ ସୁଯୋଗ ପ୍ରଦାନ କରିଛି।

ଏହି ଅଧିବେଶନକୁ ସମ୍ବୋଧିତ କରି ଜେ. ପି. ନଡ୍ଡା ଉଲ୍ଲେଖ କରିଥିଲେ ଯେ ୨୦୧୪ ମସିହାରୁ ଭାରତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି। ସେ କହିଥିଲେ ଯେ ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ ଆରୋଗ୍ୟକାରୀ ସ୍ୱାସ୍ଥ୍ୟସେବାର ଆଭିମୁଖ୍ୟରେ ଏକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆଣିଛି ଯାହା ଆରୋଗ୍ୟକାରୀ ସହ ପ୍ରତିଷେଧକ, ପ୍ରୋତ୍ସାହନକାରୀ ପରି ବ୍ୟାପକ ଦିଗକୁ ଅନ୍ତର୍ଭୁକ୍ତ କରେ। ସେହିଭଳି, କେନ୍ଦ୍ର ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ପ୍ରାଥମିକ ଏବଂ ମାଧ୍ୟମିକ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ସହିତ ସରକାର ତୃତୀୟ ସ୍ତରର ସ୍ୱାସ୍ଥ୍ୟସେବାକୁ ମଧ୍ୟ ବହୁତ ପ୍ରୋତ୍ସାହନ ଦେଇଛନ୍ତି।ସେ ଉଲ୍ଲେଖ କରିଥିଲେ ଯେ କେନ୍ଦ୍ର ସରକାର ଲୋକମାନଙ୍କ ପାଇଁ ଗୁଣାତ୍ମକ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପରେ କରାଯାଇଥିବା କାର୍ଯ୍ୟ ସାମଗ୍ରିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରାଥମିକ ସ୍ୱାସ୍ଥ୍ୟସେବାର ମୂଳଦୁଆକୁ ସୁଦୃଢ଼ କରିଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସୁସ୍ଥ ଭାରତର ସ୍ୱପ୍ନରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସେ କହିଥିଲେ ଯେ ''ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା'' ଲକ୍ଷ୍ୟକୁ ସାକାର କରିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ କାମ କରିବ ଏବଂ ମିଳିତ ଜାତିସଂଘର ସମସ୍ତ ଏସଡିଜି ଲକ୍ଷ୍ୟ ହାସଲ ଉପରେ ଧ୍ୟାନ ଦେବ।

ଶ୍ରୀ ମାଝୀ କହିଥିଲେ ଯେ ଓଡ଼ିଶାର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବିପିଏମଜେଏୱାଇ) ସହିତ ମିଶ୍ରଣ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, କାରଣ ଓଡ଼ିଶାର ଲୋକମାନେ ଏବେ ସାରା ଦେଶର ୨୯,୦୦୦ରୁ ଅଧିକ ଘରୋଇ ଡାକ୍ତରଖାନାକୁ ଯାଇପାରିବେ, ଯାହାଦ୍ୱାରା ରାଜ୍ୟର ୪.୫ କୋଟିରୁ ଅଧିକ ଲୋକ, ବିଶେଷ କରି ପ୍ରବାସୀ ଶ୍ରମିକମାନେ ଉପକୃତ ହୋଇପାରିବେ। ସେ ସୂଚନା ଦେଇଥିଲେ ଯେ ଜାତୀୟ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ପ୍ରତିଷ୍ଠାନ, ଜାତୀୟ ଫାର୍ମାସ୍ୟୁଟିକାଲ୍ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ (ଏନଆଇପିଇଆର୍) ଏବଂ ଜାତୀୟ ବକ୍ତବ୍ୟ ଓ ଶ୍ରବଣ ପ୍ରତିଷ୍ଠାନ ସମେତ ରାଜ୍ୟରେ ଅନେକ ଜାତୀୟ ଅନୁଷ୍ଠାନ ପ୍ରତିଷ୍ଠା କରାଯାଉଛି। ସେ ଏହା ମଧ୍ୟ କହିଥିଲେ ଯେ ଓଡ଼ିଶାରେ ଏକ ନୂତନ ସରକାରୀ ନର୍ସିଂ କଲେଜ ଏବଂ ଚାରୋଟି ଦନ୍ତ ମହାବିଦ୍ୟାଳୟ ଖୋଲାଯିବ।

## ୨ରେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ



**କେନ୍ଦୁଝର,୨୮।୨(ମହାଭାରତ):** କେନ୍ଦୁଝର ଜିଲା ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାର୍ଚ୍ଚ ୨ରେ ଆସିବେ। ମୟୂରଭଞ୍ଜ ଜିଲାରେ ୨ ଦିନିଆ ଗସ୍ତ କାର୍ଯ୍ୟକ୍ରମ ସାରି ୨ ତାରିଖ ପୂର୍ବାହ୍ନ ୧୦ଟା ୧୦ରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅବତରଣ କରିବେ। ସେଠାରେ ହେବାକୁ ଥିବା ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାକୁ ଉଦ୍ଘାଟନ କରିବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ସାରି ହେଲିକପ୍ଟରରେ ଚମ୍ପୁଆ। ଯାଇ ମଧ୍ୟାହ୍ନ ୧୨ଟା୪୫ରେ ଚନ୍ଦ୍ରଶେଖର ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେବେ। ସେଠାରୁ ହେଲିକପ୍ଟରରେ କେନ୍ଦୁଝର ରିଜର୍ଭ ପଡ଼ିଆକୁ ଆସି ସଡ଼କ ପଥରେ ନିଜ ଗ୍ରାମ ରାଇକଳାକୁ ଯାଇ ଅପରାହ୍ନ ୪ଟାରେ ଏକ କ୍ରିକେଟ ମ୍ୟାଚ ଫାଇନାଲ ଉତ୍ସବରେ ଯୋଗଦେବେ। ସେଠାରୁ ରାଇକଳାସ୍ଥିତ ନିଜ ବାସଭବନକୁ ଯାଇ ସଡ଼କ ପଥରେ ୬ଟା ୩୦ରେ କେନ୍ଦୁଝର ଫେରିବେ। ସନ୍ଧ୍ୟା ୭ଟା ୧୦ରେ କାଳୀ ପଡ଼ିଆରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳାରେ ଯୋଗଦେବେ। ରାତିରେ ସର୍କିଟ ହାଉସରେ ରାତ୍ରିଯାପନ କରି ୩ ତାରିଖ ସୋମବାର ସକାଳ ୯ଟା ୪୦ରେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ୯ ନକ୍ସଲଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୮।୨ (ମହାଭାରତ) :** ସୀମାନ୍ତ ତେଲେଙ୍ଗାନାର କାମାରେଡ୍ଡି ଜିଲ୍ଲା ପୁଲିସ ନିକଟରେ ଦୁଇ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଜିଲ୍ଲା ଏସପି ସିନ୍ଧୁ ଶର୍ମାଙ୍କ ସମ୍ମୁଖରେ ଏହି ଦୁଇ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନେ ହେଲେ ଗୁରାଲା ବିଜୟ କୁମାର(୩୬) ଏବଂ ସୋଡି ବାଲା କ୍ରିଷ୍ଣା(୨୩)। ଏମାନେ ତେଲେଙ୍ଗାନା ସମେତ ଛତିଶଗଡ,ଓଡିଶା ଏବଂ ଆନ୍ଧ୍ରରେ ମାଓ ସଂଗଠନରେ କାମ କରୁଥିଲେ।ଏମାନଙ୍କ ନାମରେ ବହୁ ହିଂସା ନେଇ କେଶ ରୁଜୁ ହୋଇଛି। ସେହିପରି ଛତିଶଗଡର ସୁକମା ପୁଲିସ ନିକଟରେ ଗୋଟିଏ ଦମ୍ପତି ସମେତ ୭ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସମସ୍ତ ୭ ଜଣ ନକ୍ସଲ ନାମରେ ୩୨ ଲକ୍ଷ ଟଂକାର ପୁରସ୍କାର ରହିଥିଲା। ଦୁଇ ଜଣ ପୁରୁଷ ଏବଂ ଜଣେ ମହିଳା ନକ୍ସଲ ଉପରେ ୮ ଲକ୍ଷ ଲେଖାଏଁ ପୁରସ୍କାର ରହିଥିଲା। ସୁକମା ଏସପି କିରଣ ଚୌହାନଙ୍କ ସମ୍ମୁଖରେ ଏହି ୭ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ପ୍ରକାଶ ଥାଉକି ୨୦୨୧ରେ ଟେକଲଗୁଡା ନକ୍ସଲ ହମରେ ୨୨ ଜଣ ଯବାନ ସହିଦ ହୋଇଥିଲେ।

## ମନେରହିବେ ଉତ୍ତମ

ଭୁବନେଶ୍ୱର,୨୮।୨(ମହାଭାରତ): ଓଲିଉଡ୍ର ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି ପଂଚଭୂତରେ ବିଲୀନ ହୋଇଛନ୍ତି। ଆଜି ଅପରାହ୍ନରେରେ ଭୁବନେଶ୍ୱରର ସତ୍ୟନଗର ଶ୍ମଶାନରେ ସ୍ୱର୍ଗତଃ ଉତ୍ତମ ମହାନ୍ତିଙ୍କ ପାର୍ଥିବ ଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ କରାଯାଇଛି। ଶେଷକୃତ୍ୟ ପୂର୍ବରୁ ଉତ୍ତମ ମହାନ୍ତିଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ମରଶରୀରରେ ତାଙ୍କର ସୁପୁତ୍ର ବାବୁସାନ ମହାନ୍ତି ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା ।

ଶେଷ କୃତ୍ୟ ବେଳେ ଉତ୍ତମ ମହାନ୍ତିଙ୍କ ସଂପର୍କୀୟ, ପ୍ରଶଂସକ, ଶୁଭେଚ୍ଛୁ ଆଦି ଉପସ୍ଥିତ ଥିଲେ। ଅନ୍ତିମ ସଂସ୍କାର ପୂର୍ବରୁ ପାର୍ଥିବ ଶରୀରକୁ ଜଗନ୍ନାଥ ବିହାର ବାସଭବନରୁ ସତ୍ୟନଗର ଶ୍ମଶାନକୁ ନିଆଯାଇଥିଲା। ଉତ୍ତମଙ୍କ ବିୟୋଗରେ ଓଲିଉଡ୍ ତଥା ସାରା ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି। ରାଜ୍ୟର ବିଭିନ୍ନ ଗଣ୍ୟମାନ୍ୟ ଲୋକ ମାନେ ଶୋକ ପ୍ରକାଶ କରିଛନ୍ତି । ଏହା ପୂର୍ବରୁ ଆଜି ପୂର୍ବାହ୍ନରେ ତାଙ୍କର ମରଶରୀର ଦିଲ୍ଲୀରୁ ବାହାରୁ ଦିନ ପ୍ରାୟ ୧୧ଟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ



ବିମାନବନ୍ଦରରେ ପହଂଚି ଥିଲା। ବିମାନବନ୍ଦରରୁ ମରଶରୀରକୁ ତାଙ୍କର ଜଗନ୍ନାଥ ବିହାରସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ଓଡ଼ିଆ ଚଳଚ୍ଚିତ୍ର ଜଗତର କଳାକାରମାନେ, ପରିବାର, ଆତ୍ମୀୟସଜନ, ପ୍ରଶଂସକ ପ୍ରମୁଖ ଅନ୍ତିମ ଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଲୋକପ୍ରିୟ ଚଳଚ୍ଚିତ୍ର ତାରକା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ବାସଭବନରେ ପହଂଚି ତାଙ୍କ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଗତ ୬ ତାରିଖରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ଭୁବନେଶ୍ୱରର କିମ୍ସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଉନ୍ନତ ଚିକିତ୍ସା ପାଇଁ ୮ ତାରିଖରେ ତାଙ୍କୁ ଏୟାର ଆମ୍ବୁଲାନ୍ସରେ ଦିଲ୍ଲୀ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଲିଭର ସିରୋସିସ୍ ସହ ନିମୋନିଆର ଚିକିତ୍ସା ଚାଲିଥିଲା। ସାରା ରାଜ୍ୟରେ ଶହଶହ ପ୍ରଶଂସକ ତାଙ୍କର ଆରୋଗ୍ୟ କାମନା କରିଥିଲେ। ତେବେ ୨୦ ଦିନ କାଳ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଚିରବିଦାୟ ନେଇଛନ୍ତି। ଉତ୍ତମ ତାଙ୍କର ପରଲୋକରେ ଓଲିଉଡ୍ରେ ଏକ ଯୁଗର ଅବସାନ ଘଟିଲା।

## ବନ୍ଦ ଘରୁ ବାପା-ଝିଅଙ୍କ ମୃତଦେହ ଉଦ୍ଧାର

**କଟକ, ୨୮।୨ (ମହାଭାରତ):** କଟକ ବାଦାମବାଡ଼ିରେ ଅଭାବନୀୟ ଘଟଣା ଘଟିଛି। ଘର ଭିତରୁ ବାପା ଝିଅଙ୍କ ମୃତଦେହ ଉଦ୍ଧାର। ସ୍ନେହଲତା ଆପର୍ଟମେଣ୍ଟ ଫ୍ଲାଟ୍ ନମ୍ବର୍ ୧/୨ଏ୩ରୁ ମୃତଦେହ ଉଦ୍ଧାର କରିଛି ପୋଲିସ। ମୃତକ ହେଲେ ୬୦ ବର୍ଷର ମାନସ ରଞ୍ଜନ ଦାସ ଏବଂ ତାଙ୍କ ୧୭ ବର୍ଷର ଝିଅ ଆପି ଦାସ। ମାନସଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଛି। ସେହିପରି ଝିଅର ମୃତଦେହ ଖଟ ଉପରେ ପଡ଼ିଥିବା ଦେଖିବାକୁ ମିଳିଛି ଯ ବାପା-ଝିଅ ଏହି ଆପାର୍ଟମେଣ୍ଟରେ ଭଡ଼ାରେ ରହୁଥିବା ବେଳେ କିଛି ମାସ ହେବ ଘର ଭଡ଼ା ଦେଇପାରି ନଥିଲେ। ଯେଉଁଥିପାଇଁ ଘର ମାଲିକ ସେମାନଙ୍କୁ ଘର ଛାଡ଼ିବା ପାଇଁ କହିଥିଲେ ଯ ତେଣୁ ଆର୍ଥିକ ବୋଝ ଯୋଗୁଁ ମାନସିକ ଚାପରେ ପଡ଼ି ଆତ୍ମହତ୍ୟା ନିଷ୍ପତ୍ତି ନେଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

## ଉତ୍ତରାଖଣ୍ଡରେ ହିମସ୍ଖଳନ

**ନୂଆଦିଲ୍ଲୀ,୨୮।୨(ମହାଭାରତ):** ପାର୍ବତ୍ୟ ଅଞ୍ଚଳରେ ଜାରି ରହିଛି ବର୍ଷା ଓ ହିମପାତ । ହିମାଚଳ ପ୍ରଦେଶରୁ ନେଇ ଉତ୍ତରାଖଣ୍ଡ ପର୍ଯ୍ୟନ୍ତ ସବୁଠି ପ୍ରକୃତିର ତାଣ୍ଡବ । ଶୁକ୍ରବାର ଉତ୍ତରାଖଣ୍ଡ ବଦ୍ରିନାଥରେ ବଡ ଧରଣର ହିମସ୍ଖଳନ ହୋଇଥିବା ନେଇ ଖବର ମିଳିଛି । ଚମୋଲିର ମାଣା ଗାଁରେ ରାସ୍ତା ନିର୍ମାଣ ବେଳେ ଏହି ହିମସ୍ଖଳନ ଘଟିଛି । ବରଫ ତଳେ ପ୍ରାୟ ୫୭ ଜଣ ଶ୍ରମିକ ଫସି ଯାଇଥିଲେ । ବର୍ତ୍ତମାନ ସୁଦ୍ଧା ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି ।



ମିଳିଥିବା ସୂଚନା ଅନୁସାରେ, ବରଫ ଅତଡା ଧସି ଯିବା କାରଣରୁ ବର୍ଡର ରେଡସ୍ ଅର୍ଗାନାଇଜେସନ୍ (ବିଆରଓ)ର ୫୭ ଶ୍ରମିକ ପୋତି ହୋଇଯାଇଥିଲେ । ଏସଡିଆରଏଫ୍, ଏନ୍ଡିଆରଏଫ୍, ଜିଲ୍ଲା ପ୍ରଶାସନ, ଆଇଟିବିପି ଓ ବିଆରଓର ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି । ବର୍ତ୍ତମାନ ସୁଦ୍ଧା ୧୦ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଆଗକୁ ଜାରି ରହିଛି ରେସକ୍ୟୁ ଅପରେସନ୍ । ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଚୀନ୍ ସୀମାର ଖୁବ୍ ନିକଟରେ ଭାରତର ପ୍ରଥମ ଗାଁ ଭାବରେ ମିଣାକୁ ଜଣାଯାଏ । ଗ୍ଲାସିୟର ଭାଙ୍ଗିବା କାରଣରୁ ଏଭଳି ଅଘଟଣ ଘଟିଛି।ମାଣା ନିକଟରେ ଥିବା ପୋଷ୍ଟ ତଳେ ଗ୍ରିଫ କ୍ୟାମ୍ପର କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିଛି। ଦୁଇ ଦିନ ହେବ ପାହାଡିଆ ଅଞ୍ଚଳରେ ପାଗ ବହୁତ ଖରାପ ଥିଲା। ଉତ୍ତରାଖଣ୍ଡ ସହ ହିମାଚଳ, ପ୍ରଦେଶର କିଛି ଅଞ୍ଚଳରେ ଖୁବ୍ ଜୋରରେ ବର୍ଷା ଲାଗି ରହିଛି। କିଛି ନଦୀ ମାନଙ୍କରେ ପାଣି ଫୁଲିକି ରହିଛି। କେବଳ ସେତିକି ନୁହେଁ ପ୍ରବଳ ତୁଷାରପାତ ପରେ ଭୟଙ୍କର ହିମସ୍ଖଳନ ଏବେ ଆହୁରି ବିପଦ ପାଲଟିଛି ।

## ୪ ଲକ୍ଷ ମୃତ ବ୍ୟକ୍ତିଙ୍କୁ ମିଳିଥିଲା ରାସନ କାର୍ଡ଼

**ସମ୍ବଲପୁର, ୨୮।୨ (ମହାଭାରତ) :** ମାର୍ଚ୍ଚ ୧ ତାରିଖରୁ ନୂତନ ରାସନ କାର୍ଡ ଆବେଦନ ପାଇଁ ପୋର୍ଟାଲ ଖୋଲିବ। ରାସନ କାର୍ଡରୁ ବାଦ ପଡିଥିବା ହିତାଧିକାରୀମାନେ ଆବେଦନ କରିପାରିବେ। ଶୁକ୍ରବାର ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ବଲପୁର ଗସ୍ତ ସମୟରେ ଏକ ସମୀକ୍ଷା ବୈଠକରେ ଏହା କହିଛନ୍ତି। ସେ କହିଛନ୍ତି ଯେ, ଗତ ବିଜେଡି ସରକାର ୨୪ ବର୍ଷ ଶାସନ କରିବା ଭିତରେ ୪ ଲକ୍ଷ ମୃତ ବ୍ୟକ୍ତିଙ୍କୁ ରାସନ କାର୍ଡ ଦେଇଥିଲେ। ବର୍ତ୍ତମାନ ରାଜ୍ୟ ସରକାର ସେହି ୪ ଲକ୍ଷ ଭୂତ ରାସନ କାର୍ଡକୁ ବାତିଲ କରି ଦେଇଛନ୍ତି।

ଯୋଗାଣ ମନ୍ତ୍ରୀ ପାତ୍ର ଏକ ଦିବସୀୟ ସମ୍ବଲପୁର ଗସ୍ତରେ ଶୁକ୍ରବାର ଆସିଥିଲେ। ଯୋଗାଣ ମନ୍ତ୍ରୀ ପୂର୍ବାହ୍ନରେ ସମ୍ବଲପୁରରେ ପହଞ୍ଚିବା ପରେ ସ୍ଥାନୀୟ ସାର୍କିଟ ହାଉସଠାରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ଜିଲା ପ୍ରଶାସନ ସହିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ସମୀକ୍ଷା ବୈଠକରେ ଯୋଗଦେବା ପରେ ମନ୍ତ୍ରୀ ପାତ୍ର କହିଛନ୍ତି ଯେ, ବିଭିନ୍ନ ଜିଲାର ସମୀକ୍ଷା କରାଯାଉଥିବା କ୍ରମରେ ଆଜିର ବୈଠକରେ ସମ୍ବଲପୁର ଜିଲାର ସମୀକ୍ଷା ହୋଇଛି। ଧାନ କିଣାବିକା କିଭଳି ହେଲା, ଅଧିକାରୀମାନଙ୍କ ସହଯୋଗ କିଭଳି ଥିଲା, ଆଉ କଣ କରିଲେ ଆଗାମୀ ଦିନରେ ଆହୁରି ଭଲ ହେବ, କେତେ ପ୍ରତିଶତ ଧାନ କିଣା ହୋଇଛି ଆଦି ବିଭିନ୍ନ ବିଷୟକୁ ନେଇ ବୈଠକରେ ଆଲୋଚନା ହୋଇଛି। ସମ୍ବଲପୁର ଜିଲାରେ ଧାନ କିଣା ବିନା କଟନୀ ଛଟନୀରେ ସୁରୁଖୁରୁରେ ପ୍ରାୟତଃ ଶେଷ ହୋଇଯାଇଛି। କିଛି ଅସୁବିଧା ଥିଲେ, ତାହାର ସମାଧାନ କରାଯିବ। କଟନୀ ଛଟନୀର ଖବର ମିଳିନାହିଁ । ଯେଉଁଠି ଏଭଳି ଖବର ଆସିଛି, ଆମେ ତୁରନ୍ତ ଆକ୍ସନ ନେଇ ମିଲ ସିଲ କରିଛୁ, ନୋଟିସ ଜାରି କରିଛୁ, ଅଧିକାରୀ ମାନଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। କୃଷକମାନେ ଯେଭଳି ଠିକ ଭାବରେ ପାଉଣା ପାଇବେ, ସରକାର ଗୁରୁତ୍ୱ ଦେଉଛନ୍ତି। ଖରିଫ ଧାନ କିଣାରେ ଚାଷୀମାନେ ବୋନସ/ ସବସିଡି ପାଇଥିବା ବେଳେ ରବି ଧାନ କିଣାରେ ମଧ୍ୟ ନିଶ୍ଚିତ ରୂପେ ପାଇବେ ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି ଯେ, ମାର୍ଚ୍ଚ ୩୧ ତାରିଖ ରାସନ କାର୍ଡ ଇ-କେୱାଇସିର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ସମ୍ବଲପୁର ଜିଲାରେ ଏହା ୯୨ ପ୍ରତିଶତ ଶେଷ ହୋଇଯାଇଛି। ଧାର୍ଯ୍ୟ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ ହୋଇଯିବ। ୨୪ ବର୍ଷ କାଳ ସରକାର ଥିବା ସମୟରେ ହିଁ ଭୁତ ରାସନ କାର୍ଡ ଗୁଡିକ ହୋଇଛି ଏବଂ ବର୍ତ୍ତମାନ ସେଗୁଡିକୁ ଇ- କେୱାସି ଜରିଆରେ ପୁନଃ ସଂଶୋଧନ କରି ଛାଣି ଦିଆଯାଉଛି। ପ୍ରାୟ ୪ ଲକ୍ଷ ମୃତ ବ୍ୟକ୍ତିଙ୍କ ରାସନ କାର୍ଡ କଟା ଗଲାଣି।

## ୩ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ବାବୁ

**ଜୟପୁର, ୨୮।୨(ମହାଭାରତ) :** ମାଣ୍ଡିଆ। ଚାଷୀଙ୍କ ପାଖରୁ ୩ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଧରାପଡ଼ିଲେ ସରକାରୀ ବାବୁ କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକ କୁନ୍ଦୁଲି ଲ୍ୟାମ୍ପର ଦାୟିତ୍ୱରେ ଥିବା ସତ୍ୟରଞ୍ଜନ ଚଲାଣ ଜଣେ ଚାଷୀଙ୍କ ପାଖରୁ ୩ ହଜାର ଟଙ୍କା ଲାଞ୍ଚ ନେଉଥିଲେ ଚଲାଣ ମାଣ୍ଡିଆ। କିଣିବାକୁ ବସ୍ତା ପିଛା ୪୫ ଟଙ୍କା ନେବାକୁ କହିଥିଲେ । ଏହିପରି ଭାବେ ୧୧୭ ବସ୍ତା ପାଇଁ ୩ ହଜାର ଟଙ୍କା ଲାଞ୍ଚ ଦେବାକୁ ଦାବି କରିଥିଲେ ଲାଞ୍ଚ ଅର୍ଥ ନ ଦେଲେ ମାଣ୍ଡିଆ। କିଣାହେବ ନାହିଁ ବୋଲି ରୋକଠୋକ ଶୁଣାଇଦେଇଥିଲେ । ଏନେଇ ଚାଷୀ ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇ ଜାଲ ବିଛାଯାଇଥିଲା । ଆଉ ଆଜି ଚଲାଣ ଲାଞ୍ଚ ନେବାବେଳେ ଧରାପଡ଼ିଛନ୍ତି ।

## ୩ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୨୮।୦୨ (ମହାଭାରତ) :** ଆସନ୍ତା ମାର୍ଚ୍ଚ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହେବ। ଭୁବନେଶ୍ୱର ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆୟୋଜନ ହେବାକୁ ଥିବା ଏହି ଜନ ଶୁଣାଣି ପାଇଁ ଶୁକ୍ରବାର ପୂର୍ବାହ୍ଣ ୧୧ଟାରୁ ଅନଲାଇନ୍ ପଞ୍ଜୀକରଣ ଆରମ୍ଭ ହୋଇଛି। ସର୍ବାଧିକ ୧୦୦୦ ଅଭିଯୋଗକାରୀ ସେମାନଙ୍କ ନାଁ ପଞ୍ଜୀକରଣ କରିପାରିବେ। ତେବେ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ https://janasunani.odisha.gov.in/ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ତେବେ ଅଭିଯୋଗ ପ୍ରକୋଷ୍ଠକୁ ଆସିବା ବେଳେ ସାଙ୍ଗରେ ବ୍ୟକ୍ତିଗତ ପରିଚୟପତ୍ର, ଅଭିଯୋଗପତ୍ର ସହ ଆସିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଭାରତ-ୟୁରୋପୀୟ ସଂଘ ମଧ୍ୟରେ ଶିକ୍ଷା ଓ ଗବେଷଣା ସମ୍ପର୍କ ନିବିଡ ହେବ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮।୨ (ମହାଭାରତ) :** ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ଥିବା ସମ୍ପର୍କକୁ ଅଧିକ ନିବିଡ ଓ ମଜଭୂତ୍ କରିବା ଦିଗରେ ଆଜି ୟୁରୋପୀୟ ଆୟୋଗର ସାମାଜିକ ଅଧିକାର, ଦକ୍ଷତା, ଗୁଣାତ୍ମକ ଚାକିରି ଏବଂ ପ୍ରସ୍ତୁତି ବିଭାଗର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ରୋକ୍ସାନା ମିଞ୍ଜାତୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି। ଏହି ସାକ୍ଷାତ ଆଲୋଚନା ଅବସରରେ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଶିକ୍ଷାଗତ, ଗବେଷଣା ଏବଂ ଦକ୍ଷତା ବିକାଶ ସମ୍ପର୍କକୁ ଅଧିକ ନିବିଡ କରିବା ସହିତ ସମ୍ଭାବ୍ୟ ଭାଗିଦାରୀ ଉପରେ ଫଳପ୍ରଦ ଆଲୋଚନା ହୋଇଛି। ସ୍ଥାୟୀତ୍ୱ, ପ୍ରଯୁକ୍ତିବିଦ୍ୟା ଏବଂ ଏଆଇ ଭଳି ପାରସ୍ପରିକ ଲାଭଦାୟକ କ୍ଷେତ୍ରରେ ଶିକ୍ଷା ଓ ଦକ୍ଷତା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଭାଗିଦାରୀ ସୃଷ୍ଟି କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି ପାଇଁ ଏକ ଢାଞ୍ଚା ସ୍ଥାପନ କରିବା, ଛାତ୍ରଛାତ୍ରୀଙ୍କ ଦ୍ୱିପାକ୍ଷିକ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ଉପରେ ଦୁଇ ନେତୃତ୍ୱ ବିଚାରବିମର୍ଶ କରିଥିଲେ।



ଅନୁରୂପ ଭାବରେ ଅଧ୍ୟାପକ ବା ଶିକ୍ଷକ ବିନିମୟ, ବିଶ୍ୱବିଦ୍ୟାଳୟ ଗୁଡ଼ିକ ମଧ୍ୟରେ ଜଏଣ୍ଟ/ଡୁଆଲ ଡିଗ୍ରୀ ଏବଂ ଟୁଇନିଂ ପ୍ରୋଗ୍ରାମ ସହ ଭାରତରେ ଥିବା ପ୍ରମୁଖ ୟୁରୋପୀୟ ସଂଘ ବିଶ୍ୱବିଦ୍ୟାଳୟଗୁଡିକର ଅଫସୋର କ୍ୟାମ୍ପସର ସମ୍ଭାବନା ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଶିକ୍ଷଣ ଏବଂ ଦକ୍ଷତା ବ୍ୟବଧାନକୁ ଦୂର କରିବା ସହିତ ଲର୍ଣ୍ଣିଂ ଏବଂ ସ୍କିଲିଂ ଇକୋସିଷ୍ଟମରେ ଉନ୍ନତି ଆଣିବା ପାଇଁ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ସହଯୋଗକୁ ତ୍ୱରାନ୍ୱିତ କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଛି। ପାରସ୍ପରିକ ଶିକ୍ଷା ଓ ଦକ୍ଷତା ଏଜେଣ୍ଡାକୁ ଆଗକୁ ବଢ଼ାଇବା, ଜ୍ଞାନ ସେତୁକୁ ସୁଦୃଢ଼ କରିବା ଏବଂ ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ଗଭୀର ସହଯୋଗକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ପାଇଁ ଏକ ଢାଞ୍ଚା ସୃଷ୍ଟି କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ। ଆଜିର ବୈଠକ ଭାରତ-ୟୁରୋପୀୟ ସଂଘର ଶିକ୍ଷା ଏବଂ ଦକ୍ଷତା ବିକାଶ ଭାଗିଦାରୀରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ପାଇଁ ପଥ ପ୍ରଶସ୍ତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଭାରତ-ୟୁରୋପୀୟ ସଂଘ ରଣନୈତିକ ଭାଗିଦାରୀକୁ ଆହୁରି ଶକ୍ତିଶାଳୀ କରିବା ଏବଂ ନୂତନ ମାନଦଣ୍ଡ ସୃଷ୍ଟି କରିବା ଉପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ୟୁରୋପୀୟ ଆୟୋଗର ଉପାଧ୍ୟକ୍ଷଙ୍କ ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। ଏହି ଆଲୋଚନା କାଳରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ତଥା ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ।

## ଆଇପିଏସ୍ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୮।୨(ମହାଭାରତ):** ଆଇପିଏସ ସ୍ତରରେ ଆଜି ବଡ଼ ଧରଣର ଅଦଳବଦଳ କରାଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅଦଳବଦଳରେ କମିଶନରେଟ ପୁଲିସର ଭୁବନେଶ୍ୱର ଏବଂ କଟକ ଡିସିପିଙ୍କୁ ବଦଳି କରାଯାଇଛି।ଭୁବନେଶ୍ୱର ଡିସିପି ଥିବା ପିନାକ ମିଶ୍ରଙ୍କୁ ଏସଟିଏଫ ଡିଆଇଜି ଭାବେ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ କଟକ ଡିସିପି ଜଗମୋହନ ମୀନାଙ୍କୁ ଭୁବନେଶ୍ୱର ଡିସିପି ଭାବେ ବଦଳି କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ, ବଲାଙ୍ଗୀର ଏସପି ଥିବା କେ ଆର ଦ୍ୟାନଦେଓଙ୍କୁ କଟକ ଡିସିପି ଭାବେ ନିଯୁକ୍ତି ମିଳିଛି। ଭୁବନେଶ୍ୱର ଡିସିପି ଦାୟିତ୍ୱରେ ଥିବା ପିନାକ ମିଶ୍ରଙ୍କୁ ଏସଟିଏଫ ଡିଆଇଜି ଭାବେ ଗୁରୁଦାୟିତ୍ୱ ମିଳିଛି। ଆଇପିଏସ ଏସଏମ ନରଭାଣେଙ୍କୁ ଓଏଚଆରସିର ଡିଜି, ଦୀପ୍ତିଶ ପଟ୍ଟନାୟକଙ୍କୁ ପ୍ରିଣ୍ଟିଂ ଷ୍ଟେସେନାରୀ ଆଣ୍ଡ ପବ୍ଲିକେସନର ନିର୍ଦ୍ଦେଶକ ଭାବେ ନୂଆ ଦାୟିତ୍ୱ ମିଳିଛି। ପ୍ରବୀଣ କୁମାରଙ୍କୁ କେନ୍ଦ୍ରାଞ୍ଚଳ ଆଇଜିପି, ନରସିଂହ ଭୋଳଙ୍କୁ ଭୁବନେଶ୍ୱର-କଟକ ଆଡିସିନାଲ ସିପି, ଦୀପକ କୁମାରଙ୍କୁ ଆଇଜିପି ଅପରେସନ, ଜୟ ନାରାୟଣ ପଙ୍କଜଙ୍କୁ ଆଇଜି ଇଣ୍ଟେଲିଜେନ୍ସ, ସାର୍ଥକ ଷଡଙ୍ଗୀଙ୍କୁ ସିଆଇଡି-ସିବିର ଆଇଜିପି, ନୀତି ଶେଖରଙ୍କୁ ଦକ୍ଷିଣାଞ୍ଚଳ ଆଇଜିପି, ଉମାଶଙ୍କର ଦାସଙ୍କୁ ହୋମଗାର୍ଡ ଓ ଫାୟାର ସର୍ଭିସର ଡିଆଇଜି, ଅଖିଳେଶ୍ୱରଙ୍କୁ ଦକ୍ଷିଣ-ପଶ୍ଚିମାଞ୍ଚଳ ଆଇଜିପି, ଚରଣ ସିଂ ମୀନାଙ୍କୁ ପ୍ରୋଭିଜନିଂ ଡିଆଇଜି, ବି ଗଙ୍ଗାଧରଙ୍କୁ ସିଆଇଡି-ସିବିର ଡିଆଇଜି, ବିବେକାନନ୍ଦ ଶର୍ମାଙ୍କୁ କଟକ ରେଲୱେ ଏସପି ଦାୟିତ୍ୱ ମିଳିଛି। ଏହାବାଦ୍ କଳାହାଣ୍ଡି ଏସପି ଅଭିଲାଷ ଜିଙ୍କୁ ବଲାଙ୍ଗୀରର ନୂଆ ଏସପି ଦାୟିତ୍ୱ ମିଳିଛି। ବୌଦ୍ଧ ଏସପି ଥିବା ନାଗରାଜ ଦେବରକୋଣ୍ଡାଙ୍କୁ କଳାହାଣ୍ଡି ଏସପି ଭାବେ ଦାୟିତ୍ୱ ଦିଆଯାଇଛି। ରାହୁଲ ଗୋଏଲଙ୍କୁ ବୌଦ୍ଧ, କଶ୍ୟପ ପାର୍ଥ ଜଗଦୀଶଙ୍କ ଜୟପୁର ଏସଡିପିଓ, ଅମୃତପାଲ ସିଂଙ୍କୁ ଖୋର୍ଦ୍ଧାର ଅତିରିକ୍ତ ଏସପି, ଅମ୍ରିତପାଲ କୌରଙ୍କୁ ଭୁବନେଶ୍ୱର ସହରାଞ୍ଚଳର ଅତିରିକ୍ତ ଡିସିପି, ସୋନାଲୀ ସିଂ ପରମାରଙ୍କୁ ଭୁବନେଶ୍ୱର ସହରାଞ୍ଚଳର ଏସପି ଭାବେ ଦାୟିତ୍ୱ ମିଳିଛି।

# କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ-ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬-ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ। ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ। ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ। ଏବେ ୫ରୁ୧୦ ମିନିଟ ଗରମ ପାରିରେ ପକାନ୍ତୁ। ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ। ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ।



..... ପରଦା ଖବର .....

# ଉତ୍ତମ-ଅପରାଜିତାଙ୍କ ପ୍ରେମ କାହାଣୀ

ଓଲିଉଡ୍ ସିନେ ଜଗତର ଏଭରଗ୍ରୀନ୍ ଯୋଡି ହେଉଛନ୍ତି ଉତ୍ତମ ଏବଂ ଅପରାଜିତାଙ୍କ ଯୋଡି। ରିଲ୍ ଦୁନିଆରେ ଏହି ଯୋଡି ଯେତିକି ହିଟ୍, ରିଅଲ୍ ଦୁନିଆରେ ମଧ୍ୟ ଏହି ଯୋଡି ସେତିକି ହିଟ୍ । ତେବେ ଶୁଣିବାକୁ ମିଳେ, କୁଆଡେ ଅପରାଜିତାଙ୍କୁ ରାଜି କରିବାକୁ ସେତେବେଳର ଓଲିଉଡ୍ ଷ୍ଟାର ଉତ୍ତମ ମହାନ୍ତିଙ୍କୁ ଲାଗି ଯାଇଥିଲା ଦୀର୍ଘ ୫ ବର୍ଷ ।ଉତ୍ତମ-ଅପରାଜିତାଙ୍କ ଏହି ଯୋଡି ଓଡିଆ ସିନେ ଜଗତର ଅନ୍ୟତମ ଲୋକପ୍ରିୟ ଯୋଡି ଭାବେ ବେଶ ଜଣାଶୁଣା । କୁହାଯାଏ, ଅଶାନ୍ତ ଗ୍ରହ ଫିଲ୍ମର ଯେତେବେଳେ ସୁଟିଂ ଚାଲିଥିଲା, ସେତେବେଳେ ଉତ୍ତମଙ୍କ ସହ ଅପରାଜିତାଙ୍କ ପ୍ରଥମ ଦେଖା ହୁଏ । ଆଉ ତା ପରେ ପରେ କିଛି ଫିଲ୍ମରେ ଏକାଠି ଅଭିନୟ କରିବା ପରେ, ସେତେବେଳେ ଅପରାଜିତାଙ୍କ



ପ୍ରେମରେ ପଡିଯାଆନ୍ତି ଉତ୍ତମ ମହାନ୍ତି । ତେବେ ଅପରାଜିତାଙ୍କୁ ବିବାହ ପାଇଁ ରାଜି କରିବାକୁ ଉତ୍ତମଙ୍କୁ ପ୍ରାୟ ୫ ବର୍ଷ ଲାଗିଯାଇଥିଲା । ତେବେ ଉତ୍ତମ କେବେ ବି ଅପରାଜିତାଙ୍କୁ ପ୍ରେମ ନିବେଦନ କରିନଥିଲେ, ବରଂ ସିଧାସଳଖ ବିବାହ ପ୍ରସ୍ତାବ ଦେଇଥିଲେ । ଉତ୍ତମଙ୍କ ଏହି ପ୍ରେମ ନିବେଦନ ପରେ, ଶେଷରେ ରାଜି ହେଇଥିଲେ ଅପରାଜିତା । ଆଉ ୧୯୮୭ ମସିହା ମେ ମାସ ୧୭ ତାରିଖରେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହେଇଥିଲେ। ଭୁବନେଶ୍ୱରର ମ୍ୟୁନିସିପାଲଟି ଅତିଥି ଭବନରେ ଏହି ବିବାହ ହେଇଥିଲା । ଆଉ ବିବାହର ୨ ବର୍ଷ ପରେ, ଅର୍ଥାତ ୧୯୮୯ ମସିହାରେ ଉତ୍ତମ ଆଉ ଅପରାଜିତାଙ୍କ କୋଳକୁ ଆସିଥିଲେ, ବର୍ତ୍ତମାନର ଓଲିଉଡ୍ ସୁପରଷ୍ଟାର ବାବୁସାନ୍ ମହାନ୍ତି । ତେବେ ଏକଦା ଫିଲ୍ମ ଅଭିନେତା ହେବା ପାଇଁ କୌଣସି ବି ଯୋଜନା କରିନଥିବା ଉତ୍ତମ, ସମୟର ଚକ୍ରରେ ବନିଯାଇଥିଲେ ଓଲିଉଡ୍‌ର ସୁପରଷ୍ଟାର । ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ତାଙ୍କୁ ଯେତିକି ଲୋକପ୍ରିୟ କରିଥିଲା, ସେତିକି ଘରେ ଘରେ ମଧ୍ୟ ପରିଚିତ କରିଥିଲା। ଆଜି ତାଙ୍କ ଅବର୍ତ୍ତମାନରେ ସାରା ଓଡ଼ିଶା ଆଖିରୁ ଲୁହ ଝରୁଛି ।

# ବିନା କାରଣରେ କମୁଛି କି ଆପଣଙ୍କ ଓଜନ ? ସାବଧାନ

ଅନେକ ଥର ହାଇପୋଥାଇରଏଡ ବ୍ୟକ୍ତିମାନଙ୍କ ଓଜନ ବହୁତ ଜଲଦି ହ୍ରାସ ପାଇଥାଏ । ଯଦି ଦୁର୍ବଳ ଲାଗିବା,ମୁଣ୍ଡବିନ୍ଧା, ବାରମ୍ବାର ଭୋକ ଲାଗିବା, ଧ୍ୟାନ କେନ୍ଦ୍ରିତ କରିବାରେ ସମସ୍ୟା ଦେଖାଯିବା ଭଳି ଲକ୍ଷଣ ସହ ଖୁବ୍ ଶୀଘ୍ର ଓଜନ ହ୍ରାସ ପାଇଥାଏ ତେବେ ଏହା ହାଇପୋଥାଇରଏଡର ଲକ୍ଷଣ ହୋଇପାରେ । କିନ୍ତୁ କେବେ ହାଇପୋଥାଇରଏଡ ବ୍ୟକ୍ତିମାନଙ୍କ ଓଲଟା ପ୍ରତିକ୍ରିୟା ମଧ୍ୟ ଦେଖାଯାଇଥାଏ । ଅର୍ଥାତ କିଛି ବ୍ୟକ୍ତିଙ୍କ ବହୁତ ଜଲଦି ବଢିବାକୁ ଲାଗିଥାଏ ।

ଅନେକ ଥର ଚିନ୍ତା କାରଣରୁ ମଣିଷ କମ ଭୋକ ଲାଗିଥାଏ । କମ୍ ଖାଇବା କାରଣରୁ ମଧ୍ୟ ମଣିଷ ଶରୀରକୁ ଆବଶ୍ୟକ ଇନ୍ଧନ ମିଳିପାରିନଥାଏ । ଏଭଳି ପରିସ୍ଥିତିରେ ଶରୀରର ମୋଟାପଣ ଗ୍ଲୁକୋଜରେ ପରିବର୍ତ୍ତନ ହୋଇଥାଏ ଏବଂ ଶରୀର ଏହାକୁ ଇନ୍ଧନ ରୂପେ ବ୍ୟବହାର କରିଥାଏ । ଏହି କାରଣରୁ ମଧ୍ୟ ଓଜନ କମ ହେବାରେ ଲାଗିଥାଏ ।

ଅତ୍ୟଧିକ ଓଜନ ହ୍ରାସ ହେବାର କାରଣ ହେଉଛି ମାନସିକ ରୂପେ ଦୁର୍ବଳ ହେବା । ଯଦି କୌଣସି ବ୍ୟକ୍ତି ମାନସିକ ରୂପେ ସମସ୍ୟାରେ ରହିଥାନ୍ତି ଏବଂ ତାଙ୍କର ଚିକିତ୍ସା ଚାଲିଥାଏ ତେବେ ଏଭଳି ବ୍ୟକ୍ତିଙ୍କର ଓଜନ ଖୁବ୍ ଶୀଘ୍ର ବଢିବାକୁ ଲାଗିଥାଏ କିମ୍ବା କମିଥାଏ ।

ଅନେକ ଘଟଣାରେ ଅଧିକ ପ୍ରେସର ନେବା କାରଣରୁ ମଧ୍ୟ ଓଜନ ହ୍ରାସ ପାଇଥାଏ । ଯେତେବେଳେ ଆମେ କମ ଖାଦ୍ୟ ଖାଇଥାଉ ସେତେବେଳେ ମଧ୍ୟ ଆମ ଶରୀରକୁ ଉଚିତ କ୍ୟାଲୋରୀ ବା ଶକ୍ତି ମିଳିପାରିନଥାଏ । ଏହା ବ୍ୟତୀତ ଲିଭର କିମ୍ବା ହୃଦରୋଗ ସମସ୍ୟା କାରଣରୁ ମଧ୍ୟ ଓଜନ କମ ହୋଇପାରେ । ଏହି କାରଣରୁ ଓଜନ କମ ହେଲେ କେବେ ବି ଅଥଦେଖା କରନ୍ତୁ ନାହିଁ ।

ଅନେକଥର ପେଟ ଏବଂ ଆନ୍ତ୍ରିକ ସମ୍ବନ୍ଧିତ ରୋଗ କାରଣରୁ ଶରୀର ଖାଦ୍ୟକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିପାରିନଥାଏ । ଏବଂ ଯେଉଁ ଖାଦ୍ୟ

# କୋଲେଷ୍ଟର କମ୍ କରେ ନାସପାତି

ଆପଣମାନେ ହୁଏତ ପ୍ରତିଦିନ ସେଓ ଖାଉଥିବେ। କିନ୍ତୁ ପ୍ରତିଦିନ ନାସପାତି ଖାଉଥିବା ଲୋକ ଖୁବ୍ କମ୍। ସେଓ ଭଳି ଆଉ ଏକ ଫଳ ହେଉଛି ନାସପାତି । ଏଥିରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ରହିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ । ଆସନ୍ତୁ ଜାଣିବା କ'ଣ ରହିଛି ନାସପାତିର ଫାଇଦା...

ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ । ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ । ନାସପାତିରେ ଥିବା ପୋକଟିନ ନାମକ ତତ୍ତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁଞ୍ଜ ରାମବାଣ ହୋଇଥାଏ ।

ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ ।



ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରିଏଣ୍ଟସ୍ ରହିଥାଏ । ଯାହା ଶରୀରର ଇମ୍ୟୁନିଟ୍ ବଢାଇଥାଏ । ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ ।

ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ । ଯାହା ହିମୋଗ୍ଲୋବିନର ସ୍ତର ବଢାଇଥାଏ । ଏନିମିୟା ଗସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି ।

ନାସପାତିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ ।

ନାସପାତିରେ ପୋକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ ।

ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ। ଏଥିରେ ଥିବା ଫାଇବର ଆପଣଙ୍କ ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ। ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ ।

# ଗୃହରେ ରଖନ୍ତୁ ହାତୀର ପ୍ରତିମା : ପ୍ରାପ୍ତି ହେବ ଶୁଭଫଳ



ବାସ୍ତୁ, ଜ୍ୟୋତିଷ ଶାସ୍ତ୍ରରେ ହାତୀ ଖୁବ ଶୁଭ ବୋଲି ମାନ୍ୟତା ରହିଛି। ଶାସ୍ତ୍ରରେ ହାତୀ ବିଘ୍ନହର୍ତ୍ତା ପ୍ରଭୁ ଗଣେଶ ଓ ଧନର ଦେବୀ ମା'ଲକ୍ଷ୍ମୀଙ୍କ ସହ ଜଡ଼ିତ ରହିଛନ୍ତି। ଜାଣନ୍ତୁ ହାତୀଙ୍କ ଫଟୋ, ଚିତ୍ର କିମ୍ବା ପ୍ରତିମା ଘରେ ରଖିବା ଦ୍ୱାରା କି କି ଶୁଭଫଳ ପ୍ରାପ୍ତି ହୋଇଥାଏ...

■ ଶୟନ କକ୍ଷରେ ପିତ୍ତଳରେ ନିର୍ମିତ ହାତୀଙ୍କ ପ୍ରତିମା ରଖିବା ଦ୍ୱାରା କିମ୍ବା ହାତୀଙ୍କ ବଡ଼ ଫଟୋ ଲଗାଇଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ।

■ ପିତ୍ତଳର ହାତୀ ଘରର ବୈଠକ ଘରେ ରଖିବା ଦ୍ୱାରା ଏହା ଶାନ୍ତି ଓ ସମୃଦ୍ଧି ଆଣିଥାଏ। ଜୀବନରେ ସଫଳତା ମଧ୍ୟ ଆସିଥାଏ।

■ ଘରେ କିମ୍ବା ପର୍ସରେ ଛୋଟ ଋପିର ହାତୀ ରଖିବା ଦ୍ୱାରା ସନ୍ତାନ କଷ୍ଟ ଦୂର ହୋଇଥାଏ ଓ ବେପାରରେ ଲାଭ ମିଳିଥାଏ।

■ ଋପିରେ ନିର୍ମିତ ହାତୀ ଘରର ଉତ୍ତର ଦିଗରେ ରଖିବା ଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ। ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ ।

■ ପେଙ୍ଗସୁଇ ଅନୁଯାୟୀ ହାତୀର ଫଟୋ କିମ୍ବା ମୂର୍ତ୍ତି ଘରେ ରଖିବା ଦ୍ୱାରା ସକରାତ୍ମକ ଶକ୍ତି ପ୍ରବେଶ କରିବା ସହ ଧନ ପ୍ରାପ୍ତି ହୋଇଥାଏ। ଘରେ ସୁଖଶାନ୍ତି ପ୍ରବେଶ କରିଥାଏ। ଶୁଣ୍ଢ ଉପରକୁ ହୋଇ ରହିଥିବା ହାତୀର ପ୍ରତିମା ରଖିବା ଦ୍ୱାରା ଧନସମ୍ପତ୍ତି ବୃଦ୍ଧି ଓ ବିଭିନ୍ନ କ୍ଷେତ୍ରରେ ଉନ୍ନତି ହୋଇଥାଏ।



# କଣ କୁହେ ପାପୁଲିର ଏମ ଅକ୍ଷର ...

ମଣିଷ କାହିଁ କେଉଁ ଯୁଗରୁ ଭାଗ୍ୟ ଓ ଜ୍ୟୋତିଷଶାସ୍ତ୍ର ଉପରେ ବିଶ୍ୱାସ କରି ଆସୁଛି। ଆଜି ମଧ୍ୟ ବିଶ୍ୱାସ କରୁଛି। ଏହି ଜ୍ୟୋତିଷ ଶାସ୍ତ୍ରରେ ଆମ ଭାଗ୍ୟ ଓ ଭବିଷ୍ୟତର ସୂଚନା ମିଳିଥାଏ। ତେବେ ହସ୍ତ ରେଖାରୁ ମଧ୍ୟ ଏହାର ସୂଚନା ମିଳେ। ଆଜି



ଆସନ୍ତୁ ହସ୍ତ ରେଖାରୁ କିଛି ଜାଣିବା।

ଆମ ହାତରେ ଚାରୋଟି ମୁଖ୍ୟ ରେଖା ଥାଏ । ଜୀବନ ରେଖା, ମସ୍ତିଷ୍କ ରେଖା, ହୃଦୟ ରେଖା ଏବଂ ଭାଗ୍ୟ ରେଖା । ଏହି ୪ଟି ରେଖା ମଣିଷ ଜୀବନରେ ସର୍ବାଧିକ ପ୍ରଭାବ ପକାଇଥାଏ ।ଯଦି ଏହି ଚାରି ରେଖା ସ୍ୱଷ୍ଟ ଥାଏ ତେବେ ସେହି ବ୍ୟକ୍ତି ରାଜା ଭଳି ଜୀବନଯାପନ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ। ଅନ୍ୟପକ୍ଷରେ ଏହି ଚାରୋଟି ରେଖା ଏକତ୍ର ହୋଇ ଉପରୋକ୍ତ ଚିତ୍ର ଅନୁଯାୟୀ ଇଂରାଜୀ ଭାଷାର ଏମ ଅକ୍ଷର ଭଳି ଆକାର ହୋଇଥାନ୍ତି, ତାହେଲେ ସେହି ବ୍ୟକ୍ତି ନିଃସନ୍ଦେହରେ କୋଟିପତି ହୋଇଥାନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଏପରି ବ୍ୟକ୍ତି ଭଗବାନଙ୍କର ଅତି ପ୍ରିୟ ଅଟନ୍ତ। ଏହି ବ୍ୟକ୍ତିମାନଙ୍କୁ ଆଦର୍ଶ ବ୍ୟକ୍ତି ଭାବରେ ବିବେଚନା କରାଯାଏ। ଏହିପରି ଲୋକମାନେ ଅତି ନିର୍ଭୀକ, ଇଶ୍ୱରବିଶ୍ୱାସୀ , ବୁଦ୍ଧିମାନ, ସଚ୍ଚୋଟ ଏବଂ ସଫଳ ଅଟନ୍ତି । ଏମାନଙ୍କ ହୃଦୟ ବେଶ ପରିଷ୍କାର ବା ନିଷ୍କପଟ। ଏପରି ହସ୍ତରେଖାର ବ୍ୟକ୍ତିମାନେ ଯେଉଁ କାମ କରିବା ପାଇଁ ନିଷ୍ପତ୍ତି ନିଅନ୍ତି ତାକୁ ସର୍ବଦା ସଂପୂର୍ଣ୍ଣ କରିଥାନ୍ତି। ଯଦିଓ ସମଗ୍ର ବିଶ୍ୱ ସେମାନଙ୍କ ବିରୁଦ୍ଧରେ ଥାଏ ତଥାପି ବି ସେମାନେ ପଛଘୁଞ୍ଚା ନ ଦେଇ କାର୍ଯ୍ୟ ପୁରା କରିଥାନ୍ତି । ଏମାନେ ଜଣେ ସଚ୍ଚୋଟ ଜୀବନସାଥୀ ପାଇଥାନ୍ତି ଏବଂ ବ୍ୟବସାୟରେ ତାଙ୍କ ଜୀବନସାଥୀ ତାଙ୍କୁ ପୁରା ସହଯୋଗ କରିଥାନ୍ତି। ଏମାନେ ଯାହା ସହ ବନ୍ଧୁତା ସ୍ଥାପନ କରନ୍ତି ସେମାନଙ୍କ ଭାଗ୍ୟ ଖୋଲିଯାଏ। ଯଦି ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ହାତରେ ଏମ ଅକ୍ଷର ପାଆନ୍ତି ତେବେ ଏହାର ଅର୍ଥ ହେଉଛି ସେମାନେ ଦୁନିଆର ସବୁଠାରୁ ଭାଗ୍ୟଶାଳୀ ଦମ୍ପତି। ସେମାନଙ୍କର ଯୋଡି ଏକ ଆଦର୍ଶ ଯୋଡି ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# ପରିକଳ୍ପିତ ମହାନଦୀ ଅବବାହିକା ବିକାଶ ସମ୍ପର୍କରେ ବୈଠକ

ଭୁବନେଶ୍ୱର,୨୮।୨ (ମହାଭାରତ): ଓଡ଼ିଶା ସରକାର, ନଗର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ପରିବେଶ ବିଶେଷଜ୍ଞଙ୍କ ସହଯୋଗରେ, ମହାନଦୀ ଜଳପ୍ରାନ୍ତ ପ୍ରକଳ୍ପର ପରିକଳ୍ପନା କାର୍ଯ୍ୟକାରୀ କରିବାକୁଯାଉଛନ୍ତି। ଏହି ପରିବର୍ତ୍ତନକାରୀ ପଦକ୍ଷେପ ମହାନଦୀ ନଦୀପ୍ରାନ୍ତକୁ ପୁନଃପରିଭାଷିତ କରିବା ପାଇଁ ସ୍ଥିର କରାଯାଇଛି, ଏହାକୁ ଏକ ସ୍ପନ୍ଦନଶୀଳ, ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ସ୍ଥାନରେ ପରିଣତ କରିବା ପାଇଁ ଯାହା ପରିବେଶଗତ ସଂରକ୍ଷଣକୁ ସହରାଂଚଳ ବିକାଶ ସହିତ ମିଶ୍ରଣ କରିବ। ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ଜୀବନର ଗୁଣବତ୍ତା ବୃଦ୍ଧି କରିବ, ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ଏବଂ ନଦୀର ସମୃଦ୍ଧ ସାଂସ୍କୃତିକ, ଐତିହାସିକ ଏବଂ ପରିବେଶଗତ ଐତିହ୍ୟକୁ ସଂରକ୍ଷଣ କରିବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଟକର ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ, କଟକ-ବାରବାଟୀ ବିଧାୟକ ଶ୍ରୀମତୀ ସୋଫିଆ ଫିରଦୋସ, କଟକ-ଚୌଦ୍ୱାର ବିଧାୟକ ଶ୍ରୀ ସୌଭିକ ବିଶ୍ୱାଳ , କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ , ମେୟର ଉଗଉ ସୁଭାଷ ସିଂହ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ , କଲେକ୍ଟର କଟକ, ଠଉ ଉଉଇ, କମିଶନର ଉଗଉ , ଜଳସମ୍ପଦ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ବରିଷ୍ଠ ଅଧିକାରୀ ଖାରବେଳ ଭବନରେ ଅନୁଷ୍ଠିତ ଉକ୍ତ ବୈଠକରେ ଉପସ୍ଥିତ ଥିଲେ ଏବଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେମାନେ ଡି ପି ଆର ଅନୁଯାୟୀ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଅତି କମରେ ବାଲିଯାତ୍ରା ପଡିଆ ଆଗାମୀ ବାଲିଯାତ୍ରା ପୂର୍ବରୁ ସେହି ଅନୁସାରେ ପ୍ରସ୍ତୁତ ହୋଇପାରେ।



ମହାନଦୀ ଜଳପ୍ରାନ୍ତ ବିକାଶକୁ ଏକ ବିଶ୍ୱସ୍ତରୀୟ ସହରାଂଚଳ ଏବଂ ମନୋରଞ୍ଜନ ସ୍ଥାନ ଭାବରେ କଳ୍ପନା କରାଯାଇଛି ଯାହା ସ୍ଥାନୀୟ ସମ୍ପ୍ରଦାୟର ଆବଶ୍ୟକତା ପୂରଣ କରେ, ପରିବେଶଗତ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରେ, ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରେ ଏବଂ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରେ। ଏହା ସବୁଜ ଭିତ୍ତିଭୂମି, ସାଂସ୍କୃତିକ ସଂରକ୍ଷଣ ଏବଂ ଆଧୁନିକ ସହରାଂଚଳ ଯୋଜନାକୁ ସମନ୍ୱିତ କରି ଅବକାଶ, ବାଣିଜ୍ୟ, ପର୍ଯ୍ୟଟନ ଏବଂ ପରିବେଶ ସଚେତନତାର ଏକ ଗତିଶୀଳ ମିଶ୍ରଣ ସୃଷ୍ଟି କରିବ।

ମହାନଦୀର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ, ପ୍ରକଳ୍ପଟି ଜଳ ଗୁଣବତ୍ତା ପରିଚାଳନା, ବର୍ଜ୍ୟବସ୍ତୁ ବିଶୋଧନ ପ୍ଲାଂଟ ଏବଂ ଜଳୀୟ ଜୈବ ବିବିଧତାକୁ ସୁରକ୍ଷା ଉପରେ ଧ୍ୟାନ ଦେବ। ଜଳପ୍ରାନ୍ତରେ ଆବାସିକ ୟୁନିଟ୍, ବାଣିଜ୍ୟିକ କ୍ଷେତ୍ର, ମନୋରଞ୍ଜନ ସୁବିଧା ଏବଂ ସାଧାରଣ ସୁବିଧା ସମେତ ମିଶ୍ରିତ ବ୍ୟବହାର ସ୍ଥାନ ରହିବ। ବିକାଶ ସବୁଜ ସ୍ଥାନ, ପଦଯାତ୍ରୀ-ଅନୁକୂଳ ପଦଯାତ୍ରା, ସାଇକେଲିଂ ପଥ ଏବଂ ସୁସଂଯୁକ୍ତ ପରିବହନ ବ୍ୟବସ୍ଥା ଉପରେ ଧ୍ୟାନ ଦେବ। ଦକ୍ଷ ବର୍ଜ୍ୟବସ୍ତୁ ପରିଚାଳନା, ଜଳ ନିରୀକ୍ଷଣ ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସ୍ମାର୍ଟ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରାଯିବ।ଏକ ପ୍ରମୁଖ ପରିବେଶ-ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ଭାବରେ.ସ୍ୱୀକୃତି ଲାଭ କରିବ କ୍ଷ ଇଭେଂଟ ସ୍ଥାନଗୁଡ଼ିକ ସଙ୍ଗୀତ ଏବଂ ଖାଦ୍ୟ ଉତ୍ସବ, ସ୍ଥାନୀୟ ସାଂସ୍କୃତିକ ପ୍ରଦର୍ଶନ ଏବଂ ଅନ୍ୟାନ୍ୟ ଆୟୋଜନ କରିବ, ଯାହା ଜାତୀୟ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବ। ପ୍ରକଳ୍ପଟି ବରିଷ୍ଠ, ପିଲା ଏବଂ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ପାଇଁ ସୁଗମ ପାର୍କ, ଖେଳପଡ଼ିଆ ଏବଂ ମନୋରଞ୍ଜନ କ୍ଷେତ୍ର ସୃଷ୍ଟି କରିବ। ଏହା ସ୍ଥାନୀୟ କାରିଗର, ଚାଷୀ ଏବଂ ଛୋଟ ବ୍ୟବସାୟଗୁଡ଼ିକୁ ବଜାର ଏବଂ କିଓସ୍କ ସ୍ଥାପନ କରିବାକୁ ଉତ୍ସାହିତ କରିବ, ଯାହା ସ୍ୱଦେଶୀ କାରିଗରୀ ଏବଂ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରିବ। ଋତୁକାଳୀନ ବନ୍ୟାର ବିପଦକୁ ହ୍ରାସ କରିବା ପାଇଁ, ଜଳପ୍ରବେଶରେ ବନ୍ୟା ସୁରକ୍ଷା ଭିତ୍ତିଭୂମି, ଯେପରିକି ବନ୍ଧ, ଉଚ୍ଚ ପଦଯାତ୍ରା ରାସ୍ତା ଏବଂ ବନ୍ୟା ପ୍ରତିବନ୍ଧକ ଅନ୍ତର୍ଭୁକ୍ତ କରାଯିବ। ଜଳବାୟୁ ସ୍ଥିରତା ବୃଦ୍ଧି କରିବା ପାଇଁ ବର୍ଷାଜଳ ଅମଳ ଏବଂ ପାରଗମ୍ୟ ପୃଷ୍ଠ ସମେତ ସବୁଜ ଭିତ୍ତିଭୂମି ସମାଧାନଗୁଡ଼ିକୁ ସମନ୍ୱିତ କରାଯିବ। ମହାନଦୀ ଜଳପ୍ରବେଶ ପ୍ରକଳ୍ପ ନିର୍ମାଣ ଏବଂ ପରିଚାଳନା ପର୍ଯ୍ୟାୟ ଉଭୟ ସମୟରେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସ୍ଥାନୀୟ ବ୍ୟବସାୟ, ଆତିଥ୍ୟ , ଶିଳ୍ପ ଏବଂ ସେବା ପ୍ରଦାନକାରୀମାନେ ବର୍ଦ୍ଧିତ ପାଦଚଲା ଏବଂ ବାଣିଜ୍ୟିକ କାର୍ଯ୍ୟକଳାପରୁ ଲାଭ ପାଇବେ। ଏହି ପ୍ରକଳ୍ପ ଏକ ପ୍ରମୁଖ ପରିବର୍ତ୍ତକ ଭାବେ ପରିବେଶଗତ ପରିଚାଳନା, ସାଂସ୍କୃତିକ ସଂରକ୍ଷଣ ଏବଂ ଆର୍ଥିକ ଅଭିବୃଦ୍ଧି ସହିତ ବିକାଶକୁ ସନ୍ତୁଳିତ କରିବ। ମନୋରଞ୍ଜନ, ପର୍ଯ୍ୟଟନ ଏବଂ ସହରାଂଚଳ ଜୀବନଯାପନ ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ, ଏହି ଜଳପ୍ରବେଶ ମହାନଦୀ କୂଳରେ ରହୁଥିବା ଲୋକଙ୍କ ଜୀବନକୁ ଉନ୍ନତ କରିବ ଏବଂ ବିଶ୍ୱର ପରିଦର୍ଶକଙ୍କ ପାଇଁ ଏକ ବିଶ୍ୱସ୍ତରୀୟ ଅଭିଜ୍ଞତା ପ୍ରଦାନ କରିବ ।

## ପୂର୍ବତଟ ରେଳପଥ ପକ୍ଷରୁ ତୀର୍ଥଯାତ୍ରୀଙ୍କ ପାଇଁ ୬୦ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୨୮।୨ (ମହାଭାରତ): ମାତ୍ର ୪୨ ଦିନରେ ୧୫,୦୦୦ରୁ ଅଧିକ ଟ୍ରେନ୍ ପରିଚାଳନା କରି ଭାରତୀୟ ରେଳବାଇ ଚଳିତ ମହାକୁମ୍ଭ ୨୦୨୫ ସମୟରେ ଏକ ଉଲ୍ଲେଖନୀୟ ରେକର୍ଡ ସୃଷ୍ଟି କରିଛି ଯାହା ପ୍ରାରମ୍ଭିକ ଲକ୍ଷ୍ୟ ୧୩,୫୦୦ ଟ୍ରେନ୍ ଅପେକ୍ଷା ବହୁତ ଅଧିକ। ଏହି ରେକର୍ଡ ଭାଙ୍ଗିବା କାର୍ଯ୍ୟରେ ସାରା ଦେଶରୁ ଯାତ୍ରା କରୁଥିବା ତୀର୍ଥଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ଉଦ୍ଦିଷ୍ଟ ଅନେକ ସ୍ୱତନ୍ତ୍ର ଟ୍ରେନ୍ ଅନ୍ତର୍ଭୁକ୍ତ ଯେଉଁଥିରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅବଦାନ ମଧ୍ୟ ରହିଛି। ପୂର୍ବତଟ ରେଳପଥ ଓଡ଼ିଶାର ୨୫ଟି ପ୍ରମୁଖ ସହରରୁ ୬୦ଟି ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରି ତୀର୍ଥଯାତ୍ରୀଙ୍କ ଯାତ୍ରାକୁ ସହଜ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଟ୍ରେନ୍ ଗୁଡ଼ିକ ପବିତ୍ର ପ୍ରୟାଗରାଜ ସହରରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ସଙ୍ଗମରେ ସ୍ନାନ କରିବା ପାଇଁ ଯାତ୍ରା କରୁଥିବା ଭକ୍ତମାନଙ୍କୁ ସୁଗମ ସଂଯୋଗ ପ୍ରଦାନ କରିଛି ଯାହା ମହାକୁମ୍ଭ ସମୟରେ ଏକ ପ୍ରମୁଖ ରୀତି।

ନିୟମିତ ଟ୍ରେନ୍ ସେବା ସହିତ ରେଳ ପ୍ରଶାସନ ସୁନିଶ୍ଚିତ କରିଥିଲା ଯେ ଓଡ଼ିଶାର ପ୍ରତ୍ୟେକ କୋଣରୁ ତୀର୍ଥଯାତ୍ରୀମାନେ ନିକଟବର୍ତ୍ତୀ ଅଂଚଳ ଏବଂ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରୁ ଟ୍ରେନ୍ ଚଢ଼ିପାରିବେ। ପୁରୀ, ଭୁବନେଶ୍ୱର, କଟକ, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ବାଲୁଗାଁ, ଯାଜପୁର କେଉଁଝର ରୋଡ୍, ଯଖପୁରା, ଭଦ୍ରକ, ବାଲେଶ୍ୱର, କେନ୍ଦୁଝରଗଡ଼, ଢେଙ୍କାନାଳ, ସମ୍ବଲପୁର, ରାୟଗଡ଼ା, ଟିଟିଲାଗଡ଼, ବଲାଙ୍ଗୀର ଏବଂ ଅନ୍ୟାନ୍ୟ ସହରଗୁଡ଼ିକୁ ସମର୍ପିତ ସ୍ୱତନ୍ତ୍ର ଟ୍ରେନ୍ ମାଧ୍ୟମରେ ପ୍ରୟାଗରାଜ ସହିତ ସଂଯୋଗ କରାଯାଇଥିଲା। ତୀର୍ଥଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ଅତିରିକ୍ତ ବ୍ୟବସ୍ଥା ମଧ୍ୟ କରିଥିଲା ଯେଉଁଥିରେ ପ୍ରୟାଗରାଜ ନିକଟରେ ଅତିରିକ୍ତ ରେକ୍ ରଖାଯାଇଥିଲା ଯାହାକୁ ଆବଶ୍ୟକତା ଅନୁସାରେ ବ୍ୟବହାର କରାଯାଇପାରିବ। କୁମ୍ଭ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ନାନ ତାରିଖ ମଧ୍ୟରୁ ମହା ଶିବରାତ୍ରି ସ୍ନାନ ପରେ ବିଶେଷ ବ୍ୟବସ୍ଥା କରାଯାଇଥିଲା ଯାହା ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ ସୁଗମ ଯାତ୍ରା ସୁନିଶ୍ଚିତ କରିଥିଲା।

ସ୍ୱତନ୍ତ୍ର ସେବା ସମେତ ୧୫,୦୦୦ ରୁ ଅଧିକ ଟ୍ରେନର ପରିଚାଳନା ଭାରତୀୟ ରେଳବାଇର ଅକ୍ଳାନ୍ତ ପ୍ରୟାସର ପ୍ରମାଣ ଯାହାକୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିଜେ ତଦାରଖ କରୁଥିଲେ। ରେଳବାଇ ବୋର୍ଡର ଅଧ୍ୟକ୍ଷ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସତୀଶ କୁମାର ମଧ୍ୟ ଏହି କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନକୁ ସକ୍ରିୟ ଭାବରେ ତଦାରଖ କରୁଥିଲେ।

### ରାଜ୍ୟସ୍ତରୀୟ କିଶୋରୀ-କିଶୋର ସମାବେଶ

## ପ୍ରତିଭାର ବିକାଶରେ ସମାଜର ବିକାଶ ସମ୍ଭବ: ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୨ (ମହାଭାରତ): ଯୋଗ ମାଧ୍ୟମରେ ମାନସିକସ୍ତରରେ ସୁସ୍ଥ ରହିଲେ ନିଷ୍ପତ୍ତି ନେବାର କ୍ଷମତା ବୃଦ୍ଧି ପାଇବ। କିଶୋର ବୟସରେ ସୁଯୋଗ ମିଳିଲେ କିଶୋର-କିଶୋରୀମାନଙ୍କ ପ୍ରତିଭା ଓ ଦକ୍ଷତାର ବିକାଶ ହୋଇପାରିବ ଓ ସେମାନଙ୍କ ଭବିଷ୍ୟତ ସହ ସମାଜ ବି ସୁଦୃଢ଼ ହୋଇପାରିବ ବୋଲି ରାଜ୍ୟସ୍ତରୀୟ କିଶୋରୀ-କିଶୋର ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା। ରାଜ୍ୟର ସମସ୍ତ କିଶୋର - କିଶୋରୀ ଜଣେ ଜଣେ ଅଦ୍ୱିକା ଲିଡର ବୋଲି ସେ ଉଲ୍ଲେଖ କରିଛନ୍ତି। ନିଜ ଦକ୍ଷତା ବିକାଶର ନେତୃତ୍ୱ ନେବା ସହ ବାଲ୍ୟ ବିବାହ ଭଳି ସାମାଜିକ ବ୍ୟାଧିକୁ ଦୃଢ଼ ବିରୋଧ କରିବା ପାଇଁ ସେ ପିଲାମାନଙ୍କୁ ପ୍ରେରଣା ଯୋଗାଇଥିଲେ।



ରାଜ୍ୟ ମହିଳା ଶିଶୁ ବିକାଶ ବିଭାଗ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ - ୨୦୨୫ ଉପଲକ୍ଷେ ଅଦ୍ୱିକା କାର୍ଯ୍ୟକ୍ରମ ଅନ୍ତର୍ଗତ ଦ୍ୱିଦିବସୀୟ ରାଜ୍ୟସ୍ତରୀୟ କିଶୋରୀ-କିଶୋର ସମାବେଶ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପିଲାମାନଙ୍କ ସକାଳ ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତା ପରେ କିଶୋର- କିଶୋରୀମାନଙ୍କୁ ଉତ୍ସାହିତ କରିବା ସହ ରାଜ୍ୟସ୍ତରୀୟ ବିଜେତାମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା, ଓଡିଆ। ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ମହିଳା ଓ ଶିଶୁ ବିକାଶର ଏହି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଏହିଭଳି କାର୍ଯ୍ୟକ୍ରମ କିଶୋରୀ- କିଶୋର ମାନଙ୍କ ମଧ୍ୟରେ ନେତୃତ୍ୱ ନେବା, ଦଳଗତ କାର୍ଯ୍ୟ ଓ ଖେଳୁଆଡ଼ ମନଭାବ ଗୁଣ ବିକଶିତ କରିବାରେ ସାହାଯ୍ୟ କରିବ ବୋଲି ସେ ଉଲ୍ଲେଖ କରିଥିଲେ। ବ୍ଲକସ୍ତରରେ ବିଭିନ୍ନ ପ୍ରତିଯୋଗିତା ପରେ ପ୍ରଥମ ଦିବସରେ ରାଜ୍ୟସ୍ତରରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ଯଥା ବାଦ-ବିବାଦ, ନୃତ୍ୟ, ଚିତ୍ରକଳା, ବ୍ୟାଡମିଣ୍ଟନ ଏବଂ ପୁଚି ପ୍ରତିଯୋଗିତା, ଦକ୍ଷତା ବିକାଶ ଯଥା - ହସ୍ତଶିଳ୍ପ, ନେତୃତ୍ୱ ଓ ଆତ୍ମରକ୍ଷା କର୍ମଶାଳା ଓ ସାଂସ୍କୃତିକ ପ୍ରଦର୍ଶନରେ ଲୋକନୃତ୍ୟ ନାଟକ ଓ ସଙ୍ଗୀତ ପ୍ରଦର୍ଶନ, ପ୍ରେରଣାଦାୟୀ ଆଲୋଚନରେ କ୍ୟାରିଅର, ସ୍ୱାସ୍ଥ୍ୟ ଏବଂ ସଶକ୍ତିକରଣ ଉପରେ ବିଶେଷଜ୍ଞ ଆଲୋଚନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାସାୟନିକ ବିପର୍ଯ୍ୟୟ ପ୍ରଶମନ ମୁକାବିଲା ପାଇଁ କସରତ

ଭୁବନେଶ୍ୱର,୨୮।୨ (ମହାଭାରତ):ରାସାୟନିକ ବିପର୍ଯ୍ୟୟର ମୁକାବିଲା ଓ ଏହି ଭଳି ଆପଦକାଳୀନ ସ୍ଥିତିର ସାମ୍ନା କରିବା ପାଇଁ ପ୍ରାକ୍ ପ୍ରସ୍ତୁତି ସ୍ୱରୂପ ୧୬ ଜିଲ୍ଲାର ୨୪ଟି ଶିକ୍ଷାନୁଷ୍ଠାନଠାରେ ମକ୍ ଏକ୍ସରସାଇଜ ଅନୁଷ୍ଠିତ ହୋଇଯାଇଛି। ଏହି ମକ୍ ଏକ୍ସରସାଇଜରେ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟର ଶିଳ୍ପ ଅନୁଷ୍ଠାନଗୁଡ଼ିକରେ ଯଦି ଭବିଷ୍ୟତରେ କୌଣସି ପ୍ରକାର ରାସାୟନିକ ଗ୍ୟାସ୍ ଲିକ୍ ହୁଏ, ବିସ୍ଫୋରଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦୁର୍ଘଟଣା ଘଟିଲେ ତାହାକୁ ତ୍ୱରିତ ବେଗରେ ପ୍ରଭାବଶାଳୀ ଢଙ୍ଗରେ କିପରି ପ୍ରଶମନ କରାଯାଇପାରିବ ସେ ସଂପର୍କରେ ସତର୍କ ଓ ପ୍ରସ୍ତୁତ ରହିବା ଦରକାର, ଏହା ହେଉଛି ସେହି ସଂପର୍କିତ ଏକ ଜରୁରୀକାଳୀନ ତାଲିମ। ଏଥିରେ ଜିଲ୍ଲା ପ୍ରଶାସନ, ଶିଳ୍ପ ସଂସ୍ଥା, ଜାତୀୟ ଓ ରାଜ୍ୟସ୍ତରୀୟ ଉଦ୍ଧାରକାରୀ ଦଳ, ସ୍ୱେଚ୍ଛାସେବୀ ଓ ପ୍ରଭାବିତ ହେବାକୁ ଥିବା ଜନସାଧାରଣ ସମସ୍ତେ ଏହି ଭଳି ପ୍ରାକ୍ ପ୍ରସ୍ତୁତିରେ ସାମିଲ ହୋଇଥିଲେ।




ଏହି ମକ୍ ଏକ୍ସରସାଇଜରେ ଜରୁରୀକାଳୀନ ପ୍ରତିକ୍ରିୟାକୁ ଶୃଙ୍ଖଳିତ କରିବା, ଖାଲିଥିବା ସ୍ଥାନ ଚିହ୍ନଟ କରିବା, ପ୍ରାରମ୍ଭିକ ଚେତାବନୀ, ସତର୍କତା, ନିରାପତ୍ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିକ୍ଷାନୁଷ୍ଠାନଗୁଡ଼ିକର ଗଚ୍ଛିତ ରାସାୟନିକ ପଦାର୍ଥ ଏବଂ ବିପଜ୍ଜନକ ଓ ଦହନଶୀଳ ସାମଗ୍ରୀଗୁଡ଼ିକ ଏହି ଆଧାରରେ ଚିହ୍ନଟ କରି ମକ୍ ଏକ୍ସରସାଇଜ ଅନୁଷ୍ଠିତ ହୋଇଥିଲା। ଆପଦକାଳୀନ ପରିସ୍ଥିତିର ସାମ୍ନା କରିବାର ପ୍ରସ୍ତୁତି ସ୍ୱରୂପ ନିକଟସ୍ଥ ଗ୍ରାମବାସୀମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଏନଡିଆରଏଫ୍, ଓଡ୍ରାଫ୍, ସିଆଇଏସଏଫ୍, ଜିଲ୍ଲା ପ୍ରଶାସନ, ସ୍ଥାନୀୟ ପ୍ରଶାସନ, ଶିକ୍ଷାନୁଷ୍ଠାନ, ସ୍ଥାନୀୟ ପୋଲିସ, ଅଗ୍ନିଶମ ବିଭାଗ, ଡାକ୍ତରୀ ଦଳ, ପଞ୍ଚାୟତିରାଜ ସଂସ୍ଥାର ପ୍ରତିନିଧ ଏହି ଭଳି ପ୍ରାକ୍ ପ୍ରସ୍ତୁତିରେ ସାମିଲ ହୋଇଥିଲେ। ଏହା ସହ ଫ୍ୟାକ୍ଟ୍ରି ଓ ବଏଲର ନିର୍ଦ୍ଦେଶାଳୟ, ରାଜ୍ୟ ପ୍ରଦୂଷଣ ବୋର୍ଡ, ଭାରତୀୟ ସେନା, ବାୟୁସେନା, ନୌସେନା, ସିଆଇଏସ୍ଏଫ୍ ଭଳି ସଂଗଠନରୁ ରାଜ୍ୟସ୍ତରୀୟ ବୈଷୟିକ ପର୍ଯ୍ୟବେକ୍ଷକମାନଙ୍କୁ ନିୟୋଜିତ କରାଯାଇଥିଲା। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅବସରପ୍ରାପ୍ତ କମାଣ୍ଡାଣ୍ଟ ଆଦିତ୍ୟ କୁମାର ରାଜ୍ୟ ଜରୁରୀକାଳିନ ଅପରେସନ ସେଣ୍ଟରଠାରେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ସ୍ତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହିତ ଏହି ମକ ଏକ୍ସରସାଇଜ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଏହି ମକ୍ ଏକ୍ସରସାଇଜ୍ ସମାପ୍ତ ହେବା ପରେ ଭୁବନେଶ୍ୱର ରାଜ୍ୟ ଜରୁରୀକାଳୀନ ଅପରେସନ୍ ସେଣ୍ଟରଠାରେ ଆଭାଷୀ ମାଧ୍ୟମରେ ଆୟୋଜିତ ବୈଠକରେ ୧୬ ଜିଲ୍ଲା ପ୍ରଶାସନର ଅଧିକାରୀ, ଚିହ୍ନଟ ଶିକ୍ଷାନୁଷ୍ଠାନଗୁଡ଼ିକର ପ୍ରତିନିଧି, ମନୋନୀତ ଇନସିଡେଣ୍ଟ କମାଣ୍ଡର ଓ ବୈଷୟିକ ପର୍ଯ୍ୟବେକ୍ଷକମାନେ ଏହି ପ୍ରାକ୍ ପ୍ରସ୍ତୁତି ସଂପର୍କରେ ନିଜ ନିଜର ମତ ଓ ଅନୁଭୂତି ଏବଂ ପ୍ରସ୍ତାବ ଆଗତ କରିଥିଲେ ।

## ମହିଳା କୁମ୍ଭକାରଙ୍କ ଜୀବନ୍ତ ଶିଳ୍ପ ପ୍ରଦର୍ଶନୀ




ଭୁବନେଶ୍ୱର,୨୮।୨ (ମହାଭାରତ): ସୁଭଦ୍ରା ଶକ୍ତି ମେଳା - ୨୦୨୫ ର ସପ୍ତମ ଦିନର ଏକ ପ୍ରମୁଖ ଆକର୍ଷଣ ଥିଲା ଲାଇଭ୍ ପ୍ରଦର୍ଶନ କାଉଣ୍ଟର, ଯାହା ଦର୍ଶକମାନଙ୍କୁ ପ୍ରତ୍ୟକ୍ଷ ଭାବରେ ଶିଳ୍ପକଳା ଅନୁଭବ କରିବାର ଏକ ଅନନ୍ୟ ସୁଯୋଗ ଦେଇଥିଲା। କାରିଗର ଏବଂ ଏସଏଚଜି ମା ମାନଙ୍କ ଦ୍ୱାରା ପ୍ରଦର୍ଶିତ କୁମ୍ଭାର ଶିଳ୍ପ, କାଠ ଶିଳ୍ପ, କାଗଜ ମାଚେ, ଗୋଲଡେନ୍ ଗ୍ରାସ୍, ସବାଇ ଘାସ କଳା ଏବଂ ଲାଖ ଖେଳନା ନିର୍ମାଣ ଆଦି ପ୍ରଦର୍ଶନ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା।ଦର୍ଶକମାନେ ଦକ୍ଷ କାରିଗରଙ୍କ ମାର୍ଗଦର୍ଶନରେ ମାଟିକୁ ଆକାର ଦେବା ଏବଂ ପାରମ୍ପରିକ କୁମ୍ଭାର କଳାରେ ନିଜ ହାତ ଚଳାଇବାର ସୁଯୋଗ ପାଇଥିଲେ। ସପ୍ତମ ସନ୍ଧ୍ୟାରେ ମଞ୍ଚ ଚମତ୍କାର ସାଂସ୍କୃତିକ ପ୍ରଦର୍ଶନ ସହିତ ପ୍ରଜ୍ୱଳିତ ହୋଇଉଠିଥିଲା। ଦର୍ଶକମାନେ ରୂପଶ୍ରୀ ମିଶ୍ରଙ୍କ ଦ୍ୱାରା ଏକ ପାରମ୍ପାରିକ ମନମୋହକ ମାହାରୀ ନୃତ୍ୟ ପରିବେଷଣ ଦେଖିବାର ସୁଯୋଗ ପାଇଥିଲେ, ଯାହା ଓଡ଼ିଆ। ଶାସ୍ତ୍ରୀୟ ନୃତ୍ୟ ଶୈଳୀର ସୌନ୍ଦର୍ଯ୍ୟ ଏବଂ ଭକ୍ତିଭାବକୁ ପ୍ରତିଫଳିତ କରିଥିଲା। ତା'ପରେ ପ୍ରଖ୍ୟାତ ବ୍ୟଙ୍ଗ କବି ଜ୍ଞାନ ହୋତା, ଦୁର୍ଗା ମହାପାତ୍ର, ସତ୍ୟନାଶିଆ। ଏବଂ ସର୍ବଗିଳାଙ୍କ ଦ୍ୱାରା ବ୍ୟଙ୍ଗାତ୍ମକ କବିତା ପରିବେଷଣ କରାଯାଇଥିଲା, ଯାହା ସେମାନଙ୍କର ଚତୁର ଭାଷା ଏବଂ ଚମତ୍କାର ଶବ୍ଦ ବିନ୍ୟାସରେ ଦର୍ଶକମାନଙ୍କୁ ହସାଇ ଥିଲା। ସପ୍ତମ ଦିନ ମଧ୍ୟ ମେଳା ପ୍ରତି ଦର୍ଶକଙ୍କ ଅଭୂତପୂର୍ବ ଆଗ୍ରହ ଜାରି ଠାବ ବେଳେ ସମୁଦାୟ ଦର୍ଶକ ସଂଖ୍ୟା ୨ ଲକ୍ଷରୁ ଅଧିକ ଏବଂ ମୋଟ ବିକ୍ରି ୨.୫ କୋଟି ଟଙ୍କା ଅତିକ୍ରମ କରିଛି। ସୁଭଦ୍ରା ଶକ୍ତି ମେଳା - ୨୦୨୫ରେ ଆଉ ମାତ୍ର ଦୁଇ ଦିନ ବାକି ଥିବାବେଳେ ମହିଳା ଉଦ୍ୟୋଗିତା ଏବଂ ଓଡ଼ିଶାର ସମୃଦ୍ଧ କାରିଗରୀର ଏହି ମହୋତ୍ସବ ପ୍ରତି ଦର୍ଶକଙ୍କ ଉତ୍ସାହ ଚରମ ସୀମାରେ ପହଞ୍ଚିଛି।

## ଓଡ଼ିଶାର ଗୌରବମୟ ଇତିହାସ ଓ ଐତିହ୍ୟ ଯୁବପିଢ଼ିଙ୍କ ପାଇଁ ମାର୍ଗଦର୍ଶକ

ଭୁବନେଶ୍ୱର,୨୮।୨ (ମହାଭାରତ): 'ଓଡ଼ିଶା ହେଉଛି ସମୃଦ୍ଧ କଳା ଓ ସଂସ୍କୃତିର ଭୂମି। ଭାରତର ସ୍ୱାଧୀନତା ସଂଗ୍ରାମ ଓ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ କରିବାରେ ଅନେକ ବରପୁତ୍ରମାନଙ୍କର ଅତୁଳନୀୟ ଅବଦାନ ରହିଛି। ସେହି ବରପୁତ୍ରମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ। ଓଡ଼ିଶାର ଗୌରବମୟ ଇତିହାସ ଓ ଐତିହ୍ୟ ଯୁବପିଢ଼ିଙ୍କ ପାଇଁ ମାର୍ଗଦର୍ଶକ ହେଉ, ବୋଲି କହିଛନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଆଜି ଅଭିଲେଖ ସପ୍ତାହ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ହେଉଛି ଆମ ପରିଚୟ। ଏହା ଆମ ସ୍ୱାଭିମାନ। ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷାର ପରିଚୟ ଦେବା ନିମନ୍ତେ ବହୁ ସାରସ୍ୱତ ସାଧକଙ୍କର ଅବଦାନ ରହିଛି। ଆଗକୁ ଆମ ଭାଷାକୁ ଆମେ ଯେପରି ଡିଜିଟାଲ କ୍ଲାଉଡ଼ରେ ଅନ୍ତର୍ଭୁକ୍ତ କରାଇବା ତାହା ଆମର ଲକ୍ଷ୍ୟ ହେବା ଉଚିତ। ଏଥିସହ ମନ୍ତ୍ରୀ ଶ୍ରୀ ସୂରଜ ଓଡ଼ିଶାର ସାଧୀନତା ସଂଗ୍ରାମର ସ୍ୱର୍ଣ୍ଣିମ ଇତିହାସ ଓ ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କର ବଳିଷ୍ଠ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆଜିଠାରୁ ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଅଭିଲେଖ ସପ୍ତାହ ପାଳନ ଉତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ 'ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିସହିତ ସ୍ୱାଧୀନତା ସଂଗ୍ରାମୀ ସୋମନାଥ ଶତପଥିଙ୍କ ହାତଲେଖା ଡାଏରୀ ଏବଂ ନଥିପତ୍ରକୁ ନେଇ ଏକ ପ୍ରଦର୍ଶନୀର ଆୟୋଜନ ମଧ୍ୟ କରାଯାଇଥିଲା, ଯାହା ଆଗାମୀ ୭ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମନ୍ତ୍ରୀ ଶ୍ରୀ ସୂରଜ ପ୍ରଦର୍ଶନୀ କକ୍ଷକୁ ବୁଲି ଦେଖିବା ସହ ସମସ୍ତ ଜନସାଧାରଣମାନେ ଆଗାମୀ ଦିନରେ ଏହି ପ୍ରଦର୍ଶନୀ କକ୍ଷ ବୁଲି ଦେଖନ୍ତୁ ବୋଲି ମତପ୍ରକାଶ କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ଡ଼. ସୁବାଷ ଚନ୍ଦ୍ର ବାରିକ ଓ ସୁଶ୍ରୀ ନିରୁପମା ଶତପଥି ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ସୋମନାଥ ଶତପଥିଙ୍କ ଜୀବନୀ ସମ୍ବନ୍ଧରେ ଆଲୋଚନା କରିଥିଲେ।

## ବନ ବିଭାଗର ଆରଏସିପି ଅଦାଲତର ଦ୍ୱିତୀୟ ଦିବସ

ଭୁବନେଶ୍ୱର,୨୮।୨ (ମହାଭାରତ): ଆଜି ଅରଣ୍ୟ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଆରଏସିପି ଅଦାଲତର ଦ୍ୱିତୀୟ ଦିବସ ଥିଲା । ଆରଏସିପି ଅଦାଲତ କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ସଚିବ ଶ୍ରୀ ଦେବେନ କୁମାର ପ୍ରଧାନ, ସ୍ୱତନ୍ତ୍ର ସଚିବ ଶ୍ରୀ ଧରମ ହାଂସଦା, ଅତିରିକ୍ତ ସଚିବ ଶ୍ରୀମତୀ ଉଷାରାଣୀ ଦାସ, ଆର୍ଥିକ ପରାମର୍ଶଦାତା ଶ୍ରୀମତୀ କଲ୍ୟାଣୀ ମାଲ୍ଲି, ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀମତୀ ସବିତା ମଲ୍ଲିକ ଅଦାଲତ କମିଟିର ସଦସ୍ୟ/ସଦସ୍ୟା ଭାବରେ ଏବଂ କମିଟିର ସଦସ୍ୟ-ସଂଯୋଜକ ଭାବରେ ଯୁଗ୍ମ ସଚିବ ଶ୍ରୀ ଦିନକୃଷ୍ଣ କର ଏହି ଅଦାଲତରେ ଉପସ୍ଥିତ ଥିଲେ। ଆରଏସିପି ଅଦାଲତ କମିଟିର ଅଧ୍ୟକ୍ଷ ଏବଂ ଅତିରିକ୍ତ ସଚିବ ଶ୍ରୀ ଦେବେନ କୁମାର ପ୍ରଧାନ ପ୍ରକାଶ କରିଥିଲେ ଯେ ଏହି ଆରଏସିପି ଅଦାଲତ କମିଟି ବୈଠକ ମାନ୍ୟବର ଓଡ଼ିଶା ହାଇକୋର୍ଟ ଏବଂ ମୁଖ୍ୟ ସଚିବ, ଓଡ଼ିଶାର ନିର୍ଦ୍ଦେଶରେ ଆହୂତ ହୋଇଛି । ଆଜି ଆରଏସିପି ଅଦାଲତ କମିଟିର ଦ୍ୱିତୀୟ ଦିନ। ଏହି ଅଦାଲତ ଏକ ବଡ଼ ସଫଳତା ଥିଲା କାରଣ ଆରଏସିପିରୁ ବଂଚିତ ବନ ବିଭାଗର ସମସ୍ତ ଅବସରପ୍ରାପ୍ତ ଏବଂ କାର୍ଯ୍ୟରତ କର୍ମଚାରୀମାନେ ସେମାନଙ୍କର ଅଭିଯୋଗର ସମାଧାନ ପାଇଁ ଏହି ଅଦାଲତରେ ଆବେଦନ ଦାଖଲ କରିବାକୁ ରାଜ୍ୟର ଦୂରଦୂରାନ୍ତରୁ

ଆସିଥିଲେ । ଏହି ଅଦାଲତର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବହୁ ସଂଖ୍ୟକ ଆବେଦନରୁ ସ୍ପଷ୍ଟ ହୋଇଛି । ଆରଏସିପି ଅଦାଲତର ଦ୍ୱିତୀୟ ଦିନରେ ପ୍ରାୟ ସମସ୍ତ ସର୍କଲର କର୍ମଚାରୀମାନେ ଆସିଛନ୍ତି । ସହାୟକ ଡକ୍ୟୁମେଂଟଗୁଡ଼ିକର ଉପଯୁକ୍ତ ଯାଂଚ ପରେ ଆଗାମୀ ମାସ ମଧ୍ୟରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ନ୍ୟାୟ ପ୍ରଦାନ କରାଯିବ ।

ଉଲ୍ଲେଖନୀୟ ଯେ ଆରଏସିପି ଅଦାଲତର ଏହି ଦ୍ୱିତୀୟ ଦିନରେ ମୋଟ ୨୫୬ଟି ଆବେଦନ ଗ୍ରହଣ କରାଯାଇଥିଲା ଏବଂ କୋରାପୁଟ, ସମ୍ବଲପୁର, ରାଉରକେଲା, ମୁଖ୍ୟ ବନ ସଂରକ୍ଷକ, ତାଲିମ ଏବଂ ବିକାଶ, କଟକ ଏବଂ ନନ୍ଦନକାନନ ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରୁ କର୍ମଚାରୀମାନେ ଆରଏସିପି ଅଦାଲତରେ ଯୋଗ ଦେଇଥିଲେ। ଆରଏସିପି ଅଦାଲତର ଅଧ୍ୟକ୍ଷ ଶ୍ରୀ ଦେବେନ କୁମାର ପ୍ରଧାନ ଗୋଟିଏ ମାସର ସମୟ ସୀମା ପ୍ରଦାନ କରିଥିଲେ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଏକ ମାସ ମଧ୍ୟରେ ଆବେଦନଗୁଡ଼ିକର ଯାଂଚ ଏବଂ ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଜମି ହଡପ କରିଛି କିଟ୍- ସୂଚନା ଅଧିକାର କର୍ମୀ

ଭୁବନେଶ୍ୱର,୨୮।୨ (ମହାଭାରତ): କିଟ୍ ଲୁଟ କରିଛି, ଜମି ଜଙ୍ଗଲ ଭଳି ଏକର ଏକର ଇଡ଼କୋ ଜମିକୁ ହରି ଲୁଟ କରିଛି । କିଟ ଅନେକ ଜମି ଜାଲିଆତିରେ ହଡ଼ପ କରିଛି। ଯାହା ତଦନ୍ତ ପରିସରଭୁକ୍ତ କରାଯିବା ଉଚିତ ବୋଲି ସୂଚନା ଅଧିକାର କର୍ମୀ ପ୍ରକାଶ ଦାସ କହିଛନ୍ତି। କିଟ୍, କିସ୍ ଅନୁଷ୍ଠାନ ଆମ ଟାର୍ଗେଟ ନୁହେଁ, ଯେଉଁ ବ୍ୟକ୍ତି ଏହାକୁ ଭୁଲ ଢଙ୍ଗରେ ଚଳାଇଛନ୍ତି ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ସରକାର ଏହି ସଂସ୍ଥାକୁ ନିଜ ଅଧୀନକୁ ନେଇ ଯାଆନ୍ତୁ ଏବଂ ସେ ଦୁଇ ମହିଳା କର୍ତ୍ତୃପକ୍ଷ ଏବଂ ଅନ୍ୟ ଲୋକମାନଙ୍କ ଉପରେ ତଦନ୍ତ କରାଯାଉ। ଯେଉଁମାନେ ନେପାଳି ଛାତ୍ର ଛାତ୍ରୀଙ୍କୁ ମାଡ଼ ମାରିବା ସହ ଜାତିଆଣା ମନୋଭାବ, ତାଙ୍କ ଦେଶ ପ୍ରତି ଅସମ୍ମାନ କରିଛନ୍ତି ସେମାନଙ୍କୁ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି ରଖିଛନ୍ତି। ୨୦୧୩- ୧୪ ମସିହାରୁ ଜଂଗଲ ଜମି, ଇଡ଼କୋର ୧୦୮ ଏକର ଜମି ହଡ଼ପ କରିଛି କିଟ୍। ସେ ଉପରେ ତଦନ୍ତ ହେଉ। ଜୁଡିସିଆରୀ ତଦନ୍ତ ହେଉ। ତତ୍କାଳୀନ ଏଜି ଅଶୋକ ପରିଜା କିଟ୍ ପାଇଁ ଲଢ଼ିଥିଲେ, ସେତେବେଳେ ସେ ସମୟରେ ଚର୍ଚ୍ଚା ଜୋର ଧରିଥିଲା।

## ରତ୍ନଭଣ୍ଡାର ରହସ୍ୟ

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଭିତରେ ଥିବା ଅଳଙ୍କାର ଗଣତି ମଣତି କରାଯାଇନି। ଏହା ସୁରକ୍ଷିତ ଅଛି କି ନାହିଁ ସେ ସମ୍ପର୍କରେ ରାଜ୍ୟବାସୀ ଅନ୍ଧାରରେ। ରତ୍ନଭଣ୍ଡାର ରହସ୍ୟ କେବେ ଖୋଲିବ ତାକୁ ରାଜ୍ୟବାସୀ ଅନାଇ ବସିଛନ୍ତି। କିନ୍ତୁ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ସରକାର ଗଠନ ପରେ ରତ୍ନଭଣ୍ଡାର ଖୋଲିବା ନିମନ୍ତେ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଗଲା। ପରିଚାଳନା କମିଟି ସହ ସମନ୍ୱୟ ରକ୍ଷା କରି ଏହି ୧୧ ଜଣିଆ କମିଟି ରତ୍ନଭଣ୍ଡାର ଖୋଲିବାକୁ ପଦକ୍ଷେପ ନେଲେ। କମିଟିରେ ସମାଜର ସବୁ ବର୍ଗର ପ୍ରତିନିଧି ରହିଛନ୍ତି। କିନ୍ତୁ ନିଷ୍ପତ୍ତି ନେବାରେ ଅହେତୁକ ବିଳମ୍ବ ହେତୁ ବହୁ ବିଳମ୍ବରେ ରତ୍ନଭଣ୍ଡାର ଖୋଲାଗଲା। ବାହୁଡ଼ା ପୂର୍ବଦିନ ରତ୍ନଭଣ୍ଡାର ଖୋଲାଗଲା। ଏହା ୮ ଦିନ ବିଳମ୍ବ ହୋଇଗଲା। ଯାହା ବି ହେଉ ରତ୍ନଭଣ୍ଡାର ଚାବି ବୋଲି ପ୍ରଶାସନ ପକ୍ଷରୁ ଯାହା ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିକୁ ଦିଆଗଲା ତାହା ବେକାର ହେଲା। ଏହି ଚାବିରେ ତାଲା ଖୋଲିଲାନି। ବାସ୍ତବରେ ଏହା ଅସଲି ଚାବି ଥିଲା କିମ୍ବା ଅନ୍ୟ କିଛି ଚାବି ଆଣି ଧରାଇ ଦିଆଗଲା ତାହା ଏକ ପ୍ରଶ୍ନବାଚୀ। ତାଲା ଭାଙ୍ଗି ୧୧ ଜଣିଆ କମିଟି ରତ୍ନଭଣ୍ଡାର ଭିତରକୁ ପ୍ରବେଶ କଲେ ସତ, ମାତ୍ର ରତ୍ନଭଣ୍ଡାର ଚାବି ହଜିବା ଏକ ରହସ୍ୟ ହୋଇ ସବୁ ଦିନ ପାଇଁ ରହିଗଲା। କୌଣସି ପ୍ରକାରେ ବାହାର ଏବଂ ଭିତର ରତ୍ନଭଣ୍ଡାରରେ ଥିବା ସମ୍ପଦକୁ ଶ୍ରୀମନ୍ଦିର ଭିତରେ ଥିବା ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଗଲା। କିନ୍ତୁ କାମ ସେତିକିରେ ଅଟକି ଯାଇଛି। ଏ ପର୍ଯ୍ୟନ୍ତ ଅଳଙ୍କାର ଗଣତି ହୋଇନାହିଁ। ଗଣତି ପୂର୍ବରୁ ପ୍ରଥମେ ରତ୍ନଭଣ୍ଡାରକୁ ମରାମତି କରାଯିବ। ମନ୍ତ୍ରୀ କହୁଛନ୍ତି ଖୁବ ଶୀଘ୍ର ଏଏସଆଇ ରତ୍ନଭଣ୍ଡାର ମରାମତି ସାରିବ। କିନ୍ତୁ ମାର୍ଚ୍ଚ ପୂର୍ବରୁ ଗଣତିମଣତି ସରିବା ସମ୍ଭାବନା ନାହିଁ। ରତ୍ନଭଣ୍ଡାର ମରାମତି ଏବଂ ଗଣତି ମଣତି କାହିଁକି ଏକସଙ୍ଗେ ଚାଲିପାରିବ ନାହିଁ ତାହା ବିସ୍ମୟଜନକ। ଉଭୟ ସ୍ଥାନ ଭିନ୍ନ, ଲୋକ ଭିନ୍ନ। ରତ୍ନଭଣ୍ଡାର ଖୋଲାଯିବା ପରେ ମହାପ୍ରଭୁଙ୍କ ସମ୍ପଦ ସବୁ ଠିକ ଅଛି କି ନାହିଁ ତାହା ଜାଣିବାକୁ ରାଜ୍ୟବାସୀ ଉତ୍ସୁକତାର ସହ ଅପେକ୍ଷା କରି ରହିଛନ୍ତି। କିନ୍ତୁ ରତ୍ନଭଣ୍ଡାର କମିଟି ଏଥିଲାଗି ଦିନ ଗଡ଼ାଇ ଚାଲୁଛି। ଏବେ ଜଷ୍ଟିସ ବିଶ୍ୱନାଥ ରଥ ଯାହା କହିଛନ୍ତି ତାହା ସନ୍ଦେହକୁ ଆହୁରି ବଢ଼ାଇ ଦେଇଛି। ଜଷ୍ଟିସ ରଥ କହିଛନ୍ତି ଯେ, ଭିତ ରତ୍ନଭଣ୍ଡାରକୁ ଯିବା ବେଳେ ସେଥିରେ ଲାଗିଥିବା ୩ଟି ତାଲା ମଧ୍ୟରୁ କେବଳ ଗୋଟିଏକରେ ସିଲ ଥିଲା। ବାକି ୨ଟିରେ ସିଲ ନଥିଲା। ଭିତର ରତ୍ନଭଣ୍ଡାରରେ ଥିବା ସିନ୍ଦୁକ ଓ ଆଲମୀରା ମଧ୍ୟରୁ କେତେକ ଖୋଲାଥିଲା। ଏହା କିପରି ସମ୍ଭବ ହେଲା? ଏତେ ମୂଲ୍ୟବାନ ସାମଗ୍ରୀକୁ କିପରି ଏଭଳି ଖାମଖିଆଲି ଭାବେ ଛାଡ଼ି ଦିଆଯାଇଥିଲା? ଭିତରେ ସବୁ ସୁରକ୍ଷିତ ଅଛି କି ନାହିଁ, ତାହା ସନ୍ଦେହରେ। ଗଣତି ମଣତି ପରେ ଏହା ସ୍ପଷ୍ଟ ହେବ। ଏହା କହିଁକି ବିଳମ୍ବ ହେଉଛି ତାହା ବିସ୍ମୟଜନକ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର ରତ୍ନଭଣ୍ଡାରରେ ମହାପ୍ରଭୁଙ୍କ ଅମୂଲ୍ୟ ସାମଗ୍ରୀ ସବୁ ସୁରକ୍ଷିତ ଅଛି କି ନାହିଁ ସେଥିନେଇ ସନ୍ଦେହ ବ୍ୟକ୍ତ କରିଛନ୍ତି। ଏହା ଆଉ ଏକ ବଡ଼ ରହସ୍ୟ। ଏ ରହସ୍ୟ ଶୀଘ୍ର ଉନ୍ମୋଚିତ ହେବା କଥା। ସରକାରୀ ଫାଇଲ ଗୋଟିଏ ଟେବଲରୁ ଅନ୍ୟ ଗୋଟିଏ ଟେବଲକୁ ଯିବାକୁ ଯେପରି ମାସ ମାସ ଲାଗିଯାଏ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲିବା ଏବଂ ଗଣତି ମଣତିକୁ ସେମିତି ଅନେକ ଦିନ ଲାଗିଯାଉଛି। ଏହାର କୌଣସି କାରଣ ନାହିଁ। ରତ୍ନଭଣ୍ଡାର ଖାଲି ଖୋଲି ଦେଲେ ହେବ ନାହିଁ। ଏଥିଲାଗି ସରକାର ବାହାବା ନେବାର କାରଣ ନାହିଁ।

# ବାଇଶି ପାହାଚେ ଖେଳିବ ମୀନ

**॥ ଅଜୟ କୁମାର ବେହେରା ॥**

*;ମୋର ଜଣେ ଅତି ସମ୍ମାନନୀୟ ହାଇସ୍କୁଲର ଶିକ୍ଷକ ଥିଲେ। ତାଙ୍କର ଭଉଣୀ ବିବାହକୁ ଆମର କେତେକୁ ଛାତ୍ରଙ୍କୁ ବିବାହ କାର୍ଯ୍ୟରେ କିଛି କର୍ମୀ ଭାବରେ ସାହାଯ୍ୟ କରିବାକୁ ନିମନ୍ତେ ସେ ମହାଶୟ ପୂର୍ଣ୍ଣ ଦୀକ୍ଷିତ ବୈଷ୍ଣବ। ମତ୍ସ୍ୟ ମାଂସ ପିଆଜ ରସୁଣ ତାଙ୍କର ବର୍ଜନ ସେ ତାଙ୍କ ସ୍ତ୍ରୀଙ୍କୁ କିଛି କାମ ଥିଲେ ଡାକନ୍ତି ହରିବୋଲ ତାଙ୍କ ଭଉଣୀ ବିବାହରେ ଯାତ୍ରୀଙ୍କୁ ନିରାମିଷ ଭୋଜନରେ ଆପ୍ୟାୟିତ ପାଇଁ ରାଜି କରାଇଥିଲେ ହେଲେ ଏକ ସମସ୍ୟା ଥିଲା ବରଘର ବହନିଭାରରେ ମାଛ ଦହି ବ୍ୟବସ୍ଥା କଣ କରାଯାଇପାରିବ। ମୁଁ ତାଙ୍କର ନିକୃଷ୍ଟ ଛାତ୍ରଟିଏ ମୋର ବାପାଙ୍କ ସହିତ ତାଙ୍କର ପିଲାକାଳର ପରିଚୟ।*

ମହାପୁରୁଷଙ୍କ ଭାଷା ସାଙ୍କେତିକ ଭାଷା। ଯବନ, ଅବିଶ୍ୱାସ, ଶାସ୍ତ୍ରଜ୍ଞାନକୁ ଅବଖ୍ୟା କରିବା ବେଳେ ପ୍ରଚାର କରି ତାଙ୍କ ଜ୍ଞାନରେ ଅର୍ଥ କରି ଶସ୍ତା ପନ୍ଥୀ ବୋଲଇବା ଆଉ ଦଳେ ପ୍ରଚାର କରି ଗୁପ୍ତଜ୍ଞାନକୁ ନଜାଣି ଛପାଇ ପ୍ରବଚନ ଦେଇ ରୋଜଗାର କରିବା ଲୋକଙ୍କୁ ଭୟାଳୁ କଥା କହି ନିଜର ମୂଲ୍ୟ ବଢ଼ାଇବା ଏମିତି କେତେ ଫନ୍ଦା ଖୋଲି ଯାଉଛି ବା ମେଲିଯାଉଛି। ମୀନ ଶବ୍ଦ ଉଠିଲେ ଭଗବାନ ମୀନ ଅବତାର ପ୍ରଥମେ ହୋଇଥିଲେ। ସେ ଭକ୍ତଙ୍କୁ ପ୍ରତ୍ୟକ୍ଷ ଉଦ୍ଧାର ତତ୍ତ୍ୱ ଅବତାରରେ ନକଲେ ବି ଭକ୍ତ ସମୁହ ରକ୍ଷା କରିବା ପାଇଁ ରକ୍ଷା ସମ୍ବିଧାନ ଶାସ୍ତ୍ରକୁ ଉଦ୍ଧାର କରିଥିଲେ। ଜଗନ୍ନାଥଙ୍କ ଚକ୍ଷୁ ତ ମୀନର ଚକ୍ଷୁ ସ୍ଥିତି ଦେଖିଲେ ଠିକ ସେପରି ଅଛି। ତାଙ୍କର ଅଙ୍ଗର ଛବି ଅଦ୍ଭୁତ। ମାଛ ନିପାୟା, କୋଉ ପାଦ ଜଗନ୍ନାଥ ତାଙ୍କର ଅଛି କି? ସେ ବାଇଶି ବାଟେ ହିଁ ନବକଳେବର ଧାରଣ ଠାରୁ ରଥ ପାଇଁ ଏଇ ବାଇଶି ପାହାଚ ବାଟେ ସିଂହଦ୍ୱାର ଦେଇ ଓହ୍ଲାନ୍ତି, ଅନ୍ୟ ଚାରିଦ୍ୱାରରେ ସେ ଓହ୍ଲାନ୍ତି ନାହିଁ କି ଅନ୍ୟ ପଟରେ ଏପରି ବାଇଶି ପାହାଚ ନାହିଁ। ଅଦିନରେ ଠାକୁର ବାଇଶି ପାହାଚରେ ଓହ୍ଲାଇ ପାରନ୍ତି ଏହା ଏକ ସଙ୍କେତ ଏଥିରୁ ମିଳୁଛି। ମାଛଙ୍କର ଦୁଇ ପ୍ରକାର ଗତି ଓହ୍ଲାଇବା ଚଢ଼ିବା ଅଛି, ବର୍ଷାଦିନେ ନୂଆ ପାଣି ବର୍ଷା ହେଲେ ପଙ୍କୁଆ ମାଛଙ୍କ ସହିତ ପକ୍ଷୀ ମାଛ ବି ଜଳ ଆସୁଥିବା ଉଚ୍ଚ ସ୍ଥାନରୁ ଦିଗକୁ ଉଠନ୍ତି। ପୁଣି କାର୍ତ୍ତୀକ ନିଗିଡ଼ା ବେଳେ ମାଛ ମାନେ ଜଳର ରହିଲେ ଦିଗକୁ ଭାଦ୍ରବ ଖରା ତାପରେ ଅସହ୍ୟ ତାପ ସହିବା ପରେ ପାଣି ଦିଗକୁ ଗତି କରନ୍ତି। ଯେଉଁମାନେ ପୂର୍ବରୁ ଅନ୍ଧୁଲ ବସାଇ ମାଛ ଧାନ ବିଲରୁ ଧରନ୍ତି ସେ ଏକଥା ନିଶ୍ଚେ ଜାଣନ୍ତି।

ବେଳେ ବେଳେ ଦୁଇ ଗଭୀର ଜଳରେ ମାଛ ବାସ ଓ ବେଳେ ବେଳେ ତୁଠ ତଟରେ ମାଛ ରହିବାକୁ ଭଲ ପାଆନ୍ତି। ଏ ମଧ୍ୟରେ ଶ୍ରୀମନ୍ଦିର ଏକ ବିଓ ଅଞ୍ଚଳରେ ପୂର୍ଣ୍ଣ ପକା ଚଟାଣରେ ମନ୍ଦିର ମାନଙ୍କ ସହିତ ରହିଛି। ତା ମଧ୍ୟରେ ବର୍ଷା ହେଲେ ଜଳ ବଡ଼ଦାଣ୍ଡକୁ ସିଂହଦ୍ୱାର ବାଇଶ ପାହାଚ ବାଟେ କିଛି ବୋହି ଆସେ ମନ୍ଦିର ମଧ୍ୟରେ ମାଛ କେବେ ପ୍ରବେଶ ନାହିଁ ମାଛର ଡିମ୍ବ ଶୁଷ୍କ ହୋଇ ଆକାଶରେ ଉଡି ଏଠାରେ ଜଳର ପ୍ରାବଲ୍ୟ ଜମି ନରହିବାର ଡିମ୍ବରୁ ଛୁଆ ଓ ବଡ଼ ହୋଇନପାରନ୍ତି। ଅତଏବ ଏଇଜଳ ଭିତରେ ମୀନ ରହିବା ସମ୍ଭବ ନୁହେଁ। ଏଣୁ ଏଠାରେ ଉପରୁ ତଳକୁ ଗଡ଼ିବା ହେଉନାହିଁ। ବାକି ରହିଲା ତଳୁ ଉପରକୁ ଉଠିବା ପୂର୍ବେ ପ୍ରାକୃତିକ ନଦୀ ମଙ୍ଗଳା ନଦୀ ବଡ଼ଦାଣ୍ଡ ବଡ଼ଶଙ୍ଖରେ ସମୁଦ୍ରଗାମୀ ବହୁଥିଲା ସେ ବଡ଼ଦାଣ୍ଡର ଜଳ ସମୁଦ୍ରକୁ ନେଇ ଯାଉଥିଲା ଏ ସମୟରେ ବଡ଼ଦାଣ୍ଡ ପକ୍କା କଡ଼ରେ ବଡ଼ ବଡ଼ ନିର୍ମାଣ ସବୁର ବର୍ଷା ଜଳ ସହିତ ବଡ଼ଦାଣ୍ଡ ବର୍ଷାଜଳ ସହିତ ମନ୍ଦିର ଭିତର ବର୍ଷାଜଳ ମିଶି ଜଳପ୍ଲାବନ ବର୍ଷା ଦିନରେ ଜମି ରହୁଛି। ଅନ୍ୟ ଦିନେ ସବୁ ଘରର ବର୍ଷାଜଳ ଡ୍ରେନରେ ଯାଉଛି। ଏ ବର୍ଷା ଦିନେ ଡ୍ରେନ ସହିତ ବଡ଼ଦାଣ୍ଡର ଜଳ ମିଶି ଏକାକାର ଅତଏବ ଡ୍ରେନରେ ପଙ୍କୁଆ ମାଛ ବଢ଼ି ପାରନ୍ତି ପୁଣି ପଙ୍କୁଆ ସ୍ଥାନର ଜଳ ମୁଖ୍ୟ ଡ୍ରେନରେ ପଡୁଛି ତାହା କୌଣସି ବଡ଼ ଜଳଧାରକୁ ବି ଯାଉଛି। ଏହି ଜଳ ଧାରରୁ ଅନେକ ମାଛ ଏଇ ଡ୍ରେନକୁ ଆସି ବାସ କରୁଛନ୍ତି। ପୋକଜୋକ ଆଦି ଖାଇ ବଞ୍ଚୁଛନ୍ତି। ଏ ଜଳର ଉସ ବେଳେ ଏମାନେ ବାଇଶିପାହାଚ ଜଳରେ ଯେ ଅଧିକ ବର୍ଷା ହେଲେ ଉଠି ସଡ ସଡ଼ ହୋଇ ଖୋଳି ଡେଇଁ ଡେଇଁ ଉପରକୁ କାହିଁକି ବା ନ ଉଠିବେ ଏଥିରେ କଉ ଗଡ଼ିଶା ମାଗୁର ରଡା ପରି ମାଛ ହୋଇପାରନ୍ତି। ସେତେବେଳେ ମହାପୁରୁଷ ଲେଖିଥିଲେ ସେତେ କୁଢ଼ିଆ ଚାଙ୍ଗେର ଥିଲା ଜଳ ପ୍ଲାବନ ଏପରି ନଥିଲା କି ଏପରି ହୋଇନଥିଲା ନଳା କୁମ୍ଭାର ଘରୁ ଅଣାଯାଇ ଉଚ୍ଚରୁ ଢ଼ାଲୁ କରି ତଳକୁ ତଳ ଖଞ୍ଜାଯାଇ ବାହାରେ ଜଳ କୌଣସି ମତେ ଦୁର୍ଗନ୍ଧ ବା ପ୍ଲାବନ କରୁନଥିଲା। ମହାପୁରୁଷ କଳ୍ପନା କରିଛନ୍ତି ଲୋକ ଶ୍ରୀକ୍ଷେତ୍ରରେ ଅବେଳ ବଢ଼ିବେ ଏପରି ହେବ ମନ୍ଦିର ବର୍ଷାଜଳ କୋଠ ମାନଙ୍କର ବର୍ଷାଜଳ ବଡ଼ଦାଣ୍ଡରେ ଲହଡି ଭାଙ୍ଗିବ, ଲହଡ଼ି ଭାଙ୍ଗିଲେ ବାଇଶ ପାହାଚରେ ଉଠା ମାଛ ଉଠି ଖେଳିବେ। ତାପରେ ପାଞ୍ଚଟା ବୈଷ୍ଣବ ବିରୁଦ୍ଧାଚାରୀ ମାୟାବୀ ବୈଷ୍ଣବୀ ଲୀଳା ଶ୍ରୀ ମହାପ୍ରସାଦକୁ ଅପବିତ୍ର କରିବାକୁ ଏପରି ଜୀବନ୍ତ ମତ୍ସ୍ୟ ବାଇଶ ପାହାଚରେ ଗୁପ୍ତରେ ଛାଡ଼ି ହାଲ୍ଲା କରି ଏକ ଧର୍ମୀୟ ପରମ୍ପରାରେ ବିଶ୍ୱାସ ହାନୀ କରାଇପାରନ୍ତି।

ମାଛ ହାଟ ଶୁଖୁଆ ହାଟରେ ଅନେକ ଶବ୍ଦ ଲୋକେ ଶବ୍ଦରେ ଅତିଷ୍ଟ ଯେଉଁଠି କେବଳ ପ୍ରଭୁ ଚିନ୍ତା ସେଠାରେ ବହୁଦର୍ଶନାର୍ଥୀ ଯେଉଁମାନେ ଦେଖାସିଖା ଭକ୍ତରେ ଆସିଛନ୍ତି ଏକ ପ୍ରକାର ଜିଜ୍ଞାସୁ ସାଜି କିଛି ବୃଥା ଦର୍ଶନକୁ ଆସିଛନ୍ତି ବା ଯାତ୍ରୀ ସାଜି ମନ୍ଦିରର ସାଜସଜା ମୂର୍ତ୍ତି ଦେଖା ବିଭିନ୍ନ ମହାପ୍ରସାଦ ସେବନ କରିବାକୁ ଆସୁଛନ୍ତି ଏମାନେ ନୀରବ ଭଙ୍ଗ କରି ମଣିମା ମଣିମା ଡାକରେ ବୃଥା ଶବ୍ଦ ମାନ ଯୋଡୁଛନ୍ତି ବାଇଶ ପାହାଚରେ ବୈଚେଁ ଲାଗୁଛି ଏହାବି ମାଟ ହାଟ ପରି ବ୍ୟବସ୍ଥା ବୁଝାପଡୁଛି ପୁଣି ଲୋକେ କିଛି ପାଇଯିବେ ବୋଲି କିଛି ଶ୍ରୀଜଗନ୍ନାଥଙ୍କ ନାମରେ ଯାତ୍ରୀଙ୍କୁ ଭଣ୍ଡାନ୍ତି ଏଇ ବାଇଶ ପାହାଚରେ ଚଢ଼ା ବା ଓହ୍ଲାଇ ବେଳେ ଅଣ୍ଡା ତୁଳସୀ ଚନ୍ଦନ କର୍ପୂର ଫୁଲହାର ଦେଇ ବିଶ୍ୱାସ ଜନ୍ମାଇ ଅପରିଚିତ ଯାତ୍ରୀଙ୍କୁ ଏଠାରେ ଠକାଯିବାର ନଜିର ଏପର୍ଯ୍ୟନ୍ତ ଯାଇନାହିଁ ଏବି ମାଛ ହାଟର ଦୃଶ୍ୟ। ଏଇ୨୨ରେ ଅଛି ୨୨ ଥାଟ ଓ ୨୨ ତନ୍ତ୍ରର ସନ୍ଥ ମୂର୍ଚ୍ଛ ମନ୍ତ୍ର ଚଣ୍ଡୀ ପାଠକ ଏଇ ୨୨ ତନ୍ତ୍ର ସହିତ ନମସ୍ତେ କହି ପଢ଼ନ୍ତି। ୨୨ଥାଟ ସଙ୍ଗୀତ ସାଧନଙ୍କର କଣ୍ଠରେ ସାଧନା ତନ୍ତ୍ର ବି ଏକ ସାଧନା, ଚଣ୍ଡୀପାଠ ସାଧନ ଭ୍ରାନ୍ତି ନାମ ଓ ବିଷ୍ଣୁମାୟା ଏ କ୍ଷେତ୍ରରେ ପୁର୍ବେ ଉଚ୍ଚାରଣରେ ସାଧନା ସୋନ ଉଠନ୍ତି। ଏ ମଧ୍ୟରେ ମୀନ ଦର୍ଶନ ଅର୍ଥ କୁଣ୍ଡଳନୀ ଠିକ କାର୍ଯ୍ୟ ନକଲେ ଦୁଇ ସାଧନା ଭ୍ରଷ୍ଟ ହୁଏ। କୁଣ୍ଡଳନୀରେ ଅଛି ମୀନ ଯେ ସୁଷୁମ୍ନା। ଶିଶୁ ମନା ସାଧକ ବିଦ୍ୟାର ଅଛି। ଏଇ ବିଯୋଗୀର ବିଦ୍ୟା। ମୀନ ଆମ ରାଜ୍ୟର ଶୁଭ ଦ୍ରବ୍ୟ। ଦଧି ମତ୍ସ୍ୟ ଶୁଭ ସଙ୍କେତ ହେଲେ ମତ୍ସ୍ୟ ମଧ୍ୟରେ ମନା, ମତ୍ସ୍ୟ ଏକ ତାମସିକ ଖାଦ୍ୟ, ଏଇ ତାମସିକ ଦ୍ରବ୍ୟମାନ ଏଇ ୨୨ ପାହାଚରେ ଚଢ଼ିବା ବେଳେ ଜଗୁଆଳୀ ଧରି କାଢ଼ି ଦିଅନ୍ତି ଯଥା ଗୁଟ୍ଖା, ସିଗାରେଟ, ବିଡ଼ି, ଦିଆସିଲି ବାହାର ଦ୍ରବ୍ୟ ମନ୍ୟ ପରି ଦ୍ରବ୍ୟକୁ ବିଧର୍ମୀ ହୋଇ ମନ୍ଦିର ପ୍ରବେଶ ପାଇଁ ଚିହ୍ନଟ ହେବା କାର୍ଡ଼ରେ ଧରାପଡ଼ି ସେ ପାହାଚ ଚଢ଼ି ଆଗକୁ ନଯାଇପାରନ୍ତି। ଏବେ ବସ ନଡ଼ିଆ ପରି ଦେଖା ଯିବାରୁ ବାଇଶ ପାହାଚରେ ନଡ଼ିଆ ବି ଧରପଗଡ଼। ଧରା ପଡ଼ିଲାଣି ଫୁଲ ଫଳ ମଧ୍ୟରେ ଲୁଚାଇ ବମ ମନ୍ଦିରକୁ ପ୍ରବେଶ ହୋଇପାରେ ଏହାକି ବହୁ କଡ଼ାକଡ଼ି ଏବି ୨୨ ପାହାଚରେ ଧରାପଡୁଛି। ଏସବୁ ଜଳପରି ପବିତ୍ର ସିନ୍ଦୁର ଦ୍ରବ୍ୟ ବି ଏଠାରେ ଧରପଗଡ଼ ଅବଶ୍ୟ ପିଇବା ପାଣି ଉଡାଜାହାଜରେ ଯାଇ ହେବନାହିଁ ଶ୍ରୀମନ୍ଦିରରେ ବାରଣ କରାଯାଇନାହିଁ। ମାଛ ପରି ଏସବୁ ମନ୍ଦିରରେ ୨୨ ପାହାଚରେ ଧରପଗଡ଼ ଓ ରନ୍ଧି ମାଛପରି ଏ ଡେଇଁ ଡେଇଁ ହାତ ବଦଳାଇ ଭିତରକୁ ଯାଇପାରିବ ନାହିଁ ଗଲେ ବାଇଶ ପାହାଚରେ ପରିତ୍ୟକ୍ତ ହେବ।

ମୋର ଜଣେ ଅତି ସମ୍ମାନନୀୟ ହାଇସ୍କୁଲର ଶିକ୍ଷକ ଥିଲେ। ତାଙ୍କର ଭଉଣୀ ବିବାହକୁ ଆମର କେତେକୁ ଛାତ୍ରଙ୍କୁ ବିବାହ କାର୍ଯ୍ୟରେ କିଛି କର୍ମୀ ଭାବରେ ସାହାଯ୍ୟ କରିବାକୁ ନିମନ୍ତେ ସେ ମହାଶୟ ପୂର୍ଣ୍ଣ ଦୀକ୍ଷିତ ବୈଷ୍ଣବ। ମତ୍ସ୍ୟ ମାଂସ ପିଆଜ ରସୁଣ ତାଙ୍କର ବର୍ଜନ ସେ ତାଙ୍କ ସ୍ତ୍ରୀଙ୍କୁ କିଛି କାମ ଥିଲେ ଡାକନ୍ତି ହରିବୋଲ ତାଙ୍କ ଭଉଣୀ ବିବାହରେ ଯାତ୍ରୀଙ୍କୁ ନିରାମିଷ ଭୋଜନରେ ଆପ୍ୟାୟିତ ପାଇଁ ରାଜି କରାଇଥିଲେ ହେଲେ ଏକ ସମସ୍ୟା ଥିଲା ବରଘର ବହନିଭାରରେ ମାଛ ଦହି ବ୍ୟବସ୍ଥା କଣ କରାଯାଇପାରିବ। ମୁଁ ତାଙ୍କର ନିକୃଷ୍ଟ ଛାତ୍ରଟିଏ ମୋର ବାପାଙ୍କ ସହିତ ତାଙ୍କର ପିଲାକାଳର ପରିଚୟ। ମୋ ବାପା ଏପରି ସଂସ୍କାର ପ୍ରିୟ ଥିଲେ। ଏ ଲାଗି ମୋତେ ପଚାରିଥିଲେ ଏପରି ସ୍ଥିତିରେ କଣ କରଯାଇପାରିବ? ମୋ ବୁଦ୍ଧିରେ ତତକାଳ ମୁଁ କହିଲି ସାର ଏକ ଜୀବନ୍ତ ମାଛକୁ ଏକ ବଡ଼ ଘଡ଼ିରେ ଜିବାଇ ତା ମୁହଁରେ ଦହି ହାଣ୍ଡି ପରି କଦଳୀ ପତ୍ର ଢ଼ଙ୍କଣା ଦେଇ କଣ କାମ ଚଳାଯିବ ତାପରେ ମାଛଟିକୁ କୌଣସି ଜଳାଶୟରେ ଛଡ଼ାଯାଇ ପାରିବ ନାହିଁ। ସେ ମୋତେ ସାବାସ କହି ତାହା ହିଁ କରିଥିଲେ। ମାଛର ଅପବିତ୍ରତାକୁ କଣ ଆମେ ପବିତ୍ରତାରେ ପରିଣତ କରିବା ଅସମ୍ଭବ। କୂଅ, ପୋଖରୀରେ ମାଛ ଅଛନ୍ତି। ସେ ମାଛ ଥିବା ବାସ୍ଥାନ ପାଣିରେ କଣ ଆମେ ସ୍ନାନ କରୁନାହୁଁ। କୂପରେ ପୋଖରୀରେ ବି ମାଛଡିମ୍ବ ଦି ନାଶ ପାଣି ଆମେ ଗଡ଼ିଶା ମାଛ କୂଅରେ ଛାଡୁଛେ ହେଲେ କୂଅ ପାଣି କଣ ଅପବିତ୍ର। କୂଅ ଉଖାଳିବା ବେଳେ ଲୋକେ କୂଅରେ କିଛି ତାଙ୍କର ଶରୀରର ଡବୁଳେ କଣ ଓଝଳା ସମ୍ପୂର୍ଣ୍ଣ ହୁଏ କି ଅତଏବ ଅନେକ ଚଳନୀୟ ମାତ୍ର ଦେବ ମନ୍ଦିର ବିଦୋଷ କରି ଶୁଦ୍ଧି ବୈଷ୍ଣବ ପରିବେଶ ଅଞ୍ଚଳରେ ମାଛ ପ୍ରବେଶ ନିଷେଧ।


**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**


# ସତ୍ୟନାରାୟଣ ପାଳାରେ ଶ୍ରୀଜଗନ୍ନାଥ

**॥ ଅଲେଖ ଚନ୍ଦ୍ର ସାମଲ ॥**

ଶ୍ରୀଜଗନ୍ନାଥ ହେଉଛନ୍ତି ହିନ୍ଦୁମାନଙ୍କର ଧର୍ମଧାରଣା, ଚିନ୍ତା ଓ ଚେତନାର ପ୍ରାଣବିନ୍ଦୁ । ହିନ୍ଦୁ ମାନଙ୍କର ଉଜ୍ଜ୍ୱଳ କାମନା ପୂରଣ ନିମିତ୍ତ ଅର୍ଚ୍ଚନାରେ ମଧ ସେଇ ମହାପ୍ରଭୁଙ୍କର ପ୍ରଭୁତ୍ୱ ଅନୁଭୂତ ହୋଇଥାଏ । ବହୁ ପ୍ରାଚୀନ କାଳରୁ 'ସତ୍ୟନାରାୟଣ' ପୂଜା ପଦ୍ଧତି ହିନ୍ଦୁମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା । ସ୍କନ୍ଦ ପୁରାଣର ରେବାଖଣ୍ଡରେ 'ସତ୍ୟନାରାୟଣ'ଙ୍କ ପ୍ରସଙ୍ଗ ଚାରିଗୋଟି ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଏହି ପୁରାଣରେ ପ୍ରଦତ୍ତ ମତ ଅନୁଯାୟୀ ସତ୍ୟନାରାୟଣ ନିଜ ପୂଜା ସମ୍ବନ୍ଧରେ ନାରଦଙ୍କୁ, ନାରଦ ଶୁକଦେବଙ୍କୁ ଓ ଶୁକ ନୈମିଷ୍ୟାରଣ୍ୟରେ ସନକାଦି ମୁନୀ ମାନଙ୍କୁ କହିଥିଲେ । ସ୍କନ୍ଦ ପୁରାଣର ବର୍ଣ୍ଣିତ ସତ୍ୟନାରାୟଣ ପୂଜା କଥାକୁ ଅନୁଧାନ କଲେ ଜଣାଯାଏ ଯେ କାମନା ପୂରଣ ପାଇଁ ସତ୍ୟନାରାୟଣ ପୂଜା ଏକ ଫଳପ୍ରଦ ମାଧମ ଅଟେ । ତାଙ୍କରି ଆଶୀର୍ବାଦର ସୁଖ, ସମ୍ପଦ, ସନ୍ତାନ, ସୌଭାଗ୍ୟ ପ୍ରଭୃତ ପ୍ରାପ୍ତି ହୋଇଥାଏ । ସ୍କନ୍ଦ ପୁରାଣର ରେବାଖଣ୍ଡରେ କୁହାଯାଇଛି –'ଯସ୍ମିନ୍ କସ୍ମିନ୍ ଦିନେ ମର୍ତ୍ତ୍ୟୋ ଭକ୍ତି ଶ୍ରଦ୍ଧା ସମନ୍ୱିତଃ, ସତ୍ୟନାରାୟଣଂ ଦେବଂ ଯଜେତ୍ ତୁଷ୍ଟୋ ନିଶାମୁଖେ, ପ୍ରସାଦ ଭକ୍ଷୟେତ ଭକ୍ତ୍ୟା ନୃତ୍ୟାଗୀତାଦିଙ୍କ ଚରେତ ଏବଂ କୃତ୍ୱା ମନୁଷ୍ୟାଣାଂ ବାଞ୍ଛାସିଦ୍ଧି ଭବେତ୍ ଧ୍ରୁବମ୍' ।।

କାଳକ୍ରମେ ସତ୍ୟନାରାୟଣଙ୍କ ମୁହଁ ମୁସଲମାନ ମାନଙ୍କର 'ପୀର' ଶବ୍ଦ ମିଳିତ ହୋଇ ସତ୍ୟପୀର ଶବ୍ଦ ଓ ଦେବତାଙ୍କର ମହିମା ପ୍ରସାରିତ ହେଲା । ମିଛ ଦୁନିଆରେ 'ନାରାୟଣ' ହିଁ ଏକମାତ୍ର ସତ୍ୟ ଏବଂ ସତ୍ୟ ମଧ୍ୟରେ ହିଁ ତାଙ୍କର ସ୍ୱରୂପ ପ୍ରକଟିତ ହୋଇଥାଏ । ପରାସୀ ଭାଷାରେ 'ପୀର' ଶବ୍ଦ ଅଲୌକିକ ଶକ୍ତି ସମ୍ପନ୍ନ ଧର୍ମ ପ୍ରତିଷ୍ଠାତାଙ୍କୁ ବୁଝାଇଥାଏ । 'ନାରାୟଣ' ଓ ଧର୍ମ ପ୍ରତିଷ୍ଠାତା ଉଭୟ ଦୃଷ୍ଟିକୋଣରୁ ଚିନ୍ତା କଲେ ରୂପେ ବିଦିତ । 'ହୟଶୀର୍ଷ ପଞ୍ଚରାତ୍ର' ମତରେ ବିଷ୍ଣୁ ପୌଷ ମାସରେ 'ନାରାୟଣ' ଭାବେ ପୂଜିତ ହୁନ୍ତି । ବିଷ୍ଣୁ ଓ ଜଗନ୍ନାଥ ଅଭିନ୍ନ ସତ୍ତା ହୋଇଥିବାରୁ ଜଗନ୍ନାଥଙ୍କୁ ନାରାୟଣ ରୂପେ ଗ୍ରହଣ କରି ନେବାରେ ଶାସ୍ତ୍ରିୟ ଦ୍ୱନ୍ଦ ସୃଷ୍ଟି ହୁଏ ନାହିଁ । ନୀଳାଦ୍ରି ମହୋଦୟରେ ଜଗନ୍ନାଥଙ୍କୁ ନାରାୟଣ ରୂପେ ବର୍ଣ୍ଣନା କରାଯାଇ କୁହାଯାଇଛି – 'ଜଗନ୍ନାଥ ନମସ୍ତେଽସ୍ତୁ ଜଗତାଂ ପତୟେ ନମଃ, ନାରାୟଣ ଜଗଦ୍ଧାମ ଶ୍ୟାମ ସୁନ୍ଦର ରମ୍ୟପତେ ।' ବାମଦେବ ସଂହିତାରେ ଜଗନ୍ନାଥଙ୍କର ନାରାୟଣ ସ୍ୱରୂପ ସଂପର୍କରେ କୁହାଯାଇଛି – 'ଯୋଽୟଂ ନାରାୟଣେଶ କେବଃ ସତିହଂ ନିଳ କନ୍ଦରଃ, ମାୟା ବିଚାର୍ଯ୍ୟଚିତେ ନାହଂ କରୋମି ଚ କରୋତି ସଃ ।।'

'ପୀର' ଶବ୍ଦର ଅର୍ଥ ମଧ୍ୟରେ ଜଗନ୍ନାଥଙ୍କର ରୂପକୁ ଚିନ୍ତା କରାଯାଏ । ଧର୍ମ ପ୍ରତିଷ୍ଠାକୁ ପ୍ରାଧାନ୍ୟ ଦେଇ ଶ୍ରୀକୃଷ୍ଣ ରୂପି ଜଗନ୍ନାଥ ଗୀତାରେ କହିଛନ୍ତି 'ଯଦା ଯଦାହି ଧର୍ମସ୍ୟ... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମୀ ଯୁଗେ ଯୁଗେ । ନାରାୟେଣ ଏବଂ ଧର୍ମ ପ୍ରତିଷ୍ଠାତା ଭାବେ ଗୃହିତ ଜଗନ୍ନାଥ ସତ୍ୟନାରାୟଣ ଓ ସତ୍ୟପୀର ଭାବରେ ପ୍ରତିଭାତ ହୁଅନ୍ତି । ପାଲା ପୃଷ୍ଟ ଭୂମୀରେ ଇତିହାସ ଅନୁଧାନ କଲେ ସତ୍ୟପୀର, ନାରାୟଣ ବା ବିଷ୍ଣୁ ଏକ ଦେବତା ଭାବେ କାଳକ୍ରମେ ହିନ୍ଦୁ ମୁସଲମାନ ଉଭୟ ସଂପ୍ରଦାୟଙ୍କ ଦ୍ୱାରା ପୂଜିତ ହେଲେ । ଜଗନ୍ନାଥ, ବିଷ୍ଣୁ ହୋଇଥିବାରୁ ସତ୍ୟନାରାୟଣ ପାଲାରେ କାମନା ପୁରାଣକାରୀ ଦେବତା ଭାବରେ ଗୃହୀତ ହେଲେ । କବି କର୍ଣ୍ଣ 'ମଦାରାହୀ' ଓ ଜନ୍ମ ପାଲାରେ ଜଗନ୍ନାଥଙ୍କ ଏବଂ ସତ୍ୟପୀର ଏକ ଦେବତା ବୋଲି ସତ୍ୟପୀରଙ୍କ ଦ୍ୱାରା ପ୍ରକାଶ କରିଛନ୍ତି । ଯଥା – ଆମି ସେହି ଦେବତା ଅଲେଖ ନିରାକାର ସ୍ୱର୍ଗ ମର୍ତ୍ତ୍ୟ ପାତାଳେ ରସାତଳେ କରଇ ଆମାର ଜଗନ୍ନାଥ ରୂପେ ଆମି ଓଡ଼ିଶାତେ ଆଉ ହିନ୍ଦୁ ମୁସଲମାନ ସବୁ କରି ଏକାକାର ରାମ ରହିମାନ ଜାନ କୋରାଣ ପୁରାନେ ଦେଖିବ କେମନ ରୂପ ମାନେ କି ନମାନେ ଦାରିଆତେ ଦାରୁବ୍ରହ୍ମ ରୂପେତ ଭାସେନ ପଦ୍ମଫୁଲ ରୂପ ହଇଆ ସତ୍ୟନାରାୟଣ ବଉଧ ରୂପ ତେ ନୀଳାଚଳେ ବିଜେ କରି ପତିତ ପାବନ ରୂପେ ପତିତ ଉଦ୍ଧାରୀ ।

ନୃତ୍ୟ ନାରାୟଣ ପାଲାରେ ଗଣେ, ନାରାୟଣେ, ରୁଦ୍ରେ, ଅମ୍ବିକେ, ଭାସ୍କର, ପ୍ରଭୃତି ପଞ୍ଚଦେବତା ପୂଜା ସମ୍ପାଦିତ ହୋଇଥାଏ । ଏହି ଜଗନ୍ନାଥ ପଞ୍ଚଦେବତାଙ୍କର ସମ୍ମିଳିତ ବିଗ୍ରହ ଅଟନ୍ତି । ଜଗନ୍ନାଥଙ୍କୁ ଗଣେଶ ବୋଲି କହିବାର ଅଭିପ୍ରାୟ ଏହି ଯେ, ଜଗନ୍ନାଥ ସମସ୍ତ ଜ୍ଞାନର ଶ୍ରଷ୍ଟା ଅଟନ୍ତି । ଗଣେଶଙ୍କ ପରି ସେ ମଧ ଜ୍ଞାନଦାତା ଅଟନ୍ତି । ଏଣୁ ଭାଗବତ୍‌ରେ ଉଲ୍ଲେଖ ଅଛି – 'ତୁ ଯାକୁ ହୁଅଇ ସଦୟ, ଜ୍ଞାନ ତା ଉଦରୁ ଉଦର ।' ସ୍ନାନପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ ଗଣେଶଙ୍କ ଭକ୍ତ ଗଣପତି ଭଟ୍ଟଙ୍କୁ ଶ୍ରୀଜଗନ୍ନାଥ ଗଜାନନ ବେଶରେ ଦର୍ଶନ ଦେଇ କୃତାର୍ଥ କରିଥିଲେ । ଦାଢ଼୍ୟତା ଭକ୍ତିରେ ଗଣପତି ଭଟ୍ଟଙ୍କର ଚିନ୍ତାଧାରା ବର୍ଣ୍ଣନା କରି ଭକ୍ତ ରାମଦାସ ଲେଖିଛନ୍ତି – 'ଦେଖିଲେ ପ୍ରଭୁ ଭଗବାନ ହୋଇ ଅଛନ୍ତି ଗଜାନନ, ଲମ୍ବି ଅଛନ୍ତି ଥୋର ହସ୍ତ ଶୋଭା ଦିଶଇ ଏକବନ୍ତ, ଅଦ୍ଭୁତ ବିଶ୍ୱରୂପ ଧରି ଭୃତ୍ୟକୁ ଡାକୁଛନ୍ତି ହରି, ଏହା ଶୁଣିଣ ମହାଯଦି ବୋଲେ ନମସ୍ତେ ଗଣପତି' । ଗଣପତି ଭଟ୍ଟ ନିଜର ଭୁଲ ବୁଝିପାରି ଜଗନ୍ନାଥଙ୍କୁ ନମସ୍କାର କରି ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମାରେ ଗଜାନନ ବେଶ ଧାରଣ କରିବା ନିମିତ୍ତ ପ୍ରାର୍ଥନା କରିଥିଲେ । ଭକ୍ତର ପ୍ରାର୍ଥନା ରକ୍ଷାକରି ପ୍ରତ୍ୟେକ ବର୍ଷ ସ୍ନାନବେଦିରେ ଶ୍ରୀଜଗନ୍ନାଥ ଶ୍ରୀଗଣେଶ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇ ନିଜର ଗଣେଶ ସ୍ୱରୂପ ପ୍ରମାଣ କରିଛନ୍ତି । ବିଷ୍ଣୁ ଶ୍ରୀଜଗନ୍ନାଥ ଓ ଶିବତତ୍ତ୍ୱ ଏକ ତଥା ଅଭିନ୍ନ ଅଟନ୍ତି । ଯେ ରୁଦ୍ର ସେ ସ୍ୱୟଂ ବିଷ୍ଣୁ । ଯେ ବିଷ୍ଣୁ ସେହି ପୁଣି ଶିବ ବା ରୁଦ୍ର । ପବନ ଆକାଶ ମଧ୍ୟରେ ଯେପରି ପ୍ରଭେଦ ନାହିଁ, ସେହିପରି ବିଷ୍ଣୁ ଓ ରୁଦ୍ରଙ୍କ ମଧ୍ୟରେ ପ୍ରଭେଦ ନାହିଁ । ବ୍ରହ୍ମ ପୁରାଣ ମତରେ – 'ଯୋ ରୁଦ୍ରଃ ସଃ ସ୍ୱୟଂବିଷ୍ଣୁଃ ସ ମହେଶ୍ୱରଃ, ଉଭୟୋ ରନ୍ତରଂ ନାସ୍ତି ପବନା କାଶୟୋରିବ' । ଜଗନ୍ନାଥ କେବଳ ଗଣେଶ, ନାରାୟଣ ଓ ରୁଦ୍ର ନୁହଁନ୍ତି, ଜଗନ୍ନାଥ ମଧ ଦୁର୍ଗା ଅଟନ୍ତି । ମହାନିର୍ବାଣ ତନ୍ତ୍ର ପ୍ରମାଣ କରେ – 'ତାରା ସାକ୍ଷାତ ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ, ନିଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣ କାଳିକା' । ଏହା ବ୍ୟତୀତ ଜଗନ୍ନାଥଙ୍କୁ ଭାସ୍କର ଅର୍ଥାତ୍ ସୂର୍ଯ୍ୟ ରୂପେ ବିବେଚନା କରାଯାଇଛି । କାରଣ ଶ୍ରୀଜଗନ୍ନାଥଙ୍କର ଶ୍ରୀଅଙ୍ଗରେ ନବଗ୍ରହମାନଙ୍କର ଅବସ୍ଥାନ ପରିକଳ୍ପନା କରାଯାଇଛି ଏବଂ ଜଗନ୍ନାଥଙ୍କର ନେତ୍ରକୁ ସୂର୍ଯ୍ୟ ବା ଭାସ୍କର ରୂପେ ପରିକଳ୍ପିତ ହୋଇଛି । ଶାସ୍ତ୍ରରେ କୁହାଯାଇଛି – ଚନ୍ଦ୍ର, ସୂର୍ଯ୍ୟ ଯେ ବେନିନେତ୍ରେ, ମଙ୍ଗଳ ସ୍ଥିତି ନାଶା ଫୁଟେ । ଗୀତାରେ ନିଜର ସ୍ୱରୂପ ବ୍ୟକ୍ତକରି ଶ୍ରୀକୃଷ୍ଣ କହିଛନ୍ତି 'ଆଦିତ୍ୟାନା ମହଂ ବିଷ୍ଣୁ ଜ୍ୟୋତିଷାଂ ରବି ରଂଶୁମାନ, ମରାଚି ର୍ମରୁତା ମସ୍ମି ନକ୍ଷତ୍ରାଣାମହଂ ଶଶି'୧୦/୨୧ ଏହି ଶ୍ଳୋକରୁ ପ୍ରତ୍ୟୟମାନ ହୁଏ ଯେ ଉଜ୍ଜ୍ୱଳ ବସ୍ତୁମାନଙ୍କ ମଧ୍ୟରେ କିରଣମୟ ସୂର୍ଯ୍ୟ ଅଟନ୍ତି । ଏହା ବ୍ୟତୀତ ଦୀନକୃଷ୍ଣ ଦାସଙ୍କ କରଚିତ ରସକଲ୍ଲୋଳଓ କାବ୍ୟରେ ବର୍ଣ୍ଣିତ ଅଛି – କମ୍ବୁକଣ୍ଠେ କଉସ୍ତୁଭ ମଣି ନାୟକ, କଳୁଷ ଅନ୍ଧାରକୁ ଦିନ ନାୟକ । ଏହି ପରି ଭାବେ ଶ୍ରୀଜଗନ୍ନାଥଙ୍କୁ ପଞ୍ଚଦେବତାଙ୍କର ସମ୍ମିଳିତ ରୂପ ଭାବେ ଚିନ୍ତା କରାଯାଇଛି ଏବଂ ଶାସ୍ତ୍ରରେ କୁହାଯାଇଛି 'ଜଗନ୍ନାଥଃ ସ୍ୱୟଂ ବିଷ୍ଣୁଃ ବଳଭଦ୍ରଃ ତ୍ରିଲୋଚନଃ, ଭଦ୍ରାଦେବୀ ପରା ସାକ୍ଷାତ ମାଧବୋ ଗଣଦୈବତଃ, ଚକ୍ରତେଜୋମୟଃ ସୂର୍ଯ୍ୟଃ ଯଜ୍ଞ ଦେବଂ ସ୍ମରାମ୍ୟହମ୍' । ଭକ୍ତ କବି ଜଗନ୍ନାଥ ଦାସଙ୍କ ଲିଖିତ ସତ୍ୟନାରାୟଣ ଭାଗବତ ପାଲା, ଜଗନ୍ନାଥଙ୍କର ସତ୍ୟନାରାୟଣ ସ୍ୱରୂପ ସ୍ପଷ୍ଟ ଭାବେ ପ୍ରମାଣିତ କରିଥାଏ । ଏହି ପାଲାରେ ଉଲ୍ଲେଖ ଅଛି – 'ନମଇଁ ଗୋବିନ୍ଦ ଚରଣ-ଅନାଦି ପ୍ରଭୁ ନାରାୟଣ, ଭକ୍ତ ନିମନ୍ତେ ଜନ୍ମପାଉ-ଧରନ୍ତି ନାନା ରୂପେ ଦେହି ଦୁଷ୍ଟ ନିବାରୀ ସନ୍ଥପାଳି-ଭକତ ବନ୍ଧୁ ବନମାଳୀ, ନିଜ ଭୁବନେ ଅବଧାନ-ହୋଇଲା କଳି ଆଗମନ, ବଉଧ ରୂପେ ନରହରି-ବିଜୟ କଲେ ନୀଳଗିରି, ସେ କାଳେ ସତ୍ୟନାରାୟଣ-ହୋଇଲେ ପ୍ରଭୁ ଭଗବାନ।'


**ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩**


# 'ଅମାବାସ୍ୟାର ଚନ୍ଦ୍ର'ର ସ୍ରଷ୍ଟା

**॥ ବାଦଲ ଭୂୟାଁ ॥**

ଯିଏ ପାପ ପୁଣ୍ୟକୁ ସମାଜର ତତ୍କାଳୀନ ମୂଲ୍ୟବୋଧରେ ବିଚାର ନକରି ମନୁଷ୍ୟତାର ନିକିତିରେ ତଉଲି ଯାଇଛି, ସେହିପରି ମହାନ ବ୍ୟକ୍ତିଙ୍କ ହାତରେ ମୋର ଏ କାଉନ୍‌ଙ୍କୁ ସମର୍ପି ଦେଉଛି' – ବାରିଷ୍ଟର ଗୋବିନ୍ଦ ଦାସ। ସର୍ବଭାରତୀୟ ଆଇନ ବୃତ୍ତି କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ବେଶ୍ ସୁଖ୍ୟାତି ଅର୍ଜନ କରିବା ସହ ଜଣେ ପ୍ରଥିତଯଶା ସାହିତ୍ୟ ସ୍ରଷ୍ଟା ଭାବେ ସୁପରିଚିତ ବାରିଷ୍ଟର ଗୋବିନ୍ଦ ଦାସ ତାଙ୍କ ବହୁ ଚର୍ଚ୍ଚିତ ଓ ପ୍ରଚୁର ପାଠକୀୟ ଆଦୃତି ପାଇଥିବା ଅମାବାସ୍ୟାର ଚନ୍ଦ୍ର ପୁସ୍ତକର ଆଦ୍ୟ କଥନରେ ନିଜେ ଏହାକୁ ଲେଖିଛନ୍ତି। ସୁପ୍ରିମକୋର୍ଟ ବାରରେ ସେ ଥିଲେ ପ୍ରଥମ ଓଡ଼ିଆ ଯିଏ କି ଓକିଲାତି ଜୀବନ ଆରମ୍ଭ କରିଥିଲେ।

ଜୀବନ କାଳରେ ସେ ଆଇନ ଜଗତରେ ଯେତିକି ପ୍ରସିଦ୍ଧ, ସାହିତ୍ୟ ଦୁନିଆରେ ସେତିକି ପରିଚିତ ଥିଲେ। ଅମାବାସ୍ୟାର ଚନ୍ଦ୍ର ତାଙ୍କର ସାହିତ୍ୟିକ ପ୍ରତିଭାର ସାର୍ଥକ ଅଭିବ୍ୟକ୍ତି। ୧୯୬୪ରେ ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା। ୨୦୦୮ରେ ତାଙ୍କର ପରଲୋକ ବେଳକୁ ଏହାର ପଚିଶତମ ସଂସ୍କରଣ ବଜାରରେ ମିଳୁଥିଲା। ଆଲୋଚକ ଡ. ବାଉରୀବନ୍ଧୁ କରଙ୍କ ଭାଷାରେ 'ଉପନ୍ୟାସଟିର ଭଗବତୀ ଚରଣ ବର୍ମାଙ୍କ ଚିତ୍ରଲେଖା ସହ ଅଦ୍ଭୁତ ଭାବେ ମେଳ ଥିଲେ ସୁଦ୍ଧା ସେ ଏ ଉପନ୍ୟାସ ସକାଶେ ଅଗଣିତ ଓଡ଼ିଆ ପାଠକର ଶ୍ରଦ୍ଧାଭାଜନ ହୋଇଛନ୍ତି। ଏଥିରେ ସବୁଠାରୁ ଆକର୍ଷଣୀୟ ଚରିତ୍ର ହେଉଛି କାଉଲ।

କାଉଲର ଜୀବନବୃତ୍ତାନ୍ତ ମାଧ୍ୟମରେ ସାମ୍ପ୍ରତିକ ରାଜନୀତିକ ନେତାମାନଙ୍କ ଚରିତ୍ର ରୂପ ନେଇଛି। କାଉଏ ଜୁଆଡ଼ି, ଲମ୍ପଟ, ମଦ୍ୟପ, କିନ୍ତୁ ନେତା ହେବା ପରେ ସେ ପଣ୍ଡିତଜୀ ପ୍ରମୁଖଙ୍କ ମୁଖରେ ପ୍ରଶଂସିତ। ସାମ୍ପ୍ରତିକ ସମାଜରେ ଯେତେ ଅନୀତି, ଦୁର୍ନୀତି କଲେ ସୁଦ୍ଧା ନେତାଟିଏ ହୋଇପାରିଲେ ସବୁ ସମ୍ମାନ ଆପେ ଆପେ ଆସି ଅଜାଡ଼ି ହୋଇପଡ଼େ, ଏହାହିଁ ଏଥିରେ ସୂଚିତ। ଲାସ୍ଟ, ଭଗ୍ନାଂଶ, ସୂର୍ଯ୍ୟାସ୍ତ, ଦେଶେ ଦେଶେ। ଜାତକ, ମିଶ୍ର ରାଗ ଆଦି ତାଙ୍କର ଅନ୍ୟ ଶ୍ରେଷ୍ଠ କୃତି। ସାନ ଗୋଟିଏ ଜୀବନ ତାଙ୍କ ଆତ୍ମଚରିତ। ବାରିଷ୍ଟର ଦାସଙ୍କ ରଚନା ଶୈଳୀର ବିଶେଷତ୍ୱ, ବାକ୍ୟବିନ୍ୟାସ କୌଶଳ ଆଦି ତାଙ୍କ ଉପନ୍ୟାସଗୁଡ଼ିକୁ ସୁଖପାଠ୍ୟ କରିଛି। ଯୌବନରେ ସେ ସମାଜବାଦୀ ଆଦର୍ଶ ଓ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲେ। ସୋସିଆଲିଷ୍ଟ ଦଳରେ ଯୋଗ ଦେଇଥିଲେ। ଛାତ୍ର ଆନ୍ଦୋଳନରେ ବି ସାମିଲ ହୋଇଥିଲେ। ଜେଲ ଯାଇଥିଲେ। ସମାଜବାଦୀ ବ୍ୟକ୍ତିତ୍ୱ ଥିବାରୁ କିଛି କାଳ କୃଷକ ପତ୍ରିକା ସଂପାଦନ କରିଥିଲେ।

ବାପା ଚାହୁଁଥିଲେ, ସେ ଭାରତୀୟ ପ୍ରଶାସନ ସେବା ଅଧିକାରୀ ହୁଅନ୍ତୁ। ସୋସାଲିଷ୍ଟ ପାର୍ଟିର କର୍ମକର୍ତ୍ତା ଚାକିରି କଲେ, ଲୋକେ ହସିବେ। ତେଣୁ ବାପାଙ୍କ ପାଖରେ ସର୍ତ୍ତ ରଖିଲେ – ଆଇଏଏସ୍ ପରୀକ୍ଷା ଦେଇ ସଫଳ ହେବେ। କିନ୍ତୁ ଚାକିରି କରିବେନାହିଁ। ସେ ଆଇଏଏସ୍ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାକ୍ଷାତକାର ଦେବାକୁ ଯାଇନଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ସାରି ଲଣ୍ଡନ ଯାଇଥିଲେ। ପ୍ରସିଦ୍ଧ ଲିଙ୍କନସ୍ ଇନ୍‌ରୁ ବାରଆଟ ଲ ଡିଗ୍ରୀ ଲାଭ କରି, ୧୯୫୩ ମସିହାରେ ଓଡ଼ିଶା ହାଇକୋର୍ଟ ବାରରେ ଆଇନଜୀବୀ ଜୀବନ ଆରମ୍ଭ କରିଥିଲେ। ୧୯୮୦ ଓ ୧୯୯୮ରେ ରାଜ୍ୟର ଆଡ଼ଭୋକେଟ ଜେନରଲ ହୋଇଥିଲେ। ବ୍ୟକ୍ତିଗତ ଜୀବନରେ ଥିଲେ ଶୃଙ୍ଖଳିତ ଓ ଶାନ୍ତ ସ୍ୱଭାବର। ୧୯୩୦ ଜୁନ ୩୦ ତାରିଖ ଦିନରେ ଯାଜପୁର ଅନ୍ତର୍ଗତ କଲ୍ୟାଣପୁରର ତିସାଣିଆ ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

# ସ୍କୁଲ ପାଚେରି ଭାଙ୍ଗି ଟେଙ୍କର ଦୁର୍ଘଟଣା



ବିଷମ କଟକ ଆନ୍ଧ୍ରପ୍ରଦେଶ ର କାକିନଡା ଠାରୁ ଝାରସୁଗୁଡା ଅଭିମୁଖେ ଯାଉଥିବା ବେଦାନ୍ତ ଆଲୁମିନିଅମ୍ କମ୍ପାନୀର ଏକ ଟାଙ୍କର ଆଜି ସକାଳ ୮ଟା ସମୟରେ ରାୟଗଡ଼ା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ ଗଡିଗୁଡ଼ା ଆଶ୍ରମ ସ୍କୁଲ ପାଚେରି ଭାଙ୍ଗି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଡ୍ରାଇଭର ଗୁରୁତ୍ୱ ର ଆହାତ ହୋଇଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ଗାଡି ଭିତରେ ଡ୍ରାଇଭର ପବନ୍ ସିଙ୍ଗ୍ ଚିପିହୋଇ ରହିଥିବା ଦେଖି ସ୍ଥାନୀୟ ଲୋକେ ଟେଙ୍କର ଡ୍ରାଇଭରକୁ ଉଦ୍ଧାର କରି ବିଷମକଟକ ହସ୍ପିଟାଲକୁ ପଠେଇଥିଲେ ।ପ୍ରାଥମିକ ଚିକିତ୍ସା ପରେ ଡ୍ରାଇଭର ଜଣଙ୍କ ସୁସ୍ଥ ଥିବା ବେଳେ ଭାରସାମ୍ୟ ହରାଇ ଟେଙ୍କର ଟି ଏଭଳି ଦୁର୍ଘଟଣା ଘଟିଥିବା ବୋଲି ଡ୍ରାଇଭର ସୂଚନା ଦେଇଛନ୍ତି ।

# ଇଫକୋ ପକ୍ଷରୁ ରାସାୟନିକ ବିପର୍ଯ୍ୟୟ ସମ୍ପର୍କିତ ମକ୍ ଡ୍ରିଲ୍ ଆୟୋଜିତ

ପାରାଦୀପ(ମହାଭାରତ): ପାରାଦୀପଠାରେ ଥିବା ବିଶ୍ୱର ସର୍ବବୃହତ୍ତମ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପରିସରରେ ଶୁକ୍ରବାର ଦିନ ରାସାୟନିକ ବିପର୍ଯ୍ୟୟ ପ୍ରଶମନ ସମ୍ପର୍କିତ ମକ୍ ଡ୍ରିଲ୍ ଆୟୋଜିତ ହୋଇଥିଲା । ଏହି ମକ୍ ଡ୍ରିଲ୍ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଜଗତସିଂହପୁର ଜିଲ୍ଲା ପ୍ରଶାସନ ମିଳିତ ସହଭାଗିତାରେ ଅନୁଷ୍ଠିତ ହୋଇଥିଲା । ସାରକାରଖାନାରେ ସାର ଉତ୍ପାଦନ ସମୟରେ ତରଳ ଆମୋନିଆ ବ୍ୟବହୃତ ହୋଇଥାଏ । ତରଳ ଆମୋନିଆ ଲିକ୍ ହେଲେ ଏହାକୁ କିପରି ତୁରନ୍ତ ପ୍ରଶମନ କରାଯିବ ସେ ସମ୍ପର୍କରେ ଡ୍ରିଲ୍ ପ୍ରଦର୍ଶିତ ହୋଇଥିଲା । ୨୦ଇଂଚ ପାଇପ୍‌ରେ ତରଳ ଆମୋନିଆ ପରିବହନ ହେଉଥିଲା ଏହି ସମୟରେ ପାଇପ୍‌ର ଗୋଟିଏ ସ୍ଥାନରୁ ଆମୋନିଆ ଲିକ୍ ହୋଇଥିଲା । ଗ୍ୟାସ୍ ନିର୍ଗତ ଖବର ପ୍ରସାରିତ ହେବା ପରେ ଇଫକୋ ଟାଉନସିପ୍‌ର ଲୋକମାନଙ୍କୁ ବସ୍ ଯୋଗେ ସ୍ଥାନାନ୍ତରିତ କରାଯାଇଥିଲା । ଏହି ଖବର



ପାଇ ଇଫକୋ ଅଗ୍ନି ଓ ସୁରକ୍ଷା ଟିମ୍ ପାଇବା ପରେ ସେଠାରେ ବିପର୍ଯ୍ୟୟ ପ୍ରଶମନ ଟିମ୍ ମିଳିତ ଭାବେ ଏହି ଆମୋନିଆ ଲିକ୍ ସ୍ଥାନରେ ପହଂଚି ତୁରନ୍ତ ମରାମତି କରିଥିଲେ । ଏହି ନମୁନା ପ୍ରଦର୍ଶିତ ହୋଇଥିଲା । ଓଡିଶା ଫାୟାର ସର୍ଭିସ୍, ପାରାଦୀପ ବନ୍ଦର ଦମକଳ ସମେତ ବିଭିନ୍ନ ଶିଳ୍ପସଂସ୍ଥାର ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚିଥିଲେ । ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା, କୁଜଙ୍ଗ ତହସିଲଦାର, ଇଫକୋର ନିର୍ବାହୀ ନିର୍ଦ୍ଦେଶକ ପି.କେ.ମହାପାତ୍ର, ଜିଲ୍ଲା ଆପଦକାଳୀନ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ ଅଧିକାରୀଙ୍କ ସମେତ ଇଫକୋର ବରିଷ୍ଠ ଅଧିକାରୀ ଏହି ମକ୍ ଡ୍ରିଲ୍‌ରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସରକାରୀ ଅଧିକାରୀ, ଶିଳ୍ପସଂସ୍ଥା ପ୍ରମୁଖ ସାମିଲ ହୋଇଥିବାରୁ ଇଫକୋର ନିର୍ବାହୀ ନିର୍ଦ୍ଦେଶକ ପି.କେ.ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଶିଳ୍ପସଂସ୍ଥାମାନେ ଏହି ଭଳି ଭାବେ ବିପର୍ଯ୍ୟୟ ସମୟରେ ଏକ ହୋଇ ରହିଲେ ବିପର୍ଯ୍ୟୟ ପ୍ରଶମନ ହୋଇ ପାରିବ ବୋଲି ମତ ଦେଇଥିଲେ ।

# ପାରାଦୀପ ମହାବିଦ୍ୟାଳୟ ରେ ଇତିହାସ ବିଭାଗ ପକ୍ଷରୁ ଆଲୋଚନା ଚକ୍ର ଅନୁଷ୍ଠିତ



ପାରାଦୀପ(ମହାଭାରତ): ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ପ୍ରାକୃତିକ ଚିକିତ୍ସା ର ଉତ୍ପତି, ଯୋଗ ଚିକିତ୍ସା ଓ ଏହାର ଐତିହାସିକ ପୃଷ୍ଠଭୂମି ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନା ଚକ୍ର ଶୁକ୍ରବାର ଦିନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାରାଦୀପ ର ଅନମୟା ହଲିଷ୍ଟିକ ହେଲଥ ଓ ୱେଲନେସ କେନ୍ଦ୍ର ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡ଼ଃ.ମୋନାଲି ମଧୁସ୍ମିତା ମୁଖ୍ୟବକ୍ତା ଭାବେ ଯୋଗଦେଇ ଉକ୍ତ ଶୀର୍ଷକ ଉପରେ ଦୀକ୍ଷାନ୍ତ ଭାଷଣ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ସରଳ ଓ ବୋଧଗମ୍ୟ ଭାଷାରେ ବୁଝାଇଥିଲେ । ଏହି ଅବସରରେ ପାରାଦୀପ ମହାବିଦ୍ୟାଳୟ ର ଅଧ୍ୟକ୍ଷା ଡ଼ଃ.ସସ୍ମିତା ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସେହିପରି ଇତିହାସ ବିଭାଗ ଅଧ୍ୟାପିକା ସଂଘମିତ୍ରା ପ୍ରଧାନ ଆଲୋଚନା ର ବିଷୟବସ୍ତୁ ଉପରେ ସମ୍ୟକ ଧାରଣା ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ବହୁ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ । ଶେଷରେ ଅଧ୍ୟାପକ ପ୍ରତୀକ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାରକୋଟ ରେ ଦେବଗଡ଼ ଜିଲ୍ଲାର ୱାଟର ସେଡ ଯାତ୍ରା ର ଶୁଭା ରମ୍ଭ

ଦେବଗଡ଼(ମହା ଭାରତ) :ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ତରଫରୁ ବୟରକୋଟ ବ୍ଲକ ସ୍କୁଲ ଖେଳପଡ଼ିଆଠାରେ ୱାଟରଶେଡ ଯାତ୍ରାର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଦେବଗଡ଼ ଶ୍ରୀଯୁକ୍ତ ରୋମା ରଞ୍ଜନ ବିଶ୍ୱାଳ, ବରେଣ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ସମ୍ବଲପୁର ଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଅରୁଣ କୁମାର ସାହୁ ଓ ଅଧ୍ୟକ୍ଷା ବାରକୋଟ ପଞ୍ଚାୟତ ସମିତି ଶ୍ରୀମତୀ ପୁଷ୍ପାଞ୍ଜଳୀ ପାତ୍ର ଯୋଗଦାନ କରିଥିଲେ । ସଭାରେ ଅତିଥିମାନେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ଜଳ ବିଭାଜିକା କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଅବଗତ କରାଇଥିଲେ ଏବଂ କୃଷି ଓ ଆନୁଷଙ୍ଗିକ ବିଭାଗ ତରଫରୁ ବିଭାଗୀୟ ଷ୍ଟଲ ମାନ ଖୋଲାଯାଇଥିଲା । ମୁଖ୍ୟ କାର୍ଯ୍ୟକ୍ରମ ମଧ୍ୟରେ ନୂତନ କାର୍ଯ୍ୟପାଇଁ ଭୂମିପୂଜା, ବୃକ୍ଷରୋପଣ, ଶ୍ରମଦାନ, ସମାପ୍ତ ହୋଇଥିବା ପ୍ରକଳ୍ପ ଗୁଡିକର ଲୋକର୍ପଣ, ୱାଟାରଶେଡ ମାର୍ଗଦର୍ଶକ ମାନଙ୍କୁ ସାର୍ଟିଫିକେଟ ଓ ମାନପତ୍ର ପ୍ରଦାନ ପ୍ରଦାନ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ହୋଇଥିବା ବକ୍ତୃତା ପ୍ରତିଯୋଗିତା ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ଅପରାହ୍ନରେ ନୂଆଗାଁ ଜଳ ବିଭାଜିକାରେ ଆୟୋଜନ କରାଯାଇଥିଲା । ୱାଟରଶେଡ ଯାତ୍ରାର ବାର୍ତ୍ତା ବହନ କରିଆସିଥିବା ଭେନ ଦ୍ୱାରା ଜନସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏତଦ ବ୍ୟତୀତ ମନୋରଂଜନ ଧର୍ମୀ ପଥପ୍ରାନ୍ତ ନାଟକ ଓ ସଙ୍ଗୀତ ପରିବେଷଣ ମଧ୍ୟ କରାଯାଇଥିଲାୟ କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଦେବଗଡ଼ ଦେବାଶିଷ ଚନ୍ଦ୍ର ଜଗଦେବ, ବାରକୋଟ ଜଳବିଭାଜିକା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ତରଫରୁ ସହକାରୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅଶେଷ କୁମାର ଦାସ, ସହକାରୀ କୃଷି ଯନ୍ତ୍ରୀ ବିଜୟଲକ୍ଷ୍ମୀ ନାୟକ ସମେତ ବିଭାଗୀୟ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ସିଡିଏମ ଏବଂ ପିଏଚ୍‌ଓ କଳାହାଣ୍ଡିଙ୍କ ଦ୍ୱାରା ବାଇକ୍ ଆମ୍ବୁଲାନ୍ସ ସେବାର ଉଦ୍‌ଘାଟନ



କଳାହାଣ୍ଡି (ମହାଭାରତ :କଳାହାଣ୍ଡି ୨୮ ଫେବୃୟାରୀ ୨୦୨୫ – ଗ୍ରାମୀଣ କଳାହାଣ୍ଡିରେ ଆକସ୍ମିକ ଚିକିତ୍ସା ସେବାର ସୁଧାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହିସାବରେ, ଆଜି ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍ ଏବଂ ପିଏଚଓ) କାର୍ଯ୍ୟାଳୟରେ ଏକ ନୂତନ ବାଇକ୍ ଆମ୍ବୁଲାନ୍ ସେବାର ଉଦଘାଟନ କରିଛନ୍ତି ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍ ଏବଂ ପିଏଚଓ) ଡକ୍ଟର ମିନତୀଲତା ଦାଶ (ପ୍ରସୂତି ଏବଂ ସ୍ତ୍ରୀରୋଗ ବିଶେଷଜ୍ଞ)। ଏହି ଅବସରରେ ଟାଟା ପାୱାର ୱେଷ୍ଟର୍ନ ଓଡିଶା ଡିଷ୍ଟ୍ରି ବ୍ୟୁସନ୍ ଲିମିଟେଡ୍ ) ର ସିଏସଆର୍ ଅକାରୀ ର ସିଏସଆର ମୁଖ୍ୟ ଶ୍ରୀମତୀ ଅରୁଣା ମାରାଣ୍ଡି ଏବଂ ସ୍ୱାସ୍ଥ୍ୟ ସୁରାଜ ସୋସାଇଟି, କାଳାହାଣ୍ଡିର ଏକଜିକ୍ୟୁଟିଭ ଡିରେକ୍ଟର ଡା ଜେମା ଜୋସେଫ ଏତାସେରୀ (ଡା, ଆକ୍ରିତାସ, ମେଡିସିନ ବିଶେଷଜ୍ଞ) ପ୍ରମୁଖ ଉପସ୍ଥିତ ଥିଲେ । ଏହି ସେବା ଥୁଆମୂଳ ରାମପୁର ବ୍ଲକର କେରିପାଇ ଏବଂ ସିଲେଟ ପଞ୍ଚାୟତରେ ସ୍ୱାସ୍ଥ୍ୟ ସେବାକୁ ସୁଗମ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ।ଏହି ନୂତନ ସେବା ଲୋକମାନଙ୍କୁ ଆଜସ୍ମିକ ସେବା ଦେବାକୁ ଉଦ୍ଦିଷ୍ଟ ବିଶେଷକରି ଦୁର୍ଗମ ସ୍ଥାନ ମାନଙ୍କରେ ଯେଉଁଠାରେ ପାରମ୍ପାରିକ ଆମ୍ବୁଲାନ୍ସ, ସେବା ପହଞ୍ଚାଇବାରେ ସଂକଟର ସମ୍ମୁଖୀନ ହୋଇଥାଏ । ବାଇକ୍ ଆମ୍ବୁଲାନ୍ସଟି ପ୍ରଶିକ୍ଷିତ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ । ଟାଟା ପାୱାର ୱେଷ୍ଟର୍ନ ଓଡିଶା ଡିଷ୍ଟ୍ରି ବ୍ୟୁସନ୍ ଲିମିଟେଡ୍ ର ସିଏସଆର୍ ସହାୟତାରେ ଏହି ସ୍ୱାସ୍ଥ୍ୟ ସେବା ଗ୍ରାମୀଣ ସମୁଦାୟ ନିମନ୍ତେ ଉଦ୍ଦିଷ୍ଟ । ସ୍ୱାସ୍ଥ୍ୟ ସ୍ୱରାଜ ସୋସାଇଟି ଏହି ସେବାର ପରିଚାଳନା ଦାୟିତ୍ୱ ହାତକୁ ନେଇଛି। ଏହି ସହଯୋଗ ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ । ପ୍ରାସ୍ଥ୍ୟ ସ୍ୱରାଜ ଏକ୍ସକ୍ୟୁଟିଭ୍ ଡିରେକ୍ଟରଙ୍କ ମତରେ ଏହି ସହାୟତା କେବଳ ଆକସ୍ମିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିବ ନାହିଁ, ବରଂ ଏହା ଅପହଞ୍ଚ ଅଞ୍ଚଳଗୁଡିକରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ ଏକ ସ୍ଥାୟୀ ମଡେଲ ସୃଷ୍ଟି କରିବ ।

# କପିଳାସ ପାଦଦେଶ ଦେଓଗାଁ ଛକରେ ଜମୁଛି ଜାଗର ମେଳା

ଗଁଦିଆ, (ମହାଭାରତ) : ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ କପିଳାସର ପାଦ ଦେଶର ଦେଓଗାଁ ଛକ ଠାରେ ଜାଗର ମେଳା ଜମୁଛି । ଶୈବ ପୀଠ କପିଳାସ ଠାରେ ବାବା ଚନ୍ଦ୍ରଶେଖରଙ୍କର ମହାଶିବ ରାତ୍ରି ତଥା ଜାଗର ମେଳା ଗୋଟିଏ ଦିନ ଧରୀ ଅନୁଷ୍ଠିତ ହୋଇଥିବା ବେଳେ କିନ୍ତୁ ଦେଓଗାଁ ଛକ ଠାରେ ଜାଗର ମେଳା ୫ଦିନ ଧରୀ ଚାଲିବ ଉକ୍ତ ମେଳାରେ ଆଖ ପାଖ ଗ୍ରାମର ଜନସାଧାରଣ ମାନଙ୍କର ଗହଳି ଉକ୍ତ ମେଳାରେ ଦେଖିବାକୁ ମିଳୁଅଛି । ବିଭିନ୍ନ ପ୍ରକାର ରଙ୍ଗ ବେରଙ୍ଗ ଠାରୁ ଆରମ୍ଭ କରି ନାନା କିସମର ଦୋକାନ ମାନ ବସିଛି । ଛୋଟ ଛୋଟ ପିଲା ମାନଙ୍କର ଗହଳି ଲାଗିଥିବା ଦୋଳି ପାଖରେ ରହୁଛି ।ବିଶେଷ କରି ସନ୍ଧ୍ୟା ସମୟରେ ମହିଳା ମାନଙ୍କର ଭିଡ଼ ଉକ୍ତ ମେଳାରେ ଦେଖିବାକୁ ମିଳୁଛି ଏଠାରେ ପସରା ମେଳିଥିବା ଘର କରନା ଜିନିଷ ସବୁ କିଣିବାରେ ମହିଳା ମାନେ ଉକ୍ତ ଦୋକାନ ଗୁଡିକରେ ଭିଡ଼ ଜମାଉଥିବାର ଦେଖିବାକୁ ମିଳୁଛି ଯୋରନ୍ଦା ମେଳା ପରେ ଏହି ଯାତ୍ରା ଟି ଦୂର ଦୁରାନ୍ତ ରୁ ଆସୁଥିବା ବେପାରୀ ଭାଇ ମାନଙ୍କ ପାଇଁ ରୋଜଗାର ଏକ ମାଧ୍ୟମ ହୋଇଛି ।

# ସାନ ମହୁଲଡିହା ଗାଁ କୁ କେନାଲ ପାଣି ଓ ପାନୀୟ ଜଳ ପାଇଁ ବିଡ଼ିଓ ଙ୍କ ଠାରେ ଆପତ୍ତି ଜଣାଇଲେ ଗ୍ରାମବାସୀ



କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ହାତୀଗୋଡ଼ା ଗ୍ରାମପଞ୍ଚାୟତର ସାନ ମହୁଲଡ଼ିହା ଗ୍ରାମରେ ଚାଷ ପାଇଁ ବ୍ୟବହୃତ କେନାଲ ଖରାପ ହୋଇ ପଡ଼ିଥିବାରୁ ପାଣି ନ ଆସିବା ଓ ଗ୍ରାମରେ ଥିବା ପାନୀୟ ଜଳ ପାଇଁ ଉଚ୍ଚ ଟାଙ୍କି ରୁ ଇଚଗୁଡା ସାହିର ଲୋକେ ପାନୀୟ ଜଳ ପାଇ ପାରିନଥିବାରୁ ଗ୍ରାମବାସୀ ମାନେ ଶୁକ୍ରବାର ଦିନ ବ୍ଲକ କାର୍ଯ୍ୟାଳୟ ରେ ପହଞ୍ଚି ବିଡ଼ିଓ ଙ୍କୁ ଏକ ଦାବୀ ଜଣାଇଥିବା ପ୍ରକାଶ କରିଛନ୍ତି। ଗ୍ରାମବାସୀ ମାନଙ୍କ ଆପତ୍ତି ଶୁଣିବା ପରେ ବିଡ଼ିଓ ରବିବାର ଦିନ ଗ୍ରାମକୁ ଯାଇ ସମସ୍ୟା ସମାଧାନ ଦିଗରେ ପଦକ୍ଷପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।ଗ୍ରାମ ନିକଟ ଦେଇ ବୋହି ଯାଉଥିବା ସିମ ନଦୀରୁ ଏକ କେନାଲ ଗ୍ରାମକୁ ଆସିଥିବା ବେଳେ ଏହି କେନାଲର ପାଣି ବ୍ୟବହାର କରି ପୂର୍ବରୁ ଚାଷୀ ମାନେ ଚାଷ କରିଆସୁଥିଲେ ।କିନ୍ତୁ ପରବର୍ତ୍ତୀ ସମୟରେ ଏହି କେନାଲ ଭାଙ୍ଗି ରୁଜି ଯିବାରୁ ପାଣି ଚାଷ ଜମିକୁ ପହଞ୍ଚି ନ ପରିବାରୁ ଚାଷୀ ମାନଙ୍କ ଚାଷ କାର୍ଯ୍ୟ ବାଧା ପ୍ରାପ୍ତ ହେଉଛି ।ଏଥି ସହିତ ମୁଖ୍ୟ କେନାଲ ରୁ ଶାଖା କେନାଲ ର ଅବସ୍ଥା ମଧ୍ୟ ଶୋଚନୀୟ ହୋଇ ପଡି ରହିଛି ।ଗ୍ରାମବାସୀ ମାନଙ୍କୁ ଶୁଦ୍ଧ ପାନୀୟ ଜଳ ପାଇପ ଯୋଗେ ଯୋଗାଇବାକୁ ସାନ ମହୁଲଡ଼ିହା ଗ୍ରାମରେ ନିର୍ମାଣ ହୋଇଥିବା ଅଭରହେଡ୍ ପାଣି ଟାଙ୍କି ରୁ ଗ୍ରାମର ଇଚଗୁଡା ସାହି କୁ ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ସାହିର ଲୋକମାନେ ପାନୀୟ ଜଳ ପାଇଁ ଅସୁବିଧାରେ ପଡ଼ନ୍ତ ।ଏଥିପାଇଁ ତାଙ୍କୁ ଗ୍ରାମର ମଝି ସାହିକୁ ଯିବାକୁ ପଡୁଛି ।ଏଥିପାଇଁ ପାନୀୟ ଜଳର ତୁରନ୍ତ ବ୍ୟବସ୍ଥା କରାଯିବାକୁ ଦାବୀ ପତ୍ର ରେ ଉଲ୍ଲେଖ କରିଛନ୍ତ। ବିଡ଼ିଓ ଙ୍କୁ ଦାବି ଉପସ୍ଥାପନ କରିବାର ସମୟରେ ସ୍ଥାନୀୟ ସମିତି ସଭ୍ୟ ପ୍ରତାପ ନାଏକ ଉପସ୍ଥିତି ରେ ଗ୍ରାମର ରାଜେନ୍ଦ୍ର ଗାଗରାଇ,ରୁକ୍ମଣୀ ସୟ,ଶଙ୍କରି ମୁଣ୍ଡୁରୀ,ରାଇମଣି ଗୋଇପାଇ,ସୂର୍ଯ୍ୟମଣି ମହାନ୍ତ ଙ୍କ ସମେତ ଗ୍ରାମର ଶହେ ରୁ ଉର୍ଦ୍ଧ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ଜଙ୍ଗଲ ନିଆ ଦାଉରୁ ରକ୍ଷା କରି ଆମଜଙ୍ଗଲ ଆମେ ସୁରକ୍ଷା କରିବା କହି ଜଙ୍ଗଲ ନଷ୍ଟ କରିବାରେ ତତ୍ପର ଅଛି ଦାରିଙ୍ଗବାଡି ବନବିଭାଗ

କନ୍ଧମାଳ:(ମହାଭାରତ): ଗ୍ରୀଷ୍ମ କାଳରେ ଜଙ୍ଗଲ ସୁରକ୍ଷା ପାଇଁ ବନବିଭାଗ ତରପରୁ ଜଙ୍ଗଲ ସୁରକ୍ଷା କୁ ନେଇ ସମସ୍ତଙ୍କୁ ସଚେତନ କରିଥାନ୍ତି ବନବିଭାଗ କର୍ମଚାରୀ ହେଲେ ଦାରିଙ୍ଗବାଡି ବ୍ଲକ୍ ରେ ଥିବା ବନବିଭାଗ କର୍ମଚାରୀଙ୍କ କୁମ୍ଭକର୍ଣ୍ଣ ନିଦ ଭାଙ୍ଗିବ କିଏ ବନବିଭାଗ କର୍ମଚାରୀଙ୍କ ଆଖି ଆଗରେ ହଜାର ହଜାର ଗଛକାଟି ସହର ମଧ୍ୟରେ ବଡ଼ ବଡ଼ ହୋଟେଲ ଲୋର୍ଜ ମହଲ୍ ଗୁଡ଼ିକ ନିର୍ମାଣ କାମରେ ଲଗାଇ ଥିବାର ଦେଖିବାକୁ ମିଳିଛି। ଏଭଳି ଦୃଶ୍ୟ ଦାରିଙ୍ଗବାଡି ବୈନ୍ ସଙ୍କ ନିକଟରେ ଦେଖିବାକୁ ମିଳୁଛି ଦାରିଙ୍ଗବାଡି ବ୍ଲକ୍ ରେ ଥିବା ପ୍ରତ୍ୟେକ ପଞ୍ଚାୟତ ପ୍ରତ୍ୟେକ ଗ୍ରାମରେ ଜଙ୍ଗଲ ସୁରକ୍ଷା କମିଟି ଗୁଡ଼ିକ ଗଠନ ହେଇଛି ତଥାପି କୌଣସି କମିଟି ଜାଣିପାରୁନି ଲୋକେ ଜଙ୍ଗଲକାଟି କାଠ ବିକୁଥିବାର ଏବେ ଯଦି ଦେଖିବା ଜଙ୍ଗଲ ନଷ୍ଟ କରୁଥିବାରୁ ଜଳବାୟୁର ପରିବର୍ତ୍ତନ ହେଉଥିବାର ସଠିକ୍ ସମୟରେ ବର୍ଷା ନ ଆସିବାର ଗରମ ତାତି ବଢ଼ିବାର ହେଲେବି କେଉଁ କାରଣରୁ ଏସବୁ ହେଉଛି କେହିଁ ଜାଣି ପାରୁନାହାନ୍ତି ହେଲେ ଜଙ୍ଗଲ ଗଛ ନ କାଟିବା ନିଆଁ ଦାଉରୁ ରକ୍ଷା କରିବା ପାଇଁ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବିନିଯୋଗ କରାଯାଉଛି ଗାଁ ଗହଳିରେ ସାଧାରଣ ଲୋକଙ୍କୁ କାଠ ହାଣିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ହେଲେ ଠିକାଦାର ବାବୁମାନେ ଲୋଡ ସଂଖ୍ୟା





କାଠ ଆଣି ସହର ମଧ୍ୟରେ କାର ବାର କରିଲେ ମଧ୍ୟ ବନବିଭାଗ ଅଧିକାରୀ କାହିଁକି ନିରବ ହୋଇ ରହିଛନ୍ତି ନା କେତେ ଟଙ୍କା ଠିକାଦାରଙ୍କ ଠାରୁ ନେଇଛନ୍ତି ଏଣୁ ନିରବ ଅଛନ୍ତି ବନବିଭାଗ କର୍ମଚାରୀଙ୍କୁ ଦେଖାଯାଉ କଣ ପଦକ୍ଷେପ ନେଉଛନ୍ତି ନା ଜଙ୍ଗଲ ସୁରକ୍ଷା କରୁଛୁ ବୋଲି ସରକାରଙ୍କ ଠାରୁ ଟଙ୍କା ଆଣି ଫାଇଦା ଉଠାଉଛନ୍ତି। ଏଥର ଦେଖାଯିବ ଦାରିଙ୍ଗବାଡି ବନବିଭାଗ କର୍ମାରୀମାନଙ୍କ କାର୍ଯ୍ୟ ।

# ଜାତୀୟ ବିଜ୍ଞାନ ଦିବସ ପାଳିତ

ଗଁଦିଆ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଗଁଦିଆ ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଦ୍ୟାଧରପୁରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଅଛି। ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମହାନ୍ତି ବିଜ୍ଞାନ ମଣିଷକୁ ପ୍ରତ୍ୟେକ କ୍ଷେତ୍ରର ସାହାଯ୍ୟ କରିପାରୁଅଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶା ର ସଭାପତି ପ୍ରକୃତି ବନ୍ଧୁ ହରିହର ସାହୁ ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା କୁ ଉପଲବ୍ଧି କରି ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେୟ ଏଥି ସହିତ ପୃଥିବୀ ମାତାକୁ ଶାନ୍ତି ରେ ରଖିବାକୁ ହଲେ ବାଡି ବଗିଚ ରେ ପ୍ରଚୁର ପରିମାଣରେ ଚାରା ରୋପଣ କରିବା ପାଇଁ ପରାମର୍ଶ ଦେଇଥିଲେ।

# ନୀଳାଚଳ ଇସ୍ପାତ ନିଗମରେ ରାସାୟନିକ ବିପର୍ଯ୍ୟୟ ପ୍ରସ୍ତୁତି ନେଇ ପୂର୍ଣ୍ଣାଙ୍ଗ ମକ୍ ଡ୍ରିଲ

କଳିଙ୍ଗନଗର,(ମହାଭାରତ): ରାସାୟନିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ଓ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ନୀଳାଚଳ ଇସ୍ପାତ ନିଗମ ଠାରେ ରାସାୟନିକ ବିପର୍ଯ୍ୟୟ ପରିଚାଳନା ଉପରେ ଏକ ରାଜ୍ୟସ୍ତରୀୟ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି ।ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓଏସଡିଏମଏ)ର ସହଯୋଗରେ ଆୟୋଜିତ ଏହି ମକ୍ ଡ୍ରିଲ୍ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଳ୍ପ, ସରକାରୀ ଏଜେନ୍ସି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଦଳଗୁଡିକ ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବା। ନୀଳାଚଳ ଇସ୍ପାତ ନିଗମ, ଟାଟା



ଷ୍ଟିଲ କଳିଙ୍ଗନଗର ଓ ଜିନ୍ଦଲ ଷ୍ଟେନଲେସ୍ ସମେତ ଏହି ଅଞ୍ଚଳର ଅନ୍ୟ ଇସ୍ପାତ ଉତ୍ପାଦନକାରୀ କମ୍ପାନୀମାନେ ପାରସ୍ପରିକ ସହଯୋଗୀ ସହାୟକ ଭାବେ ଏହି ମକ ଡ୍ରିଲରେ ଅଂଶଗ୍ରହଣ କରିଥିଲେ ।ଏହି ମକ୍ ଡ୍ରିଲକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ଜରୁରୀକାଳୀନ ଅପରେସନ୍ ସେଣ୍ଟରର ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଶୋକ କୁମାର ବେହେରା ସଂଯୋଜନା କରିଥିଲେ। ନୀଳାଚଳ ଇସ୍ପାତ ନିଗମ କାରଖାନା ଭିତରେ ଥିବା ପାୱାର ପ୍ଲାଣ୍ଟରେ ଥିବା ଲାଇଟ୍ ଡିଜେଲ ଅଏଲ (ଏଲଡିଓ) ଟ୍ୟାଙ୍କ ଷ୍ଟୋରେଜରେ ସମ୍ଭାବ୍ୟ ଲାଇଟ୍ ଡିଜେଲ ଅଏଲ (ଏଲଡିଓ) ଲିକ୍ କ୍ଷେତ୍ରରେ ଏହାର ପ୍ରଶମନ କ୍ଷମତା ପରୀକ୍ଷା କରିବା ଏହି ମକ୍ ଡ୍ରିଲର ଉଦେଶ୍ୟ ଥିଲା ।ଏହାର ଅର୍ଥ ପ୍ରକୃତରେ କୌଣସି ଅଘଟଣ ଘଟିନଥିଲେ ମଧ୍ୟ ନିରାପତ୍ତା, ଅଗ୍ନିଶମ ବାହିନୀ, ମେଡିକାଲ, ସିକ୍ୟୁରିଟି ଆଣ୍ଡ ଅପରେସନ୍ ସମେତ ବିଭିନ୍ନ ଟିମ ଏଥିପାଇଁ କେତେ ପ୍ରସ୍ତୁତ ତାହା ପରୀକ୍ଷା କରିବା ପାଇଁ ବିଭିନ୍ନ ଦିଗକୁ ଲକ୍ଷକରି ଏହି ମକ୍ ଡ୍ରିଲରେ ସେହିପରୀ ପରିସ୍ଥିତି ସୃଷ୍ଟି କରାଯାଇଥିଲା। ମକ୍ ଡ୍ରିଲ୍ ସମୟରେ ଟିମ୍ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଘଟଣାସ୍ଥଳରେ ପହଞ୍ଚିବା, ନିର୍ଦ୍ଦିଷ୍ଟ ସ୍ଥାନରୁ କର୍ମଚାରୀଙ୍କୁ ସ୍ଥାନାନ୍ତର କରିବା, ଉପଯୁକ୍ତ ଚିକିତ୍ସା ସେବା ପ୍ରଦାନ କରିବା, ସମ୍ଭାବ୍ୟ ସଙ୍କଟକୁ ଠିକ୍ ସମୟରେ ତଦାରଖ କରି ନିୟନ୍ତ୍ରଣ କରିବା ପାଇଁ ବ୍ୟବହାରିକ ପ୍ରଶିକ୍ଷଣ ପ୍ରୋଟୋକଲ୍ ଅଭ୍ୟାସ କରାଯାଇଥିଲା। ଏହି ମକ୍ ଡ୍ରିଲରେ ଯାଜପୁର ଜିଲା ଦାନଗଦୀ ତହସିଲଦାର ରଣଜିତ କୁମାର ମଲ୍ଲିକ, କାରଖାନା ଓ ବଏଲରର ଉପନିର୍ଦ୍ଦେଶକ ଗଣେଶ୍ୱର ମାର୍ଡି, ଓଏସପିସିବିର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ, ଯାଜପୁର ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ପରିବେଶ ବୈଜ୍ଞାନିକ ହିମାଂଶୁ ଶେଖର ସାହୁ, ଓଡିଆରଏଫ୍ ର ସହକାରୀ କମାଣ୍ଡା□ ନରେଶ ବେହେରା, ଯାଜପୁର ରୋଡ ଅଗ୍ନିଶମ କେନ୍ଦ୍ର, ସହକାରୀ ଅଗ୍ନିଶମ ଅଧିକାରୀ ତଥା ଟିମ୍ ଲିଡର ତାପସ କୁମାର ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳାଚଳ ଇସ୍ପାତ ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜାତୀୟ ବିଜ୍ଞାନ ଦିବସ ପାଳିତ



କୋରାପୁଟ ଜିଲ୍ଲା ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁର ଠାରେ ଜାତୀୟ ବିଜ୍ଞାନ ଦିବସ ପ୍ରଧାନ ଆଚାର୍ଯ୍ୟ ଶ୍ରୀ ସତ୍ୟନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବୋରିଗୁମ୍ମା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ଥିବା ବେଳେ, ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟର ସଭାପତି ଡ.ମନୋରଞ୍ଜନ ପ୍ରଧାନ, ଯୁଗ୍ମ-ସଂପାଦକ ଶ୍ରୀ କିଶୋର ଚନ୍ଦ୍ର ପଣ୍ଡା ଏବଂ ଶିଶୁ ବିଦ୍ୟାମନ୍ଦିର, ବାଙ୍କି, କଟକର ପୂର୍ବତନ ଛାତ୍ର ଶ୍ରୀ ସୌମ୍ୟ ରଞ୍ଜନ ଦାସ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ବିଜ୍ଞାନର ଉପଯୋଗିତା, ବିଜ୍ଞାନର ମହ□ ତଥା ଆଜି ଦିନର ମହ□ ବିଷୟରେ ଶିଶୁଙ୍କୁ ଉଦବୋଧନ ପ୍ରଦାନ କରିଥିଲେ। ଆଜି ଦିନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ସତ୍ୟ ନାରାୟଣ ସେଠୀ ଶିଶୁଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ ମାର୍ଗଦର୍ଶନ କରିଥିଲେ । ବିଜ୍ଞାନ ଦିବସ ଅବସରରେ ଶିଶୁଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଯେପରିକି - ବିଜ୍ଞାନ ପ୍ରଶ୍ନମ□, ବିଜ୍ଞାନ ପତ୍ରବାଚନ, ବିଜ୍ଞାନ ତଥ୍ୟ ସଂଗ୍ରହ, ବିଜ୍ଞାନ ପ୍ରକଳ୍ପ ଇତ୍ୟାଦି । ଏହି ବିଭିନ୍ନ ପ୍ରତିଯୋଗିତା ଗୁଡ଼ିକ ବିଜ୍ଞାନ ଶିକ୍ଷକମାନଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଶେଷରେ ଶିଶୁଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ଗୁରୁଜୀ ଗୁରୁମା ଏବଂ ସେବାବ୍ରତୀ ସହଯୋଗ ପ୍ରଦାନ କରିଥିଲେ ।

## ରାଜ୍ୟ ସ୍ତରୀୟ ବିପିୟୁଟି ଫାର୍ମାସୀ ଛାତ୍ର ସଙ୍ଘ ପକ୍ଷରୁ କ୍ରିକେଟ ଓ ଭଲି ଟୁର୍ନାମେଣ୍ଟ ଉଦଘାଟିତ



ବଡ଼ଚଣା (ମହାଭାରତ ):ଛତିଆ ହାଇସ୍କୁଲ୍ ଖେଳ ପଡିଆ ଠାରେ ଆଜି ରାଜ୍ୟ ସ୍ତରୀୟ ବିପିୟୁଟି ଫାର୍ମାସୀ ଛାତ୍ର ସଙ୍ଘ ପକ୍ଷରୁ ଏକ କ୍ରିକେଟ ଓ ଭଲି ଟୁର୍ନାମେ□ ଉଦଘାଟିତ ହୋଇଯାଇଛି। ତିନି ଦିନିଆ ଏହି ଖେଳ ଉଦଘାଟନି ଉତ୍ସବ ରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ଅନୁଷ୍ଠାନିକ ଭାବେ ଏହି ଖେଳ କୁ ଉଦଘାଟିତ କରିଥିଲେ। ଏଥିରେ ଡ଼ ସନ୍ତୋଷ କୁମାର ମହାପାତ୍ର ଓ ଛତିଆ ସମିତି ସଭ୍ୟ ଦୀପକ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳି ଓ ଆୟୋଜକ ମାନଙ୍କୁ ପ୍ରଶଂସା କରିଥିଲେ। ଏଥିରେ ରାଜ୍ୟର ୧୬ଟି ଫାର୍ମାସିଷ୍ଟ କଲେଜ ର ଛାତ୍ର ମାନେ ଭାଗ ନେଇ ଖେଳ ପଦର୍ଶନ କରିବେ।ଏହି ଖେଳ କୁ ସଂଗଠନ ର ମୁଖ୍ୟ ପ୍ରଭୁ ପ୍ରସାଦ ମିଶ୍ର,ପ୍ରଭାସ ମିଶ୍ର, ଅରଘେନ୍ଦୁ ମହାନ୍ତି, ସୋମ୍ୟରଞ୍ଜନ ଦାସ, ସବ୍ୟସାଚୀ ମୁଖାର୍ଜୀ, ଶ୍ରଦ୍ଧା ସୁମନ ଦାସ ପ୍ରମୁଖ ମୁଖ୍ୟ ଆୟୋଜକ ଭାବେ ଏହି ଖେଳ ର ଆୟୋଜିତ କରିଛନ୍ତି। ଆଜିର ଖେଳ କୁ ସୋମ୍ୟରଞ୍ଜନ ସାହୁ ଓ ସୁଧୀର ସାହୁ ପରିଚାଳନା କରିଥିବା ବେଳେ ଧାରା ବିବରଣୀ ରେ ପ୍ରଦୀପ୍ତ ରାଉଳ ସହଯୋଗ କରିଥିଲେ। ଖେଳାଳି ମାନଙ୍କ ଦ୍ୱାରା ବେଶ ଚିତା କର୍ଷ ର ଖେଳ ଦେଖିବାକୁ ମିଳିଛି।

## ପ୍ରଧାନ ଶିକ୍ଷକଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା



ଟିଟିଲାଗଡ (ମହାଭାରତ ) ସଇଁତଲା ବ୍ଲକ ଅନ୍ତର୍ଗତ ବୁବାହାଲ ଗ୍ରାମ ପଂଚାୟତ ର ପଂଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ବରୁଣ କୁମାର ସାହୁ। ବିଦ୍ୟାଳୟ ଓ ଶିକ୍ଷକ ଙ୍କ ତରଫରୁ ଶନିବାର ମଧ୍ୟାନ୍ତ ରେ ବିଦ୍ୟାଳୟ ର ପରିସରରେ ବିଦାୟ କାଳିନ ସମ୍ବର୍ଦ୍ଧନା କରାଯାଇଛି । ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ପ୍ରଦୀପ କୁମାର ନାଗ (ଜିଲ୍ଲା ଶିକ୍ଷା ଅଧିକାରୀ ବଲାଙ୍ଗୀର )ସମ୍ମାନିତ ଅତିଥି ଭାବେ ନାରାୟଣ ଭୋଇ (ବଭରକ୍ଟ)ଡାକ୍ତର ଚିନ୍ତାମଣି ରଣା, ବିନାୟକ ବେହେରା, ଚଣ୍ଡାଳ ମିଶ୍ର, ନମ୍ରତା ବାରା (କ୍ୱସ )କପିଳ ଭୋଇ (ପୂର୍ବତନ ସରପ□ )ମୁଖ୍ୟ ବକ୍ତା ସୁଶୀଲ କୁମାର ସୁନା,ମ□ ପରିଚାଳନା ଭୂପିନ୍ଦର ହରପାଳ (ପ୍ରଧାନ ଶିକ୍ଷକ ଖାରିବାହାଲ)ସରୋଜ ମିଶ୍ର, ସହପାଠୀ ଶିକ୍ଷକ ପ୍ରଦୀପ ସାହୁ, ସତ୍ୟବାନ ସାହୁ, ବିବଛ କୁମାର ସାହୁ,ପର୍ଶୁ ସାହୁ ବିବଚ୍ଛ କୁମାର ସାହୁ,ମୋହନ କୁମାର ସାହୁ ସ୍କୁଲ ସଭାପତି ଭୀଷ୍ମ ସାହୁ,ସ୍କୁଲ ପିଅନ, ଭରତ ପୋଡ଼, କାଳିଆ ପୁଟେଲ, ପିତାମ୍ବର ମେହେର କମିଟି ମେମ୍ବର ସୁରେଶ ଚନ୍ଦ୍ର ଭୋଇ, ଉପସ୍ଥିତ ଥିବାବେଳେ ସାହୁ ,ପୂର୍ବତନ ଛାତ୍ରଛାତ୍ରୀ ବନିତା ନାଗ, ସପ୍ତମୀ ବେହେରା, ଲକପତି ବାଗ, ବୃହସ୍ପତି ସାହୁ ସୁରେଶ ସାହୁ ତଥା ପୂବତନ ସରପ□ କପିଳ ଭୋଇ, ବିନାୟକ ବେହେରା, ଗୌରହରୀ ସାହୁ, ସୁରେଶଚନ୍ଦ୍ର ସାହୁ, , କ୍ଷମାନିଧି ସାହୁ,ସତାଧିକ ଛାତ୍ରଛାତ୍ରୀ ଥିଲେ, ପଂଚାୟତ ହାଇସ୍କୁଲ ଠାରୁ, ଶ୍ରୀ ସାହୁ ଶିକ୍ଷକ ଙ୍କୁ ସଂକୀର୍ତନ ଓ ବାଦ୍ୟ ଖୋଲ ତାଳ କରି ପଂଚାୟତ ସ୍ଥିତ ବୁବାହଲ ଠାରୁ ତାଙ୍କ ବାସସ୍ଥାନ ଡୁଙ୍ଗୁରିପାଲି ପର୍ଯ୍ୟନ୍ତ ଗ୍ରାମବାସି ତଥା ଆଖପାଖ ଗ୍ରାମର ଶତାଧିକ ମହିଳା ପୁରୁଷ ଓ ଛାତ୍ରଛାତ୍ରୀ ଶ୍ରୀ ସାହୁ ଙ୍କୁ ସମ୍ବାର୍ଦ୍ଧନା କରିଥିଲେ ।

# ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା କଲେ ପଞ୍ଚାୟତରାଜ ମନ୍ତ୍ରୀ



ଅସ୍ତରଙ୍ଗ(ମହାଭାରତ) : ଆଜି ଅସ୍ତରଙ୍ଗ ବ୍ଲକ କୁ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ କୁ ସମୀକ୍ଷା କରିଛନ୍ତି ଓଡିଶା ରାଜ୍ୟ ପଞ୍ଚାୟତରାଜ ପାନୀୟଜଳ ଗ୍ରାମ୍ୟଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ, ସମୀକ୍ଷା ବୈଠକ ରେ ଅସ୍ତରଙ୍ଗ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା, ବ୍ଲକ ଅଧକ୍ଷା ଶ୍ରୀମତୀ ଆରତୀ ନାୟକ,ଉପାଧକ୍ଷ ଶ୍ରୀଯୁକ୍ତ ଦୁର୍ଜ୍ଜୟ ମିଶ୍ର, ବରିଷ୍ଠ ବିଜେପି ନେତା ବାଇଧର ମଲ୍ଲିକ ଓ ଅସ୍ତରଙ୍ଗ ବ୍ଲକ ଯୁବ ବିଜେପି ନେତା ଶ୍ରୀଯୁକ୍ତ ଦିବାକର ଛାଟୋଇ, ଏଥି ସହିତ ବ୍ଲକ ର ବିଭିନ୍ନ ବିଭାଗ ର ଅଧିକାରୀ ଙ୍କ ସମେତ ଅନେକ ସରପଞ୍ଚ ଓ ସମିତି ସଭ୍ୟ ଓ ସଭ୍ୟା ମାନେ ଉପସ୍ଥିତ ରହିଥିଲେ,ଅସ୍ତରଙ୍ଗ ର ସମସ୍ତ ୧୫ ଗୋଟି ପଞ୍ଚାୟତ ରେ ପାନୀୟଜଳ ପ୍ରକଳ୍ପ କିପରି ଅଛି ତାହାର ସ୍ଥିତି ଅବସ୍ଥିତି ଆଉ କାର୍ଯ୍ୟକ୍ଷମ ଉପରେ ଉପସ୍ଥିତ ବିଡ଼ିଓ ଓ ବିଭାଗୀୟ ଅଧିକାରୀ ଙ୍କୁ ସହିତ ଆଲୋଚନା କରିବା ସହ ଡବଲ ଇଞ୍ଜିନ ସରକାର ଙ୍କୁ ସମୟ ରେ ପଞ୍ଚାୟତ ସ୍ତରରେ ପ୍ରତ୍ୟେକ ଗ୍ରାମାଞ୍ଚଳ କୁ ଉନ୍ନତ ସଡ଼କ ସ୍ଥିତି ଉପରେ ମଧ ଆଲୋଚନା କରିଥିଲେ ଏଥି ସହିତ ଅବହେଳିତ ଅବସ୍ଥା ରେ ପଡିରହିଥିବା ପାନୀୟଜଳ ପ୍ରକଳ୍ପ କୁ ଯୁଧକାଳୀନ ଭିତିରେ କାର୍ଯ୍ୟ କରିବାକୁ ବିଡ଼ିଓ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ସମୀକ୍ଷା ବୈଠକ ପରେ ଉପସ୍ଥିତ ଅଧିକାରୀ ଓ ନେତୃବୃନ୍ଦ ଙ୍କ ସହିତ ନବନିର୍ମାଣ ତାଳଦା ସେତୁ ର ସ୍ଥିତି ଯା□ ପାଇଁ ପହଞ୍ଚି ଏହାର କାର୍ଯ୍ୟ କୁ ଦେଖିଥିଲେ, ମନ୍ତ୍ରୀ ଙ୍କ ଆଗମନ ରେ ବିଜେପି ର ଅନେକ କର୍ମୀ ଏକତ୍ରିତ ହେବା ସହ ଅସ୍ତରଙ୍ଗ ବ୍ଲକ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେବା ସହ ସ୍ୱାଗତ କରିଥିଲେ।

## ନୂଆଗାଁ ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ



ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ନବମ ସାଧାରଣ ଅଧିବେଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକଟି ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପ୍ରସଙ୍ଗରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡା. ଅମୃତ କୁମାର ରାଉଲ,ଜୋନ ନଂ ୧୭ ଜିଲ୍ଲାପରିଷଦ ସଭ୍ୟା ପ୍ରତିମା ଦଳବେହେରା,ବ୍ଲକ ଉପାଧକ୍ଷ ପର୍ଶୁରାମ ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ଭୀମସେନ ସେଠି ପ୍ରମୁଖ ମ□ସିନ ଥିଲେ। ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ସମେତ ସମସ୍ତ ସରପ□ ଓ ସମିତି ସଭ୍ୟ ସଭ୍ୟା ଏବଂ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ। କିନ୍ତୁ ବିଭିନ୍ନ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ବୈଠକରେ ଅନୁପସ୍ଥିତ ଯୋଗୁଁ ବିଳମ୍ବିତ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।ଏହାକୁ ନେଇ ଜନପ୍ରତିନିଧି ମାନେ କ୍ଷୋଭ ପ୍ରକାଶ କରିଥିଲେୟ ପ୍ରଥମେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନା ସମ୍ପର୍କରେ ବିଡ଼ିଓ ଡା. ଅମୃତ କୁମାର ରାଉଲ ସମସ୍ତ ଙ୍କୁ ଅବଗତ କରିଥିଲେ। କିନ୍ତୁ ପୂର୍ବ ସରକାରଙ୍କ ସମୟରେ ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ନୂଆଗାଁ ବ୍ଲକର ସମସ୍ତ ପଞ୍ଚାୟତରୁ ୧୬ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବା ଦର୍ଶାଇ ଏହାକୁ ବନ୍ଦ କରିବା ପାଇଁ ସରକାରଙ୍କ ତରଫରୁ ଚିଠି ହୋଇଛି କି ? ଯଦି ହୋଇଛି ତେବେ ତାହାର ଏକ କପି ଦିଆଯାଉ ? ଏଥି ସହିତ ୪ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ତାହାକୁ କାହିଁକି କାର୍ଯ୍ୟ ହୋଇନଥିବା ଦର୍ଶାଇ ଅଭିଯୋଗ ହୋଇଛି ତେବେ ଯେଉଁ ପ୍ରକଳ୍ପ ଗୁଡିକ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଛି ତାହାର ଡିସପ୍ଲେ ବୋର୍ଡ ଖର୍ଚ୍ଚ ବାବଦକୁ ୧୦ହଜାର ଟଙ୍କା କିଏ ଦେବେ ବୋଲି ସମସ୍ତ ଜନପ୍ରତିନିଧି ବିଡିଓ ଡା. ରାଉଲ ଏବଂ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଙ୍କୁ ପ୍ରଶ୍ନ ପଚାରିଥିବାରୁ ଏନେଇ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରିନଥିଲେ। ଏପରିକି ନିର୍ମାଣ କାର୍ଯ୍ୟ ହୋଇନଥିବା ପ୍ରକଳ୍ପ ତାଲିକାରେ ବ୍ଲକ ଏବଂ ଡିଆରଡିଏ ମଧ୍ୟରେ କୌଣସି ତାଳ ମେଳ ଖାଉନଥିବା ବିଧାୟକ ଶ୍ରୀ ବେହେରା କହିଛନ୍ତି। ଏପରିକି କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ମିଶ୍ରଙ୍କ ମୃତ୍ୟୁ ପରେବି ତାଙ୍କ ଦସ୍ତଖତରେ ଆମ ଗାଁ ଆମ ବିକାଶ ପ୍ରକଳ୍ପର ବିଲ ହୋଇଥିବା ବିଧାୟକ ପ୍ରକାଶ କରିଛନ୍ତି। ଏହାକୁ ନେଇ ମଧ ଜିଲ୍ଲାପରିଷଦ ବୈଠକ ରେ ପ୍ରଶ୍ନ ଉଠାଇବେ ବୋଲି ବିଧାୟକ କହିଛନ୍ତି।ବର୍ତ୍ତମାନ ସରକାର ପରିବର୍ତ୍ତନ ପରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ନିର୍ମାଣ କାର୍ଯ୍ୟ ବନ୍ଦ ପ୍ରସଙ୍ଗକୁ ନେଇ ବ୍ଲକ ପ୍ରଶାସନ ଅଧିକାରୀ ଏବଂ ଜନପ୍ରତିନିଧି ମାନଙ୍କ ମଧ୍ୟରେ ପ୍ରବଳ ହଟଗୋଳ ହୋଇଥିବା ଦେଖିବାକୁ ମିଳିଥିଲା। ବୈଠକରେ ପାନୀୟ ଜଳ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ଚାଲିଥିବା ବେଳେ ସାଂସଦଙ୍କ ପ୍ରତିନିଧି ଭୀମସେନ ସେଠି ଧାନ ବିକ୍ରି ବଟାକୁ କେନ୍ଦ୍ର କରି ଏଭଳି ଏକ ପବିତ୍ର ଗୃହରେ ରାଜନୈତିକ ବୟାନ ବାଜି ଅପ୍ରାସଙ୍ଗିକତା ମନ୍ତବ୍ୟ ଦେଇଥିବାରୁ ଜନପ୍ରତିନିଧି ମାନଙ୍କ ମଧ୍ୟରେ ପ୍ରବଳ ହଟଗୋଳ ହୋଇଥିଲା। ଏହାକୁ ବିରୋଧ କରି ସରକାରୀ ଦଳରେ ଥାଇ କିପରି ପ୍ରଶ୍ନ କରୁଛନ୍ତି ଏବଂ ଦଳବଳ ନିର୍ବିଶେଷରେ ଉର୍ଦ୍ଧରେ ରହି ସମସ୍ତ ବିକାଶମୂଳକ କାର୍ଯ୍ୟ ଜାରି ରହିବ ସେ ଉପରେ ଆଲୋଚନା ହେଉ ବୋଲି ବିଧାୟକ କହିଥିଲେ ଏହାକୁ ସମସ୍ତ ଜନପ୍ରତିନିଧି ସମର୍ଥନ ଜଣାଇଥିଲେ। ଯାହାକି ହଟହଟା ହେବାକୁ ପଡିଥିଲା ସାଂସଦ ଙ୍କ ପ୍ରତିନିଧି ଭୀମସେନ ସେଠି ଙ୍କୁୟବିଧାନସଭାରେ ଯେପରି ଦୃଶ୍ୟ ଦେଖିବାକୁ ମିଳୁଥିଲା ତାହା ପ୍ରଥମ ଥର ପାଇଁ ଆଜି ପଞ୍ଚାୟତ ସମିତି ବୈଠକରେ କିଛି ଦୃଶ୍ୟ ଦେଖିବାକୁ ମିଳିଥିଲା। ଉକ୍ତ ବୈଠକରେ ସାଂସଦଙ୍କ ପ୍ରତିନିଧି କେବଳ ଉପସ୍ଥିତ ରହିବେ ଅଥବା ପ୍ରଶ୍ନ କରିପାରିବେ ଏନେଇ କିଛି ନିୟମ ରହିଛି କି ନାହିଁ ସେ ଉପରେ ବ୍ଲକ ପ୍ରଶାସନ ଅଧିକାରୀଙ୍କୁ ବିଧାୟକ ଓ ଜନପ୍ରତିନିଧି ପ୍ରଶ୍ନ କରିଥିଲେ କିନ୍ତୁ ପ୍ରଶ୍ନର ଉତ୍ତର ମିଳିନଥିଲା। ସାଂସଦଙ୍କ ପ୍ରତିନିଧି ଶ୍ରୀ ସେଠି ଙ୍କ ଦୁର୍ବ୍ୟବହାର ଯୋଗୁଁ ଜନପ୍ରତିନିଧି ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଯାହା ଫଳରେ କ୍ଷମା ମାଗିବାକୁ ଜନପ୍ରତିନିଧି ମାନେ କହିଥିଲେ। କିନ୍ତୁ ସାଂସଦଙ୍କ ପ୍ରତିନିଧି ପରିବର୍ତ୍ତେ ବ୍ଲକ ଉପାଧକ୍ଷ ପର୍ଶୁଶମ ସ୍ୱାଇଁ ସମସ୍ତ ଜନପ୍ରତିନିଧି ମାନଙ୍କୁ ଙ୍କୁ କ୍ଷମା ମାଗିଥିଲେୟ ଏହାପରେ ଚଳିତ ମାସ ୨ ରୁ ୫ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୪ଦିନ ଧରି ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଶେଷ ହେବାପରେ ଅନ୍ୟ ଏକ ନୂଆଗାଁ ମହୋତ୍ସବ ଯାହାକି ମାର୍ଚ୍ଚ ୭, ୮, ୯ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏନେଇ ବ୍ଲକ ଅଧକ୍ଷା ଓ ଜନପ୍ରତିନିଧି ମାନଙ୍କୁ ଅବଗତ କରିନଥିବାରୁ ଏହା ଦ୍ୱାରା ଭାଇଚାରା ନଷ୍ଟ ହେବା ସହ ନୂଆଗାଁ ବ୍ଲକ ଏକ ଆଦିବାସୀ ପଛୁଆ ଅ□ଳ ଓ ଆର୍ଥିକ ଅନଗ୍ରସର ହୋଇଥିବାରୁ ତାହା ଜନସାଧାରଣ ଙ୍କ ଉପରେ ପ୍ରଭାବ ପଡିବ ବୋଲି ଜନପ୍ରତିନିଧି ମାନେ ବିଡ଼ିଓ ଙ୍କୁ ପ୍ରଶ୍ନ କରିଥିଲେ କିନ୍ତୁ ତାହା ନିଜେ ସାଂସଦ ଏହି କାର୍ଯ୍ୟକ୍ରମ କରୁଛନ୍ତି ବୋଲି ବିଡ଼ିଓ କହିଥିଲେ।ସରକାରୀ ଅଧିକାରୀ ହିସାବରେ ଆମେ ସହଯୋଗ କରିବୁ ବୋଲି ବିଡ଼ିଓ କହିଥିଲେୟ ପରିଶେଷରେ ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡିକ କିପରି କାର୍ଯ୍ୟ ହେବ ସେ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

## ବାଲିଅନ୍ତା ବ୍ଲକ ଅଧକ୍ଷାଙ୍କ ବିରୁଦ୍ଧରେ ତୀବ୍ର ହେଉଛି ଆନ୍ଦୋଳନ

## ବାଲିଅନ୍ତା ବ୍ଲକ ସମ୍ମୁଖରେ ସାମ୍ବାଦିକଙ୍କ ଗଣଧାରଣା



ବାଲିଅନ୍ତା, (ମହାଭାରତ )ଗତ ସୋମବାର ବାଲିଅନ୍ତା ବ୍ଲକରେ ପଞ୍ଚାୟତ ସମିତି ବୈଠକରୁ ଅଧକ୍ଷା ବାସନ୍ତୀ ଖଟୁଆ ଦୁର୍ବ୍ୟବହାର କରି ସାମ୍ବାଦିକ ମାନଙ୍କୁ ସଭାକକ୍ଷରୁ ବାହାର କରିଦେଇଥିବା ପ୍ରତିବାଦରେ ସାମ୍ବାଦିକଙ୍କ ଧାରଣା ଅବ୍ୟାହତ ରହିଛି । ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବସିଥିବା ଆନ୍ଦୋଳନକାରୀ ସାମ୍ବାଦିକ ମାନେ ଅଗଣତାନ୍ତ୍ରିକ ଭାବରେ ସଭାଗୃହରୁ ବାହାର କରିଦେବାର କାରଣ ଜାଣିବାକୁ ଚାହୁଁଥିଲେ ମଧ କୌଣସି ଅଧିକାରୀ ଗତକାଲି ଆସିନଥିଲେ। ଧାରଣା ଆରମ୍ଭ ହେବାପରେ ବିଡ଼ିଓ ସୁଶ୍ରୀ କସ୍ତୁରୀ ସ୍ୱାଇଁ ଆନ୍ଦୋଳନରତ ସାମ୍ବାଦିକ ମାନଙ୍କୁ ଭେଟି ଧାରଣା ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ କିନ୍ତୁ ଅଧକ୍ଷା ନିଜ ଦୋଷ ସ୍ୱୀକାର ନକରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସାମ୍ବାଦିକ କହିଛନ୍ତି। ଦାବି ପୂରଣ ନହେଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଆନୁଷ୍ଠାନିକ ବୈଠକରେ ସାମ୍ବାଦିକ ମନେ ନିଷ୍ପତି ନେଇଛନ୍ତି । ଏହି ଗଣ ଧାରଣାରେ ବାଲିଅନ୍ତା, ବାଲିପାଟଣା, ଧଉଳି, ପାହାଳ ଅଞ୍ଚଳର ଶତାଧିକ ସାମ୍ବାଦିକ ଉପସ୍ଥିତ ଥିଲେ।

## ହିନ୍ଦୋଳ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ପଞ୍ଚାୟତ ସମିତି ସଭା ଗୃହରେ ଶୁକ୍ରବାର ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ସଂପର୍କରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି ।ବ୍ଲକ ଅଧକ୍ଷା ସସ୍ମିତା ରାଣୀ ନାୟକ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧକ୍ଷ ବରୁଣ କୁମାର ସର , ଜିଲ୍ଲାପରିଷଦ ସଦସ୍ୟ ସୁମନ୍ତ ଦେହୁରି , ଜିଲ୍ଲାପରିଷଦ ସଦସ୍ୟା ମମତାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. କଲ୍ୟାଣ ସୌରଭ ଦାଶ କାର୍ଯ୍ୟକ୍ରମକୁ ସଂଚାଳନ କରିଥିବା ସମୟରେ ସହକାରୀ ଯନ୍ତ୍ରୀ ବିପିନ ବିହାରି ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସ୍ୱତନ୍ତ୍ର ବୈଠକରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ସମ୍ପର୍କିତ ଆଲୋଚନା ଅବସର ରାଜନୈତିକ ଓ ବ୍ୟକ୍ତି ସ୍ୱାର୍ଥ ଉର୍ଦ୍ଧରେ ରହି ପ୍ରତ୍ୟକ ଜନପ୍ରତିନିଧି ସମାଜ କଲ୍ୟାଣ ନିମନ୍ତେ ଏକାଠି କାମ କରି ସମଗ୍ର ହିନ୍ଦୋଳ ଉପଖଣ୍ଡକୁ ଓଡିଶା ବିକାଶ ପଥରେ ଯୋଡି ତାହାର ସଫଳ ରୂପାୟନରେ ପ୍ରମୁଖ ସାରଥି ହେବାକୁ ସାସଂଦ ରୁଦ୍ରନାରାୟଣ ପାଣିଙ୍କ ବାର୍ତ୍ତାକୁ ତାଙ୍କ ପ୍ରତିନିଧି ପ୍ରକାଶ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହାପରେ ସରପ□ ଦିବାକର ନାଏକ , ପ୍ରତାପ ପ୍ରଧାନ , ଦୁଷ୍ମନ୍ତ ନାଏକ , ମନୋଜ ବେହେରା , ପୂର୍ବତନ ବ୍ଲକ ଅଧକ୍ଷ ତଥା କୁକୁଟା ସମିତି ସଭ୍ୟ ପ୍ରିୟରଂଜନ ମାହୁନ୍ତ , କୁଟୁଣିଆଁ ସମିତିସଭ୍ୟ ହେମନ୍ତ ସାହୁ ପ୍ରମୁଖ ଆଲୋଚନାରେ ଭାଗନେଇ ଯୋଜନାର ସଫଳତା ନିମନ୍ତେ କେତେକ ପ୍ରସ୍ତାବ ଦେଇଥିଲେ। ଉକ୍ତ ବୈଠକରେ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ / ସମିତିସଭ୍ୟା ସମେତ ଜିପିଡିଓ ଅନିତା ଦାଶ , ଜଳପରିମଳ ବିଭାଗ ଯନ୍ତ୍ରୀ ପ୍ରକାଶ ରାଉତ , ଏବଂ ବ୍ଲକର ସମସ୍ତ ଯନ୍ତ୍ରୀ ଉପସ୍ଥିତ ଥିଲେ ୟ ସ୍ୱତନ୍ତ୍ର ବୈଠକଟି ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିବା ସମୟରେ ଶେଷରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୋତି ରଂଜନ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମନରେଗା ବିଭାଗର ତ୍ରୁଟି ଲୁଚାଇବାକୁ ସମୀକ୍ଷା ବୈଠକ ରେ ସାମ୍ବାଦିକ ଙ୍କୁ ବାରଣ

ହାଟଡିହି ଏହି ବ୍ଲକ ର ଶୁକ୍ରବାର ଦିନ ସଭା ଗୃହ ର ଅନୁଷ୍ଠିତ ହୋଇଥିବା ସମୀକ୍ଷା ବୈଠକ ରେ ସାମ୍ବାଦିକ ମାନଙ୍କୁ ବାରଣ କରିଥିଲେ ଖୋଦ ମନରେଗା ବିଭାଗ ଅଧିକାରୀ ଭୈରେବନ୍ଦ୍ର ତ୍ରିପାଠୀୟ ସୂଚନା ଅନୁଯାୟୀ ଶ୍ରୀତ୍ରିପାଠୀ ହାଟଡିହି ବ୍ଲକ ରେ କେତେ ଜଣ କାର୍ଯ୍ୟରତ ସାମ୍ବାଦିକ ଅଛନ୍ତି ତାଙ୍କୁ ସେ ଜାଣି ନଥିବା କହିଛନ୍ତି। ତାଙ୍କ କହିବାନୁ ଯାଇ ମୁଁ ମାତ୍ର ଦୁଇ ତିନି ଜଣ ଙ୍କୁ ଜାଣିଛି। ତେଣୁ ସମସ୍ତ ଙ୍କୁ ଜାଣିବା ପରେ ଉକ୍ତ କାର୍ଯ୍ୟକ୍ରମରେ ବାବଦ ରେ ତଥ୍ୟ ଦେଇ ପାରିବି। ତାହା ଛଡା ଶ୍ରୀ ତ୍ରିପାଠୀ ପୂର୍ବ ସରକାର ସମୟ ରେ ଏହି ବ୍ଲକ ରେ ଯୋଗଦାନ କରିଥିବାରୁ ଏହି ସମୀକ୍ଷା ବୈଠକ ରେ ଯଦି ସାମ୍ବାଦିକ ମାନେ ଆସିବେ ତାହାଲେ ପୁରା ଘଟଣା ପାଦରେ ପଡ଼ିବୟ ତେଣୁ ଯାହାବି ହେଉ ସାଲିସ କରି ସଭା ଶେଷ କରିଦେଲ କଥା ଶେଷ। ବର୍ତମାନ ମୁଖ୍ୟମନ୍ତ୍ରୀ ମୋହନ ମାଝି ଲୋକଙ୍କ ସରକାର। ତେଣୁ ସମସ୍ତ ପ୍ରକାର କଥା ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ସରକାର ଙ୍କ ସମୟ ରେ ହାଟଡିହି ବ୍ଲକ ରେ ସମୀକ୍ଷା ବୈଠକ ଲୁକାୟିତ ଢଙ୍ଗ ର କରିବା ତାତ୍ପର୍ଯ୍ୟ କିଛି ଅଲଗା ବୋଲି ଜଣା ପଡିଛି। ଯାହାକୁ ନେଇ ତ୍ରୁଟି ଲୋକଙ୍କ ନଜର କୁ ଆସିଯିବ ବୋଲି ଡାକି ନଥିବା କହିଛନ୍ତି ଶ୍ରୀ ତ୍ରିପାଠୀ।

## କୁନି ପିଲାଙ୍କ ଠାରୁ ନେଲେ ବିଦାୟ ସତ୍ୟଭାମା ଦିଦି

ହାଟଡିହି ବ୍ଲକ ପନ୍ଦାଡୋ ଗ୍ରାମ ପଞ୍ଚାୟତ ପନ୍ଦାଡୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାବ ବିହ୍ୱଳ ପରିବେଶ ମଧ୍ୟରେ ବିଦାୟ ନେଲେ ସତ୍ୟଭାମା ନାୟକ। ସୂଚନା ଅନୁଯାୟୀ ଉଚ୍ଚ ବିଦ୍ୟାଳୟ ପରିବେଶ ରେ ମହା ଆଡ଼ମ୍ବରରେ ଦିଦି ଙ୍କ ବିଦାୟ ଉତ୍ସବ ଚାଲିଥିଲା। ଏହି ବିଦାୟୀ ସଭାରେ ସଭାପତିତ୍ୱ ବିଦ୍ୟାଧର ବେହେରା ପ୍ରଧାନ ଶିକ୍ଷକ ଭାବରେ ତୁଲାଇ ଥିବା ବେଳେ ଏହି କାଯ୍ୟକ୍ରମ ରେ ହାଟଡିହି ଶିକ୍ଷା ମଣ୍ଡଳ ର ବିଇଓ ଓମପ୍ରକାଶ ଅନେ୍ୱଷ ମୁଖ୍ୟ ଅତିଥି ଥିଲେ । ମୁଖ୍ୟ ବକ୍ତା ଚତୁର୍ଭୁଜ ପହି ଏବଂ ଏ ବି ଓ ପ୍ରମୋଦ କୁମାର ନାୟକ ସମ୍ମାନିତ ଅତିଥି ସରପଞ୍ଚ ପ୍ରତିନିଧି ନିକୁଞ୍ଜ ବିହାରୀ ଓଝା ଯୋଗ ଦେଇଥିଲେ ଏହି ସଭା ରେ ଶିକ୍ଷୟତ୍ରୀ ସତ୍ୟଭାମା ନାୟକ ପନ୍ଦାଡୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ୧୯୯୧ ମସିହାରେ ଯୋଗ ଦେଲା ବେଳେ ୨୦୨୫ ମସିହା ଫେବୃଆରୀ ୧୮ ତାରିଖ ରେ ତାଙ୍କର ଅବସର ସମୟ ପୂରଣ ହୋଇ ଥିଲା।ଏହି ସଭା ରେ ସତ୍ୟଭାମା କେତେ ଅମାୟିକ ବ୍ୟକ୍ତି ର ଅଧିକାରୀ ବୋଲି ସମସ୍ତେ ତାଙ୍କର ଗୁଣ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସହକାରୀ ଶିକ୍ଷକ ମାନଙ୍କ ମଧ୍ୟରେ ବିଦ୍ୟାଧର ବେହେରା, ପ୍ରମୋଦ କୁମାର ନାୟକ, ବ୍ରଜ କିଶୋର ତ୍ରିପାଠୀ ହରେକୃଷ୍ଣ ଭୂୟାଁ, ବିଳାସ ଚନ୍ଦ୍ର ଜେନା ସୁରେଶ କୁମାର ଜେନା ଙ୍କ ସହ ପଡ଼ୋଶୀ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗ ଦେଇଥିଲେ, ଏଥିରେ ପନ୍ଦାଡୋ ଗ୍ରାମ ବାସୀ ମାନେ ପୂର୍ଣ୍ଣ ସହୋଯୋଗ କରିଥିଲେ।

# ପାଟଣା ପଞ୍ଚାୟତ ସମିତି ଅଧିବେଶନ ରେ ହଟ୍ଟଗଳ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହ ରେ ପାଟଣା ପଞ୍ଚାୟତ ସମିତି ସପ୍ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଛି। ଏହି ପଞ୍ଚାୟତ ସମିତି ସାଧାରଣ ଅଧିବେଶନ ପାଟଣା ଅଧକ୍ଷା ବୀଣାପାଣି ନାଏକ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇ ଛି। ସାଧାରଣ ଅଧିବେଶନ ରେ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ କୁମାର ଦଣ୍ଡପାଟ, ପାଟଣା ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ,୩ଜଣ ଜିଲ୍ଲା ପରିଷଦ ସଦସ୍ୟ ସୌଭାଗ୍ୟ ମଞ୍ଜରୀ ନାଏକ,ପ୍ରଫୁଲ୍ଲ ଚନ୍ଦ୍ର ନାଏକ, ରୁନୁ ମହାନ୍ତ ଙ୍କ ଉପସ୍ଥିତି ରେ ଅଧିବେଶନ ଆଲୋଚନା ଚକ୍ର ଚାଲିଥିବା ବେଳେ ଚେମଣା ସମିତି ସଭ୍ୟ ତଥା ଖିରେଇଟଙ୍ଗିରୀ ମଣ୍ଡଳ ସଭାପତି ମନୋଜ ମହାନ୍ତ ଚୋରା ବାଲି ଚାଲାଣ, ପ୍ରସଙ୍ଗ ଉଠାଇ ଥିବା ବେଳେ ପାଟଣା ତହସିଲ କାର୍ଯ୍ୟାଳୟ ରୁ କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ ଓ ରା.ଡ଼ି ବିଭାଗ ରେ ବିଗତଏକବର୍ଷ ହେବ ମୁଷଖୋରୀ ପଞ୍ଚାୟତ ଠାରୁ ଚିନାମାଳିପଶି ପଞ୍ଚାୟତ ଓ ଦେଣୁଆ ପଞ୍ଚାୟତ ଠାରୁ ମାନପୁର ତଥା କେନ୍ଦେଇପଶି ପଞ୍ଚାୟତ ବିଭିନ୍ନ ରାସ୍ତା ନିର୍ମାଣ ହେଉ ନ ଥିବା ରାଜ୍ୟସ୍ୱ ବିଭାଗ ପ୍ରତି ବର୍ଷ ଜଳକର ନେଉ ଥିବା ବେଳେ କାଝରୀ କେନାଲ ରେ ପାଣି ଆସୁନାହିଁ କିନ୍ତୁ ରାଜସ୍ୱ ବିଭାଗ ଜଳକର ନେଉଛି। ଏ ବିଭାଗୀୟ କନିଷ୍ଠଯନ୍ତ୍ରୀ,ଉପଖଣ୍ଡ ଅଧିକାରୀ ଙ୍କୁ ସରପ□ ସମିତି ସଭ୍ୟ ମାନେ ପ୍ରଶ୍ନ କରିଥିବା ବେଳେ ବିଭାଗୀୟ ଙ୍କ ତଦନ୍ତ ପରେ କାର୍ଯ୍ୟକାରୀ ଉତ୍ତର କୁ କିଛି ସମୟ ହଟ୍ଟଗଳ ଲାଗି ରହିଥିଲା। ଏଥି ସହିତ ଅଧିବେଶନ କାର୍ଯ୍ୟ ପରିଚାଳିତ ହୋଇ ଥିଲା। ଏହି ସପ୍ତମ ଅଧିବେଶନ ରେ ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର,ବ୍ଲକ ସହକାରୀ ଯନ୍ତ୍ରୀ ସିଧ ମାଝୀ, ଶିକ୍ଷା ମଣ୍ଡଳ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ,ଟାଟା ବିଦ୍ୟୁତ ବିଭାଗ ମ୍ୟାନେଜର ଜ୍ୟୋତି ରଞ୍ଜନ ମିଶ୍ର,ଜନମଙ୍ଗଳ ଅଧିକାରୀ ସିପ୍ରାରାଣି ମହାନ୍ତ, ବ୍ଲକ ଯୋଗାଣ ନିରୀକ୍ଷକ ସୁନୀତା ମାରାଣ୍ଡି, ପଶୁପାଳ ଅଧିକାରୀ ସତ୍ୟ ପ୍ରକାଶ ଦ୍ୱିବେଦୀ,ଜିପିଇଓ ରଶ୍ମିରେଖା ମହାନ୍ତି,ପିଇଓ ଦୀପକ କୁମାର ବେହେରା,ପାନୀୟ ଜଳ ଓ ପରିମଳ ଯୋଜନା ସସ୍ମିତା ନାଏକ,ସାମାଜିକ ସୁରକ୍ଷା ବିଭାଗ ବିଏସଏସଓ ଅଭୟ କୁମାର ଦେହୁରୀ,ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଯୋଜକ ସୁସ୍ମିତା ସାହୁ ଉପସ୍ଥିତି ଥିବା ବେଳେ ପାଟଣା ବ୍ଲକ ୨୦ଟି ପଞ୍ଚାୟତ ର ସରପଞ୍ଚ,ସମିତି ସଭ୍ୟ ପଞ୍ଚାୟତ ସମିତି ଅଧିବେଶନ ରେ ଯୋଗଦାନ କରି ଜିନ ନିଜ ର ପଞ୍ଚାୟତ ର ଉନ୍ନତି ବିକାଶ ମୂଳକ କାର୍ଯ୍ୟ ପାଇଁ ପ୍ରସ୍ତାବ ଉପସ୍ଥାପନ କରିଚନ୍ତି।

# କେବଳ ଆଇନ୍ ତିଆରି କଲେ ଅପରାଧକୁ ରୋକାଯାଇ ପାରିବନି

**ନୂଆଦିଲ୍ଲୀ,୨୮।୨(ଏଜେନ୍ସି):** ମହାରାଷ୍ଟ୍ରର ପୁଣେର ସ୍ୱରଗେଟ୍ ବସ୍ ଡିପୋରେ ଏକ ବସ୍ ଭିତରେ ଜଣେ ମହିଳାଙ୍କ ସହ ହୋଇଥିବା ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତଙ୍କ ସନ୍ଧାନ ଜୋରଦାର ହୋଇଛି । ସାରା ଦେଶରେ ଏହି ଫେରାର୍ ଅପରାଧୀଙ୍କ ପାଇଁ କଠୋର ଦଣ୍ଡ ପାଇଁ ଦାବି ବଢିବାରେ ଲାଗିଛି । ଏହି ସମୟରେ ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି । ପୂର୍ବତନ ମୁଖ୍ୟ ବିଚାରପତି ଡି.ୱାଇ.ଚନ୍ଦ୍ରଚୂଡ଼ ଆଜି (ଗୁରୁବାର) କହିଛନ୍ତି ଯେ, ନିର୍ଭୟା ଘଟଣା ପରେ ଆଇନରେ ଅନେକ ସଂଶୋଧନ କରାଯାଇଥିଲା, କିନ୍ତୁ କେବଳ ଆଇନ ତିଆରି କରି ଏପରି ଅପରାଧକୁ ରୋକାଯାଇ ପାରିବ ନାହିଁ । ସେ କହିଛନ୍ତି,ମହିଳା ମାନଙ୍କ ପାଇଁ ତିଆରି ଆଇନ ଗୁଡ଼ିକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରାଯିବା ଉଚିତ । ମହିଳା ମାନେ ଯେଉଁଠିକୁ ଯିବେ ସେଠାରେ ସୁରକ୍ଷିତ



ଅନୁଭବ କରିବା ଉଚିତ । ଏପରି କ୍ଷେତ୍ରରେ, ଉପଯୁକ୍ତ ତଦନ୍ତ, କଠୋର କାର୍ଯ୍ୟାନୁଷ୍ଠାନ, ଶୀଘ୍ର ବିଚାର ଏବଂ ଦଣ୍ଡର ଆବଶ୍ୟକତା ରହିଛି । ସେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପୋଲିସ ଏବଂ ନ୍ୟାୟିକ ବ୍ୟବସ୍ଥାର ଦାୟିତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି । ଏପଟେ ବିରୋଧୀ ଦଳ ଗୁଡ଼ିକ ଏହି ଘଟଣାକୁ ୨୦୧୨ ଦିଲ୍ଲୀ ନିର୍ଭୟା ମାମଲା ସହିତ ତୁଳନା କରିଛନ୍ତି, ଯାହା ସରକାରଙ୍କ ଉପରେ ଚାପ ବୃଦ୍ଧି କରିଛି । ହିଷ୍ଟ୍ରି-ସିଟର ଦତ୍ତାତ୍ରେୟ ରାମଦାସ ଗାଡେ (୩୭)ଙ୍କୁ ଗିରଫ କରିବା ପାଇଁ ପୋଲିସ ଅନେକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି । ପୁଣେ ପୋଲିସ କମିଶନର ଅମିତେଶ କୁମାର କହିଛନ୍ତି ଯେ ଅଭିଯୁକ୍ତର ସ୍ଥାନ ବିଷୟରେ ସୂଚନା ଦେଉଥିବା ବ୍ୟକ୍ତିଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ଦିଆଯିବ । ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତଙ୍କୁ ଖୋଜୁଛି । MSRTC ପ୍ରଶାସନ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ଆରମ୍ଭ କରିଛି । ପୀଡିତାଙ୍କ ବୟାନ ଆଧାରରେ, ତଦନ୍ତ ଦ୍ରୁତ ଗତିରେ ଚାଲିଛି । ଏହି ଘଟଣା ମହିଳାଙ୍କ ସୁରକ୍ଷା ସମ୍ପର୍କରେ ଗମ୍ଭୀର ପ୍ରଶ୍ନ ଉଠାଇଛି । ଅପରାଧୀଙ୍କୁ ଯଥାଶୀଘ୍ର ଗିରଫ କରିବା ଏବଂ ଶୀଘ୍ର ନ୍ୟାୟ ପ୍ରଦାନ କରିବା ପାଇଁ ସରକାର ଏବଂ ପୋଲିସ ପ୍ରଶାସନ ଉପରେ ଚାପ ବଢୁଛି ।

# ବିଧାନସଭା ନିର୍ବାଚନ ପୂର୍ବରୁ ଭାଷା କାର୍ଡ ଖେଳିଲେ ଷ୍ଟାଲିନ

**ନୂଆଦିଲ୍ଲୀ,୨୮।୨(ଏଜେନ୍ସି):** ହିନ୍ଦୀ ଭାଷାକୁ ଅଧିକ ଟାର୍ଗେଟ କଲେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ । ଏନେଇ ସେ କେନ୍ଦ୍ର ଉପରେ ଦୋଷ ଲଦିଛନ୍ତି । ଗତ ୧୦୦ ବର୍ଷ ମଧ୍ୟରେ କେବଳ ହିନ୍ଦୀ ଭାଷା ୨୫ଟି ଉତ୍ତର ଭାରତୀୟ ଭାଷାକୁ ଧ୍ୱଂସ କରିଦେଇଛନ୍ତି ବୋଲି କହିଛନ୍ତି ଷ୍ଟାଲିନ । ଉତ୍ତରପ୍ରଦେଶ ଓ ବିହାରକୁ ହିନ୍ଦୀ ଭାଷାଭାଷୀ ରାଜ୍ୟ କୁହାଯାଉଥିଲେ ବି ସେହି ରାଜ୍ୟ ଗୁଡିକର ମୁଖ୍ୟ ଭାଷା ବିଲୋପ ହୋଇଯାଇଛି ବୋଲି ସେ କହିଛନ୍ତି । ୨୦୨୬ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଷ୍ଟାଲିନଙ୍କ ଭାଷା କାର୍ଡ ରାଜ୍ୟ ରାଜନୀତି ଉପରେ ବ୍ୟାପକ ପ୍ରଭାବ ପକାଇବା ଆଶା ରହିଛି । ହିନ୍ଦୀ ଭାଷା ଅନେକ ସଂସ୍କୃତି ଓ ଜାତିକୁ ବି ବିନାଶ



କରିଦେବ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି । ହିନ୍ଦୀର ପ୍ରସାର ଲାଗି କେନ୍ଦ୍ର ସରକାର ଉଦ୍ୟମ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ନୂଆ ଶିକ୍ଷାନୀତି ଅନୁସାରେ ଅନେକ ରାଜ୍ୟ ସଂସ୍କୃତକୁ ପ୍ରାଧାନ୍ୟ ଦେଉଛନ୍ତି । ନୂଆ ଶିକ୍ଷାନୀତିରେ ଥିବା ତ୍ରିଭାଷା ଫର୍ମୁଲା ଅନୁସାରେ ମାତୃଭାଷା, ଇଂରାଜୀ ଓ ନିଜ ଇଚ୍ଛାନୁସାରେ ଗୋଟିଏ ଭାଷା ପଢିବା ବ୍ୟବସ୍ଥା ରହିଛି । କେବଳ ଆଣ୍ଡାମାନ ବ୍ୟତୀତ ଅନ୍ୟ କୌଣସି ରାଜ୍ୟରେ ତାମିଲ ପଢାଯାଉନାହିଁ । କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅଧୀନରେ ଆସୁଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ତାମିଲ ଶିକ୍ଷକ ନଥିବା ସେ ଅଭିଯୋଗ କରିଛନ୍ତି । କେନ୍ଦ୍ର ସରକାରଙ୍କ ନୀତି ଅନୁସାରେ ଯଦି ବିଦ୍ୟାଳୟରେ ଅତି କମରେ ୧୫ ପିଲା ତାମିଲ ପଢିବା ଲାଗି ଆଗ୍ରହୀ ତେବେ ସେଠାରେ ତାମିଲ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ।

# ଭାରତୀୟ ଗ୍ରାଜୁଏଟଙ୍କ ଲାଗି ଟ୍ରମ୍ପଙ୍କ ବଡ଼ ଘୋଷଣା

**ନୂଆଦିଲ୍ଲୀ,୨୮।୨(ଏଜେନ୍ସି):** ଭାରତୀୟ ଗ୍ରାଜୁଏଟଙ୍କ ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବଡ଼ ଘୋଷଣା । ଗୋଲ୍ଡ କାର୍ଡ ସିଟିଜେନସିପ୍ ଆଧାରରେ ବିଭିନ୍ନ ଆମେରିକୀୟ ବିଶ୍ୱବିଦ୍ୟାଳୟର ଭାରତୀୟ ଗ୍ରାଜୁଏଟମାନଙ୍କୁ ଆମେରିକୀୟ ଫାର୍ମ ନିଯୁକ୍ତି ଦେଇପାରିବେ । ବର୍ତ୍ତମାନର ବ୍ୟବସ୍ଥା ଅନୁସାରେ ଆମେରିକାରେ ଶିକ୍ଷାଲାଭ କରୁଥିବା ପ୍ରତିଭାବାନ ଛାତ୍ରଛାତ୍ରୀ ଆମେରିକା ଛାଡିବା ଲାଗି ବାଧ୍ୟ ହେଉଛନ୍ତି । ତେବେ ଗୋଲ୍ଡ କାର୍ଡ ଯୋଗୁ ସେମାନେ ଆମେରିକାରେ ସୁଯୋଗ ପାଇପାରିବେ । ନିଜର ପ୍ରଥମ କ୍ୟାବିନେଟ ବୈଠକରେ ଏହି ଘୋଷଣା କରିଛନ୍ତି ଟ୍ରମ୍ପ । ଏହି ବୈଠକରେ ଏକ୍ସ ମାଲିକ ଏଲନ ମସ୍କ, ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ, ପ୍ରତିରକ୍ଷା ମନ୍ତ୍ରୀ ପିଟ ହେଗସେଥ ପ୍ରମୁଖ ଉପସ୍ଥିତ ଥିଲେ । ଗୋଲ୍ଡ କାର୍ଡ ସିଟିଜେନସିପ ନିୟମ ଆଧାରରେ ଯେଉଁ ବିଦେଶୀ ଧନୀ ନିବେଶକ ୫ ମିଲିୟନ ଡଲାର ଦେଇପାରିବେ ସେମାନଙ୍କୁ ଆମେରିକା ନାଗରିକତ୍ୱ ମିଳିବା ଲାଗି କ୍ଷେତ୍ର ପ୍ରସ୍ତୁତ ହେବ । ଦେଶରେ ନାଗରିକତ୍ୱ ସମ୍ପର୍କରେ ଦ୍ୱନ୍ଦ୍ୱ ରହୁଥିବାରୁ ଅନେକ ନାଗରିକ ଆମେରିକାରେ ଉଚ୍ଚଶିକ୍ଷା ଲାଭ କରି ସୁଦ୍ଧା ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେଉଛନ୍ତି କିମ୍ବା ଦେଶ ଛାଡୁଛନ୍ତି । ଦୀର୍ଘକାଳୀନ ରହଣୀ ଲାଗି ଉଦ୍ଦିଷ୍ଟ ଗ୍ରୀନକାର୍ଡ ପରି ଗୋଲ୍ଡ କାର୍ଡ ଯୋଗୁ ଅନେକ ବୈଧ ପ୍ରବାସୀ ଉପକୃତ ହେବେ । ବର୍ତ୍ତମାନର ନିୟମ ଅନୁସାରେ ଯେଉଁ ନିବେଶକ ଏକ ନିୟୁତି ଡଲାର ନିବେଶ କରିପାରିବେ ଏବଂ ୧୦ଟି ନିଯୁକ୍ତି ଦେଇପାରିବେ ସେମାନଙ୍କୁ EB-୫ ଭିସା ଅନୁସାରେ ଆମେରିକାରେ ରହିବା ଲାଗି ଅନୁମତି ମିଳୁଛି । ଏହା ସହ ସେମାନଙ୍କୁ ଗ୍ରୀନକାର୍ଡ ଲାଗି ୫-୭ ବର୍ଷ ଅପେକ୍ଷା କରିବାକୁ ପଡୁଛି । ୧୯୯୦ରୁ ଆରମ୍ଭ ହୋଇଥିବା EB-୫ ଭିସା ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଆସୁଛି । ଗୋଲ୍ଡକାର୍ଡ ନୀତି ପରେ ଏହି ନିୟମ ହଟିଯାଇପାରେ । ଆସନ୍ତା ଏପ୍ରିଲରୁ ଗୋଲ୍ଡ କାର୍ଡ କାର୍ଯ୍ୟକ୍ରମ ଆରମ୍ଭ ହେବ ଏବଂ ପ୍ରାୟ ୧ କୋଟି କାର୍ଡ ମଞ୍ଜୁର ହେବା ସମ୍ଭାବନା ରହିଛି ।

# ଯୋଗୀଙ୍କ ବଡ ଘୋଷଣା : ଡ଼ଙ୍ଗା ଚାଳକଙ୍କୁ ମିଳିବ ୫ ଲକ୍ଷର ବୀମା

**ନୂଆଦିଲ୍ଲୀ,୨୮।୨(ଏଜେନ୍ସି):** ୪୫ ଦିନ ଚାଲିଥିବା ମହାକୁମ୍ଭ ୨୦୨୫ର ସମାପନ ମହାଶିବରାତ୍ରୀକୁ ହୋଇଛି । ତଥାପି ପ୍ରୟାଗରାଜର ତ୍ରୀବେଣୀ ସଙ୍ଗମରେ ପବିତ୍ର ସ୍ନାନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଛି । ଆଜି ମୁଖ୍ୟମନ୍ତ୍ରୀ ଯୋଗୀ ଆଦୀତ୍ୟନାଥ ଅଧିକାରୀ, କର୍ମଚାରୀ ଏବଂ ସଂସ୍ଥାମାନଙ୍କୁ ସମ୍ମାନୀତ କରିବେ । ମହାକୁମ୍ଭର ସମାଗମ ପରେ ଯୋଗୀ ଡ଼ଙ୍ଗା ଚାଳକଙ୍କ ସହ ଆଲୋଚନା କରିଛନ୍ତି । ସିଏମ କହିଛନ୍ତି ପଞ୍ଜିକରଣ ପରେ ପ୍ରତ୍ୟେକ ଡଙ୍ଗା ଚାଳକଙ୍କୁ ୫ ଲକ୍ଷ ଟଙ୍କାର ବୀମା ଯୋଜନା ଦିଆଯିବ । ଡଙ୍ଗା କିଣିବା ପାଇଁ ଧନରାଶୀ ଦିଆଯିବ । ଯେଉଁମାନଙ୍କ ପାଖରେ ସ୍ୱାସ୍ଥ୍ୟବୀମା ନାହିଁ ତାଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ । ସେହିପରି ବିଶ୍ୱର ସବୁଠାରୁ ବଡ ଧାର୍ମୀକ ଏବଂ ଆଧାତ୍ମିକ ସମାଗମ ମହାକୁମ୍ଭର ଅନ୍ତିମ ସ୍ନାନ ପର୍ବ ମହା ଶିବରାତ୍ରୀ ସହ ଶେଷ ହୋଇଛି । ତେଣୁ ମହାକୁମ୍ଭର ଆଜି ଔପଚାରିକ ଭାବେ ସମାପନ ହେଉଛି । ଏହି ଅବସରରେ ସିଏମ ଯୋଗୀ ପ୍ରୟାଗରାଜରେ ପହଞ୍ଚିଛନ୍ତି ।



ମୁଖ୍ୟମନ୍ତ୍ରୀ ପ୍ରୟାଗରାଜରେ ପହଞ୍ଚି ଗଙ୍ଗାର ଅରେଲ ଘାଟ ସଫା କରୁଥିବାର ନଜର ଆସିଥିଲେ । ଏହା ପରେ ସିଏମ ଯୋଗୀ ମହାକୁମ୍ଭରେ ଲୋକଙ୍କୁ ସେବା କରୁଥିବା ସଫେଇ କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ ନାବିକଙ୍କୁ ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ମହାକୁମ୍ଭରେ ସେବା ଦେଉଥିବା ସଫେଇ କର୍ମଚାରୀଙ୍କୁ ୧୦ ହଜାର ଟଙ୍କା ବୋନସ ଦେବାର ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି ମହାକୁମ୍ଭ ଲାଗିଥିବା ବେଳେ ପ୍ରତ୍ୟେକ ଦିନ କୋଟି କୋଟି ଲୋକ ଆସି ପହଞ୍ଚିଥାଆନ୍ତି । ଏତେ ବିଶାଳ ସମାଗମ ବିଶ୍ୱ ମଧରେ କେଉଁଠି ବି କେବେ ବି ହୋଇନଥିଲା । ୬୬ କୋଟି ୩୦ ଲକ୍ଷ ଶ୍ରଦ୍ଧାଳୁ ସମାଗମ ହେବା ଏବଂ କିଛି ଭି ପ୍ରକାରର ଅପହରଣ ମାମଲା, ଲୁଟ୍ ଘଟଣା, ହଇରାଣ ହରକତ ଘଟଣା ପରି ଘଟଣା ଘଟିନାହିଁ । ଆମେ ପ୍ରାଥମିକତା କୁ ଧ୍ୟାନରେ ରଖି ଥିଲୁ । ଏବଂ ଶ୍ରଦ୍ଧାଳୁଙ୍କ ସୁବିଧାକୁ ମଧନଜରରେ ରଖି ପ୍ରତ୍ୟେକ କାମ କରାଯାଇଛି ବୋଲି ଯୋଗୀ କହିଛନ୍ତି ।

# ୩୦ ନୁହେଁ, ଏବେ ୩ଘଣ୍ଟାରେ କୋଲକାତାରୁ ଚେନ୍ନାଇ ଯାଇପାରିବେ ଯାତ୍ରୀ

**ନୂଆଦିଲ୍ଲୀ,୨୮।୨(ଏଜେନ୍ସି):**କୋଲକାତାରୁ ଚେନ୍ନାଇର ଦୂରତା ପ୍ରାୟ ୧,୬୬୮ କିଲୋମିଟର । ଏହି ଦୂରତା ଅତିକ୍ରମ କରିବା ପାଇଁ ଅତି କମରେ ୩୦ଘଣ୍ଟା ସମୟ ଲାଗେ । ଏବେ ତାହା କିଛି ଘଣ୍ଟା ମଧରେ ସମାପ୍ତ ହୋଇପାରିବ । ଆଜ୍ଞା ହଁ, ଆଇଆଇଟି ମାଡ୍ରାସରେ, ଷ୍ଟାର୍ଟଅପ୍ ୱାଟରଫ୍ଲାଏ ଟେକ୍ନୋଲୋଜିସ୍ ଏକ ଇଲେକ୍ଟ୍ରିକ୍ 'ସି ଗ୍ଲାଇଡର୍' ବିକଶିତ କରୁଛି । ଏହା



ସାହାଯ୍ୟରେ କୋଲକାତାରୁ ଚେନ୍ନାଇ ମାତ୍ର ୩ଘଣ୍ଟାରେ ଯାଇ ପହଞ୍ଚି ହେବ । ଏହାର ଭଡ଼ା ମାତ୍ର ୬୦୦ଟଙ୍କା ହେବ । କିଛି ଦିନ ତଳେ ବେଙ୍ଗାଲୁରୁରେ ଅନୁଷ୍ଠିତ ଏରୋ ଇଣ୍ଡିଆ ୨୦୨୫ରେ, ୱାଟରଫ୍ଲାଏ ଟେକ୍ନୋଲୋଜିସ୍ ଭାରତରେ ଏକ ନୂତନ ପରିବହନ ମାଧ୍ୟମର ଡିଜାଇନ୍ ପ୍ରଦର୍ଶନ କରିଥିଲା । ଏହାକୁ 'ୱିଗ୍ କ୍ରାଫ୍ଟ' ନାମ ଦିଆଯାଇଥିଲା । ଏହି ମାଧ୍ୟମକୁ ନେଇ ୱାଟରଫ୍ଲାଏ ଟେକ୍ନୋଲୋଜିସ୍ ପକ୍ଷରୁ ଦାବି କରାଯାଉଛି ଯେ, ୱିଗ୍ କ୍ରାଫ୍ଟ ସମୁଦ୍ର ପତ୍ତନରୁ ୪ମିଟର ଉଚ୍ଚତାରେ ଚାଲିବ ଏବଂ ଏହା ସାହାଯ୍ୟରେ, କେବଳ ୬୦୦ଟଙ୍କାରେ କୋଲକାତାରୁ ଚେନ୍ନାଇ ଯାତ୍ରା କରାଯାଇପାରିବ । ଏହାର ଗତି ଘଣ୍ଟା ପ୍ରତି ୫୦୦ କିଲୋମିଟର ପର୍ଯ୍ୟନ୍ତ ହୋଇପାରେ । ଟ୍ରେନରେ ଲୋକେ ୧୫୦୦ଟଙ୍କା ଦେଇ ଯାତ୍ରା କରୁଥିବା ବେଳେ ୱିଗ୍ କ୍ରାଫ୍ଟରେ ମାତ୍ର ୬୦୦ଟଙ୍କା ଦେଇ ଯାତ୍ରା କରିପାରିବେ ।

### ଡିଏସ୍‌ପି ପେନ୍‌ସନ ଫଣ୍ଡ ମ୍ୟାନେଜର୍ସ ରିପୋର୍ଟ

# ଭାରତର ପେନସନ ଏୟୁଏମ୍ ୨୦୩୦ ସୁଦ୍ଧା ବୃଦ୍ଧିପାଇ ୧୧୮ ଟ୍ରିଲିଅନ ଟଙ୍କାରେ ପହଞ୍ଚିବ

**ମୁମ୍ବଇ,୨୮।୨(ଏଜେନ୍ସି):** ଡିଏସ୍‌ପି ପେନ୍‌ସନ ଫଣ୍ଡ ମ୍ୟାନେଜର୍ସ ତାଙ୍କ ରିପୋର୍ଟରେ ଭାରତରେ ପେନ୍‌ସନ ପରିଚାଳନା ପରିପ୍ରେକ୍ଷୀରେ ପରିସମ୍ପତ୍ତି (ଏୟୁଏମ୍)ରେ ଉଲ୍ଲେଖନୀୟ ଅଭିବୃଦ୍ଧି ସମ୍ପର୍କରେ ଭବିଷ୍ୟବାଣୀ କରିଛନ୍ତି । ଏହି ରିପୋର୍ଟ ଅନୁଯାୟୀ ୨୦୩୦ ସୁଦ୍ଧା ମୋଟ ଏୟୁଏମ୍ ୧୧୮ ଟ୍ରିଲିଅନ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବା ଅନୁମାନ କରାଯାଇଛି ଏବଂ ସେଥିରେ ରାଷ୍ଟ୍ରୀୟ ପେନ୍‌ସନ ପ୍ରଣାଳୀ (ଏନପିଏସ୍)ର ଯୋଗଦାନ ମୋଟ ପରିମାଣର ପ୍ରାୟ ୨୫ ପ୍ରତିଶତ ହେବ । ଏହି ବୃଦ୍ଧି ଭାରତର ଅଭିବୃଦ୍ଧିଶୀଳ ଜନସଂଖ୍ୟା ଏବଂ ତାହାର ପରିଣାମ ସ୍ୱରୂପ ହେବାକୁ ଥିବା ପ୍ରଭାବ ଆଧାର ମୁତାବକ ଅନୁମାନ କରାଯାଇଛି ।

ଭାରତରେ ବୟସ୍କଙ୍କ ସଂଖ୍ୟା ୨୦୫୦ ସୁଦ୍ଧା ୨.୫ଗୁଣ ବୃଦ୍ଧିପାଇବା ଆଶା କରାଯାଉଛି । ଏହାବ୍ୟତୀତ ଅବସର ପରେ ବଞ୍ଚିମାର ପ୍ରତ୍ୟାଶା ପ୍ରାୟ ୨୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧିଘଟିବ । ସମ୍ପ୍ରତି ଭାରତରେ ପେନ୍‌ସନ ବଜାରର ସେଭଳି ଅଧିକ ପ୍ରସାର ହୋଇନାହିଁ । ଏହି ବଜାରର ବର୍ତ୍ତମାନ ଆକାର ରାଷ୍ଟ୍ରର ମୋଟ ଘରୋଇ ଉତ୍ପାଦନ (ଜିଡିପି)ର ମାତ୍ର ୩ ପ୍ରତିଶତ ରହିଛି । ଅବସରକାଳୀନ ସଞ୍ଚୟ ତାରତମ୍ୟ ପ୍ରତିବର୍ଷ ୧୦ ପ୍ରତିଶତ ବୃଦ୍ଧିପାଇବା ଆଶା କରାଯାଉଛି ଯାହା ୨୦୫୦ ସୁଦ୍ଧା ଆନୁମାନିକ ୯୬ ଟ୍ରିଲିଅନ ଡଲାର ପର୍ଯ୍ୟନ୍ତ ପହଞ୍ଚିବ । କାରଣ ଗତ ଦଶକରେ ନଗଦ ଆକାରରେ ଏବଂ ବ୍ୟାଙ୍କ ଜମା ଉପରେ ଭାରତୀୟଙ୍କ ନିର୍ଭରଶୀଳତା ୬୨ ପ୍ରତିଶତରୁ ହ୍ରାସପାଇ ୪୪ ପ୍ରତିଶତ ହୋଇଛି । ଏଥିରୁ ଏହି ସୂଚନା ମିଳୁଛି ଯେ ଭାରତରେ ରିଟେଲ ପୁଞ୍ଜିନିବେଶକ କ୍ଷୀପ୍ର ଗତିରେ ପାରମ୍ପରିକ ସଞ୍ଚୟ ପ୍ରଣାଳୀ ପରିବର୍ତ୍ତେ ବଜାର ସହିତ ସଂଯୁକ୍ତ ନିବେଶ ଉପାୟ ଅଭିମୁଖେ ଅଗ୍ରସର ହେଉଛନ୍ତି ।

ଗତ ପାଞ୍ଚବର୍ଷରେ ଏନପିଏସରେ ଘରୋଇ କ୍ଷେତ୍ରର ଏୟୁଏମ୍‌ରେ ୨୬.୮ ପ୍ରତିଶତର ଉଲ୍ଲେଖନୀୟ ହାରରେ ବାର୍ଷିକ ଅଭିବୃଦ୍ଧି ଘଟିଛି, ଯାହା ୮୪,୮୧୪ କୋଟି ଟଙ୍କାରୁ ବୃଦ୍ଧିପାଇ ୨,୬୮,୧୦୨ କୋଟି ଟଙ୍କା ହୋଇଛି । ଆର୍ଥିକ ବର୍ଷ ୨୦୨୦ରୁ ୨୦୨୪ ପର୍ଯ୍ୟନ୍ତ ନୂତନ ପଞ୍ଜିକରଣରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ଏଥିରେ ପୁରୁଷ ସଦସ୍ୟଙ୍କ ସଂଖ୍ୟାରେ ୬୫ ପ୍ରତିଶତ ଏବଂ ମହିଳା ସଦସ୍ୟଙ୍କ ସଂଖ୍ୟାରେ ୧୧୯ ପ୍ରତିଶତ ବୃଦ୍ଧି ହୋଇଛି । ୨୦୨୪ ସେପ୍ଟେମ୍ବରରେ ଆରମ୍ଭ ହୋଇଥିବା ଏନପିଏସ୍ ବାତ୍ସଲ୍ୟ ଯୋଜନା ପ୍ରତି ଉଲ୍ଲେଖନୀୟ ଅବଦାନ ମିଳିଛି । ଏହି ଯୋଜନାରେ ୮୬,୦୦୦ରୁ ଅଧିକ ସଦସ୍ୟ ଯୋଡି ହୋଇଛନ୍ତି ।

ଭବିଷ୍ୟତକୁ ଆକଳନ କଲେ ଏନପିଏସ୍‌ରେ ଘରୋଇ କ୍ଷେତ୍ରର ଏୟୁଏମ୍ ଆଗାମୀ ପାଞ୍ଚବର୍ଷରେ ୧.୫ କୋଟିରୁ ଅଧିକ ଗ୍ରାହକଙ୍କ ସହିତ ୯,୧୨,୦୦୦ କୋଟି ଟଙ୍କାରୁ ଅଧିକ ହେବା ଅନୁମାନ କରାଯାଉଛି । ସରକାରଙ୍କ ଦ୍ୱାରା ଲାଗୁ କରାଯାଉଥିବା ଟିକସ ସଂସ୍କାର, ପୁରାତନ ଏବଂ ନୂତନ କର ବ୍ୟବସ୍ଥାରେ ଏନପିଏସ୍‌କୁ ସାମିଲ କରିବା, ଏନପିଏସ୍ ବାତ୍ସଲ୍ୟରେ ଯୋଗଦାନ କରୁଥିବା ମାତା-ପିତାଙ୍କ ପାଇଁ ଟିକସ ରିଆତି ଲାଭ, ସରକାରୀ କର୍ମଚାରୀଙ୍କ ଦ୍ୱାରା ଘରୋଇ କ୍ଷେତ୍ରର ପାଣ୍ଠି ପରିଚାଳନାକାରୀଙ୍କ ମାର୍ଗଦର୍ଶନକୁ ସ୍ୱୀକାର କରିବା, ଯୁବପିଢି (୨୦-୩୦ ବର୍ଷ ବୟସ୍କ) ଦ୍ୱାରା ଏନପିଏସ୍ ପ୍ରତି ବର୍ଦ୍ଧିତ ପ୍ରାଥମିକତା ଏବଂ ପାଣ୍ଠି ପରିଚାଳନାରେ ପ୍ରାଦ୍ୟୋଗିକୀ ଏବଂ ଏଆଇକୁ ସମନ୍ୱିତ କରାଯିବା, ଏହି ବୃଦ୍ଧି ପଛରେ ପ୍ରମୁଖ କାରକ ହୋଇ ରହିଛି ।

ଏହି ରିପୋର୍ଟ ସମ୍ପର୍କରେ ମତଦେଇ ଡିଏସ୍‌ପି ପେନ୍‌ସନ ଫଣ୍ଡ ମ୍ୟାନେଜର୍ସର ସିଇଓ ରାହୁଲ ଭଗତ କହିଥିଲେ, "ଆମର ଦୃଢ ବିଶ୍ୱାସ ଯେ ଭାରତରେ ପେନ୍‌ସନ ବଜାର କ୍ଷୀପ୍ର ଗତିରେ ବିକାଶ ପଥରେ ଅଗ୍ରସର ହେଉଛି । ସଠିକ ନୀତିସମୂହ ଏବଂ ବର୍ଦ୍ଧିତ ସଚେତନତା ସହିତ ଏହି ବଜାରରେ ନାଗରିକଙ୍କ ନିମନ୍ତେ ମହତ୍ୱପୂର୍ଣ୍ଣ ମୂଲ୍ୟ ଅନ୍‌ଲକ କରିବା କ୍ଷମତା ରହିଛି । ଆମର ଦୃଢ ବିଶ୍ୱାସ ଯେ ଆମର ମଜଭୁତ ନିବେଶ ପ୍ରକ୍ରିୟା ଏହି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ନେବାରେ ସହାୟକ ହେବ । ଆମର ବିଶ୍ୱାସ ଯେ ଆଗାମୀ ୫ବର୍ଷରେ ଆମେ ଏହି ଉଦ୍ୟୋଗରେ ଶୀର୍ଷ ୫ କମ୍ପାନୀ ମଧ୍ୟରେ ସାମିଲ ହେବୁ । ଆମେ ଯାହା ଅନୁମାନ କରୁଛୁ, ସେହି ଦୀର୍ଘକାଳୀନ ଅବସର ଯୋଜନାର ମହତ୍ୱ ଏବଂ ବିତ୍ତୀୟ ଭବିଷ୍ୟତକୁ ସୁରକ୍ଷିତ କରିବା ନିମନ୍ତେ ଏନପିଏସ୍‌ର ଭୂମିକା ଉପରେ ଆଲୋକପାତ କରୁଛୁ ।"

# ମମତା ବାନାର୍ଜୀଙ୍କ ଅଭିଯୋଗ

**କୋଲକାତା,୨୮।୨(ଏଜେନ୍ସି):ଦିଲ୍ଲୀ** ଏବଂ ମହାରାଷ୍ଟ୍ରରେ ବିଜେପିର ବିଜୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ନକଲି ଭୋଟରଙ୍କ ସହୟତାରେ ବିଜେପିର ନିର୍ବାଚନ ଜିତିଛି ବୋଲି ସେ ଅଭିଯୋଗ କରିଛନ୍ତି । ହରିୟାଣା ଏବଂ ଗୁଜରାଟରୁ ଲୋକଙ୍କୁ ଆଣି ବିଜେପି ଭୋଟ ସଂଖ୍ୟା ବଢ଼ାଇଛି ଏବଂ ନିର୍ବାଚନରେ ବିଜୟୀ ହୋଇଛି ବୋଲି ମମତା



ଦାବି କରିଛନ୍ତି । ଟିଏମସି ସୁପ୍ରିମୋ ନେତାଜୀ ହଲରେ ଆୟୋଜିତ ଏକ ଦଳୀୟ ବେଠକରେ କହିଛନ୍ତି, ନିର୍ବାଚନ କମିଶନ ଯେପର୍ଯ୍ୟନ୍ତ ନିରପେକ୍ଷ ନହେବ ସେପର୍ଯ୍ୟନ୍ତ ମୁକ୍ତ ଏବଂ ଅବାଧ ନିର୍ବାଚନ ହୋଇପାରବି ନାହିଁ । ମୁଖ୍ୟ ନିର୍ବାଚନ କମିଶନର ଭାବରେ ଜ୍ଞାନେଶ କୁମାରଙ୍କ ନିଯୁକ୍ତିକୁ ନେଇ ମମତା ବାନାର୍ଜୀ କହିଛନ୍ତି ଯେ, ବିଜେପି ଭାରତୀୟ ନିର୍ବାଚନ କମିଶନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛି । ସେ କହିଛନ୍ତି, 'ଆମେ ବିଜେପି ସହାୟତାରେ ପଞ୍ଜୀକୃତ ନକଲି ଭୋଟରଙ୍କୁ ଚିହ୍ନଟ କରିବୁ, ବାହାର ଲୋକଙ୍କୁ ବେଙ୍ଗଲ ଦଖଲ କରିବାକୁ ଦେବୁ ନାହିଁ ।'ଅନ୍ୟପଟେ, ଟିଏମସି ସୁପ୍ରିମୋ ଏବଂ ମୁଖ୍ୟମନ୍ତ୍ରୀ ମମତା ବାନର୍ଜୀଙ୍କ ସହ ମତଭେଦ ଥିବା ନେଇ ଦାବିକୁ ତାଙ୍କ ପୁତୁରା ଓ ଟିଏମସିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଖଣ୍ଡନ କରିଛନ୍ତି । ଏହା ସହ ମମତାଙ୍କ ପ୍ରତି ଥିବା ତାଙ୍କର ଆନୁଗତ୍ୟ ସଂପର୍କରେ କହିଛନ୍ତି । ସେ କହିଛନ୍ତି, 'ମୁଁ ଟିଏମସିର ଜଣେ ବିଶ୍ୱସ୍ତ ସୈନିକ ଏବଂ ମୋର ନେତା ହେଉଛନ୍ତି ମମତା ବାନାର୍ଜୀ ।'ବିଜେପିକୁ ଯାଇପାରନ୍ତି ବୋଲି କଳ୍ପନାଜଳ୍ପନାକୁ ଖାରଜ କରି ସେ କହିଛନ୍ତି, 'ଯେଉଁମାନେ କହୁଛନ୍ତି ଯେ ମୁଁ ବିଜେପିରେ ଯୋଗ ଦେଉଛି ସେମାନେ ମିଥ୍ୟା ଖବର ପ୍ରଚାର କରୁଛନ୍ତି । ମୁଁ ସେହି ଲୋକମାନଙ୍କୁ ଜାଣେ ଯେଉଁମାନେ ଏପରି ମିଥ୍ୟା ଖବର ପ୍ରସାର କରୁଛନ୍ତି । ଆଗାମୀ ବର୍ଷ ବିଧାନସଭା ନିର୍ବାଚନ ପୂର୍ବରୁ ସେମାନେ ଜାଣିଶୁଣି ଅପପ୍ରଚାର କରୁଛନ୍ତି ।' ସେପଟେ ଦଳ ଭିତରେ ଥିବା ବିଶ୍ୱାସଘାତକଙ୍କ ପର୍ଦ୍ଦାଫାସ କରିବେ ବୋଲି ଡାଇମଣ୍ଡ ହାର୍ବର ସାଂସଦ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ବିଜେପିରେ ସାମିଲକୁ ଖଣ୍ଡନ କଲେ ଅଭିଷେକ

**କୋଲକାତା,୨୮।୨(ଏଜେନ୍ସି):**ମମତା ବାନାର୍ଜୀଙ୍କ ସହ ନାହିଁ କୌଣସି ମତଭେଦ କିମ୍ବା ବିବାଦ । ଏଭଳି କହିଛନ୍ତି ଟିଏମ୍ସିର ରାଷ୍ଟ୍ରୀୟ ମହାସଚିବ ଅଭିଷେକ ବାନାର୍ଜୀ । ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ତଥା ପିଉସୀ ମମତା ବାନାର୍ଜୀଙ୍କ ସହ ମତଭେଦର ଖବରକୁ ସିଧାସଳଖ ଖଣ୍ଡନ କରିଛନ୍ତି ଅଭିଷେକ । ସେ ଦଳର ଏକ କାର୍ଯ୍ୟକ୍ରମରେ କହିଛନ୍ତି, ମୁଁ ତୃଣମୂଳ କଂଗ୍ରେସର ଜଣେ ନିଷ୍ଠବାନ ସିପାହୀ । ମୋର ନେତା ହେଉଛନ୍ତି ମମତା ବାନାର୍ଜୀ । ଏହା ସହ ବିଜେପିରେ ସାମିଲ ହେବା ନେଇ ଚର୍ଚ୍ଚାକୁ ମଧ୍ୟ ସେ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ଯେଉଁ ଲୋକ କହୁଛନ୍ତି ମୁଁ ବିଜେପିରେ ହେବାକୁ ଯାଉଛି, ସେମାନେ ମିଛ କଥା କହୁଛନ୍ତି । ଯଦି ମୋର ମୁଣ୍ଡ କାଟି ଦିଆଯିବ ତେବେ ବି ମୁଁ ମମତା ବାନାର୍ଜୀ ଜିନ୍ଦାବାଦ କହିବି । ଆଜିକାଲି ଯେଉଁ ସବୁ ଖବର ଆସୁଛି ତାହା ସମ୍ପୂର୍ଣ୍ଣ ଭାବରେ ମିଛ । ମୁଁ ଜାଣିଛି ଆଗାମୀ ବର୍ଷ ବିଧାନସଭା ନିର୍ବାଚନ ପୂର୍ବରୁ ନିଜର ନିହିତ ସ୍ୱାର୍ଥ କାରଣରୁ କିଛି ଲୋକ ଏଭଳି ମିଛ ଖବର ପ୍ରଚାର କରୁଛନ୍ତି ।ଦଳର ସଦସ୍ୟଙ୍କ ସହ ବିବାଦ ନକରି ଜନସେବା ଉପରେ ଧ୍ୟାନ କେନ୍ଦ୍ରିତ କରିବେ ବୋଲି କହିଛନ୍ତି ଅଭିଷେକ । ସେ ମତଭେଦକୁ ଭୁଲି ଲୋକଙ୍କ ପାଇଁ କାମ କରିବା ଉପରେ ଧ୍ୟାନ ଦେବାକୁ ଚାହାନ୍ତି । ଷଡଯନ୍ତ୍ରରେ ସାମିଲ ହେବାର କେଣସି ଅର୍ଥ ନାହିଁ । ହ୍ୱାଟସଆପ୍ ଗ୍ରୁପର ରାଜନୀତିରେ ଲିପ୍ତ ଲୋକଙ୍କୁ ଜଣା ରହିବା ଦରକାର ଯେ ଏଭଳି ଚେଷ୍ଟା ବ୍ୟର୍ଥ ହେବ । ଷଡଯନ୍ତ୍ର କରୁଥିବା ଲୋକଙ୍କ ଉପରେ ଏହାର ପ୍ରଭାବ ପଡିବ । ସେ କହିଛନ୍ତି, ଦଳ ଭିତରେ ଗଦ୍ଦାରଙ୍କୁ ପର୍ଦ୍ଦାଫାଶ କରିବୁ, ଯେମିତି ସେମାନେ ଗତ ନିର୍ବାଚନ ସମୟରେ କରିଥିଲେ । ମୁକୁଲ ରୟ ଓ ଶୁଭେନ୍ଦୁ ଅଧିକାରୀଙ୍କ ଭଳି ନେତା ଦଳକୁ ଧୋକା ଦେଇଥିବା ନେତାଙ୍କୁ ଚିହ୍ନଟ କରିଥିଲି । ଆଗାମୀ ଦିନରେ ଏଭଳି ଲୋକଙ୍କୁ ମଧ୍ୟ ଚିହ୍ନଟ କରିବି ।

### ଆରଜିକର ମାମଲା

# ସିବିଆଇ ନିର୍ଦ୍ଦେଶକଙ୍କୁ ଭେଟିଲେ ପୀଡିତାଙ୍କ ବାପା

**ନୂଆଦିଲ୍ଲୀ,୨୮।୨(ଏଜେନ୍ସି):** କୋଲକାତା ଆରଜି କର ମେଡିକାଲ କଲେଜରେ ଦୁଷ୍କର୍ମ ଓ ହତ୍ୟା ମାମଲାର ପୀଡିତାଙ୍କ ବାପା ଆଜି ସିବିଆଇ ନିର୍ଦ୍ଦେଶକଙ୍କୁ ଭେଟିଛନ୍ତି । ଏହି ସାକ୍ଷାତକୁ ନେଇ ସେ କହିଛନ୍ତି, ଆମେ ସିବିଆଇ ନିର୍ଦ୍ଦେଶକଙ୍କୁ କେନ୍ଦ୍ରୀୟ ଏଜେନ୍ସିର ଯାଞ୍ଚ ଓ ସୀମା ଦ୍ୱାରା ଦିଆଯାଇଥିବା ବୟାନ ବିଷୟରେ ସବୁକିଛି କହିଦେଇଛନ୍ତି । ପୀଡିତାଙ୍କ ବାପା କହିଛନ୍ତି, ସବିଆଇ ନିର୍ଦ୍ଦେଶକ ଆମକୁ ନ୍ୟାୟ ଦେବାର ଆଶ୍ୱାସନା ଦେଇଛନ୍ତି । ଆମର ତାଙ୍କ ଉପରେ ଭରସା ରହିଛି । ଆମର ସ୍ଥାନୀୟ ବିଧାୟକ, ସ୍ଥାନୀୟ କମିଶନର ଓ ପୂର୍ବତନ ମୁଖ୍ୟ ଆୟୁକ୍ତ ଅଭିଯୁକ୍ତ ଅଛନ୍ତି । ଆମେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛୁ । ସେ ଆମର ସାହାର୍ଯ୍ୟ କରିନାହାନ୍ତି ଓ ଆମ ଝିଅର ଶବକୁ ତରବରିଆ ଭାବରେ ଅନ୍ତିମ ସଂସ୍କାର କରି ଦେଇଛନ୍ତି । ଆମକୁ ଆମ ଝିଅର ମୃତ୍ୟୁର ପ୍ରମାଣ ପତ୍ର ଦିଆଯାଇନି । ଏହା ପଛରେ ଏକ ବଡ ଷଡଯନ୍ତ୍ର ରହିଛି । ଖୁବ୍ ଶୀଘ୍ର ଏହା ସାମନାକୁ ଆସିବ । ସନ୍ଦୀପ ଘୋଷଙ୍କୁ ସଜା ମିଳିବ । କୋଲକାତା ପୋଲିସ ନିକଟରେ ପର୍ଯ୍ୟାପ୍ତ ସମୟ ଥିଲା, କିନ୍ତୁ ସେମାନେ ଯାଞ୍ଚ କରିନଥିଲେ ଓ ପ୍ରମାଣ ନଷ୍ଟ କରିଦେଇଛନ୍ତି ।

# ଆସାମର ମୋରିଗାଓଁରେ ଶକ୍ତିଶାଳୀ ଭୂମିକମ୍ପ

**ନୂଆଦିଲ୍ଲୀ,୨୮।୨(ଏଜେନ୍ସି):** ଗତ ବିଳମ୍ବିତ ରାତିରେ ଆସାମର ମୋରିଗାଓଁରେ ଶକ୍ତିଶାଳୀ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି ଅନୁସାରେ, ଆସାମର ମୋରିଗାଓଁରେ ରିକ୍ଟର ସ୍କେଲରେ ୫ ଦଶମିକ ୦ ତୀବ୍ରତା ସହିତ ପୃଥିବୀ ଥରିଥିଲା । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଗୁରୁବାର ସକାଳେ, ଗୁରୁବାର ବିଳମ୍ବିତ ରାତି ୨ଟା ୨୫ ମିନିଟରେ ଭୂମିକମ୍ପ ହୋଇଥିଲା । ଗଭୀରତା ଥିଲା ୧୬ କିଲୋମିଟର । ମୋରିଗାଁଓ ସହିତ, ଗୁଆହାଟୀ, ଶିଲଂ ଏବଂ ଆସାମର ଅନ୍ୟାନ୍ୟ ସ୍ଥାନରେ ମଧ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ଅଞ୍ଚଳରେ ଭୂମିକମ୍ପର ଝଟକା ଅନୁଭବ କରିବା ପରେ ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଆସିଯାଇଥିଲେ । ପର୍ଯ୍ୟନ୍ତ କୌଣସି ପ୍ରକାରର କ୍ଷତି ସମ୍ପର୍କରେ ସୂଚନା ମିଳିପାରିନାହିଁ ।

# ବର୍ଷା ଯୋଗୁ ଅଧାରୁ ମ୍ୟାଚ୍ ବାତିଲ୍

## ସେମିରେ ଅଷ୍ଟ୍ରେଲିଆ, ଆଫଗାନିସ୍ତାନ ଆଶା କ୍ଷୀଣ






ନୂଆଦିଲ୍ଲୀ: ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ମଧ୍ୟରେ ଚାମ୍ପିଅନ୍ସ ଟ୍ରଫିରେ ଖେଳାଯାଇଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ରଦ୍ଦ ହୋଇଛି ବର୍ଷା ଯୋଗୁ ମ୍ୟାଚକୁ ରଦ୍ଦ କରିବାକୁ ପଡ଼ିଛି । ଏହାପରେ ଦୁଇ ଟିମକୁ ଗୋଟିଏ ଲେଖାଏ ପଏଣ୍ଟ ମିଳିଛି । ଏହାସହ ଦୁଇ ଥର ଚାମ୍ପିଅନ୍ ଅଷ୍ଟ୍ରେଲିଆ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି । ଆଫଗାନିସ୍ତାନ ପ୍ରଥମ ବ୍ୟାଟିଂ କରି ୧୦ ୱିକେଟ୍ ହରାଇ ୨୭୩ ରନ୍ କରିଥିଲା ।ଏହାର ଜବାବରେ ଅଷ୍ଟ୍ରେଲିଆ ଟିମ୍ ୧୨.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୦୯ ରନ୍ କରିଥିଲା ।

ଲାହୋରର ଗଦ୍ଦାଫି ଷ୍ଟାଡିୟମରେ ଅଷ୍ଟ୍ରେଲିଆ ଏବଂ ଆଫଗାନିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବର୍ଷା ଯୋଗୁ କୌଣସି ପରିଣାମରେ ପହଞ୍ଚି ପାରିନଥିଲା । ମ୍ୟାଚ୍ ରଦ୍ଦ ହେବା ପରେ ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିଛି । ଅନ୍ୟପଟେ ଆଫଗାନିସ୍ତାନ ଟୁର୍ଣ୍ଣାମେଣ୍ଟରୁ ବାହାର ହେବା ଦ୍ୱାର ଦେଶରେ ପହଞ୍ଚିଛି । ଏବେ ଚତୁର୍ଥ ସେମିଫାଇନାଲିଷ୍ଟ ପାଇଁ ଶନିବାର ଦକ୍ଷିଣ ଆଫ୍ରିକା ଏବଂ ଇଂଲଣ୍ଡ ମଧ୍ୟରେ ମ୍ୟାଚ ଉପରେ ସମସ୍ତଙ୍କ ନଜର ରହିବ ।

ଆଫଗାନିସ୍ତାନକୁ ଚୂଡ଼ାନ୍ତ ୪ରେ ପହଞ୍ଚିବା ପାଇଁ ଆଫଗାନିସ୍ତାନ ପାଇଁ ଆଜିର ମ୍ୟାଚ୍ ଜିତିବା ଜରୁରି ଥିଲା । ଅନ୍ୟପଟେ ଅଷ୍ଟ୍ରେଲିଆ ପାଇଁ ମଧ୍ୟ ବିଜୟ ଦରକାର ଥିଲା । ତେବେ ପଏଣ୍ଟ ଭାଗ ହେବା ଦ୍ୱାରା ବି ଅଷ୍ଟ୍ରେଲିଆ ସେମିରେ ନିଜ ସ୍ଥାନ ପକ୍କା କରିଥାନ୍ତା । ଅଷ୍ଟ୍ରେଲିଆ ପାଖରେ ପୂର୍ବରୁ ୩ ପଏଣ୍ଟ ଥିଲା । ମ୍ୟାଚ୍ ରଦ୍ଦ ହେବା ପରେ ଦୁଇ ଟିମ୍‌କୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଛି ।ଫଳରେ ଅଷ୍ଟ୍ରେଲିଆର ୪ ପଏଣ୍ଟ ଏବଂ ଆଫଗାନିସ୍ତାନର ୩ ପଏଣ୍ଟ ହୋଇଛି । ଏବେ ଦକ୍ଷିଣ ଆଫ୍ରିକା ବି ୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି । ଦକ୍ଷିଣ ଆଫ୍ରିକା ନିଜର ଶେଷ ମୁକାବିଲା ଇଂଲଣ୍ଡ ବିପକ୍ଷରେ ଖେଳିବ ।ତେବେ ଏହାର ନେଟ୍ ରନ୍ ରେଟ୍ ଭଲ ଥିବାରୁ ଟିମ୍‌ର ସେମିରେ ପହଞ୍ଚିବା ବି ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି ।

ଆଜିର ମ୍ୟାଚ୍‌ରେ ଆଫଗାନିସ୍ତାନ ପାଇଁ ସେଦିକୁଲ୍ଲାହ ଅଟଲ ସର୍ବାଧିକ ୮୫ ରନ୍ କରିଥିଲେ । ଅଜମତୁଲ୍ଲାହ ଓମରଜାଇ ଲଗାତାର ଦ୍ୱୀତୟ ମ୍ୟାଚରେ ବିସ୍ଫୋରକ ବ୍ୟାଟିଂ କରି ୬୩ ବଲରେ ୬୭ ରନ୍ କରିଥିଲେ । ଅଷ୍ଟ୍ରେଲିଆ ପାଇଁ ଡାରସୁଇସ୍ ସର୍ବାଧିକ ୩ ୱିକେଟ୍ ନେଇଥିଲେ । ଏହାର ଜବାବରେ ଅଷ୍ଟ୍ରେଲିଆ ୧୨.୫ ଓଭରରେ ୧୦୯ ରନ୍ କରିଥିଲା ।ଟିମ୍ ପାଇଁ ଟ୍ରାଭିସ୍ ହେଡ୍ ୫୯ ରନ୍ ଓ ଷ୍ଟିଭ୍ ସ୍ମିଥ୍ ୧୯ ରନ୍ କରି ଅପରାଜିତ ଥିଲେ ମେଥ୍ୟୁ ସର୍ଟ୍ସ ୨୦ ରନ୍ କରି ଆଉଟ୍ ହୋଇଥିଲେ ।

# ଅଧିନାୟକ ପଦ ଛାଡ଼ିଲେ ବଟ୍‌ଲର

ନୂଆଦିଲ୍ଲୀ: ଇଂଲଣ୍ଡର ହ୍ୱାଇଟ୍ ବଲ୍ କ୍ରିକେଟ୍ ଅଧିନାୟକ ପଦରୁ ଜୋଶ ବଟ୍‌ଲର୍ ଇସ୍ତଫା ଦେଇଛନ୍ତି । ଚାମ୍ପିଅନ୍ସ ଟ୍ରଫିରେ ଗ୍ରୁପ୍ ପର୍ଯ୍ୟାୟରୁ ହିଁ ଇଂଲଣ୍ଡ ବିଦା ହେବା ପରେ ବଟ୍‌ଲର୍‌ଙ୍କ ଉପରେ ଚାପ ବଢିଥିଲା ।ଇଂଲଣ୍ଡର ଅନେକ ପୂର୍ବତନ ଖେଳାଳି ତାଙ୍କୁ କ୍ୟାପ୍ଟେନ୍ସି ଛାଡ଼ିବା ପାଇଁ ପରାମର୍ଶ ଦେଇଥିଲେ । ଏବେ ଚାମ୍ପିଅନ୍ସ ଟ୍ରଫିରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ବଟ୍‌ଲର୍‌ଙ୍କ କ୍ୟାପ୍ଟେନ୍ସିର ଶେଷ ମ୍ୟାଚ୍ ହେବ । ବଟ୍‌ଲର୍ ପୂର୍ବରୁ କହିଥିଲେ ଯେ ସେ ଇଂଲଣ୍ଡର ଦିନିକିଆ ଓ ଟି-୨୦ କ୍ୟାପ୍ଟେନ ଭାବେ ଭବିଷ୍ୟତକୁ ନେଇ ବିଚାର କରିବେ ।



ବଟ୍‌ଲର୍ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ଇଂଲଣ୍ଡ ଟିମ୍‌ର ଅଧିନାୟକ ପଦରୁ ଇସ୍ତଫା ଦେଉଛି । ଟିମ୍ ଓ ମୋ ପାଇଁ ଏହା ହିଁ ଭଲ । ସେ କହିଛନ୍ତି ଯେ ଅନ୍ୟ କେହି ଆସିବେ, କୋଚ୍ ମ୍ୟାକୁଲମଙ୍କ ସହ ଦାୟିତ୍ୱ ସମ୍ଭାଳିବେ ଏବଂ ଟିମ୍‌କୁ ସେହି ସ୍ଥାନକୁ ନେଇ ଯିବ, ଯେଉଁଠି ରହିବା ଦରକାର । ବଟ୍‌ଲର୍ କହିଛନ୍ତି ଯେ ଏହି ଟୁର୍ଣ୍ଣାମେଣ୍ଟ ମୋ କ୍ୟାପ୍ଟେନ୍ସି ପାଇଁ ଅଧିକ ଗୁରୁତ୍ୱ ରଖୁଥିଲା । କିନ୍ତୁ ପରିଣାମ ଆମ ସପକ୍ଷରେ ଗଲା ନାହିଁ । ଏଥିପାଇଁ କ୍ୟାପ୍ଟେନ୍ସି ଛାଡ଼ିବାର ଏହା ହିଁ ଉପଯୁକ୍ତ ସମୟ ବୋଲି ମୁଁ ଅନୁଭବ କରୁଛି । ଜୋଶ ବଟ୍‌ଲର୍ ୨୦୨୨ ଜୁନ୍‌ରେ ମର୍ଗାନଙ୍କ ପରେ ଇଂଲଣ୍ଡର କ୍ୟାପ୍ଟେନ ହୋଇଥିଲେ ।ତେବେ କ୍ୟାପ୍ଟେନ ଭାବେ ସେ ଅଧିକ ସଫଳ ହୋଇପାରିନାହାନ୍ତି । ଇଂଲଣ୍ଡ ପାଇଁ ୩୪ଟି ମ୍ୟାଚ୍‌ରେ ସେ କ୍ୟାପ୍ଟେନ୍ସି କରିଥିବା ବେଳେ ୨୨ଟିରେ ପରାଜିତ ହୋଇଥିଲେ ।

# ଅବସର ନେଇପାରନ୍ତି ଡୁସେନ

ନୂଆଦିଲ୍ଲୀ, ୨୮।୨: ଚାମ୍ପିଅନ୍ସ ଟ୍ରଫି ମୋର ଅନ୍ତିମ ଆଇସିସି ଟୁର୍ନାମେଣ୍ଟ ଏଭଳି କିଛି କହି ଚର୍ଚ୍ଚାରେ ଦକ୍ଷିଣ ଆଫ୍ରିକାର ବ୍ୟାଟ୍ସମ୍ୟାନ୍ ରାସି ଭାନ୍ ଡେର୍ ଡୁସେନ୍ ଇଂଲଣ୍ଡ ବିପକ୍ଷ ଚାମ୍ପିଅନ୍ସ ଟ୍ରଫିରେ ଅନ୍ତିମ ମୁକାବିଲା ପୂର୍ବରୁ ବ୍ୟାଟ୍ସମ୍ୟାନ୍ ବଡ଼ ଖୁଲାସା କରିଛନ୍ତି । ଏହା ଜଣାପଡ଼ିବା ପରେ ପ୍ରଶଂସକମାନେ ନିରାଶ ହୋଇଛନ୍ତି ।



ଚାମ୍ପିଅନ୍ସ ଟ୍ରଫିର ଗ୍ରୁପ୍ ବିର ଅନ୍ତିମ ମୁକାବିଲାରେ ଶନିବାର ଇଂଲଣ୍ଡର ମୁକାବିଲା ଦକ୍ଷିଣ ଆଫ୍ରିକା ସହ ହେବ । ଇଂଲଣ୍ଡ ପୂର୍ବରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛି, ହେଲେ ଦକ୍ଷିଣ ଆଫ୍ରିକାକୁ ବିଜୟର ଆବଶ୍ୟକତା ରହିଛି । ଏହାପୂର୍ବରୁ ଡୁସେନ୍ କହିଛନ୍ତି, ମୋର ଲକ୍ଷ୍ୟ ସର୍ବଦା ପ୍ରୋଟିଆଜ୍ ପାଇଁ ଖେଳିବା । ଲୋକେ ମୋତେ ପଚାରୁଛନ୍ତି ଯେ ଏହି ଟୁର୍ନାମେଣ୍ଟ ପରେ ଲିଗ୍ ଖେଳିବି କି ନାହିଁ ତାହା ମୁଁ ଜାଣେନା । ମୋ ଦେଶକୁ ପ୍ରତିନିଧିତ୍ୱ କରିବା ସବୁବେଳେ ମୋର ବଡ଼ ଏବଂ ଏକମାତ୍ର ଲକ୍ଷ୍ୟ ହୋଇ ଆସିଛି ।ତେଣୁ ଯଦି ସେହି ଲକ୍ଷ୍ୟ ହାସଲ ନ ହୁଏ ତେବେ ମୁଁ କଣ କରିବି ତାହା ଜାଣେନାହିଁ ବୋଲି ସେ କହିଛନ୍ତି ।ଏହାଛଡ଼ା ଦଳରେ ବହୁତ ପ୍ରତିଭାବାନ ଯୁବ ଖେଳାଳି ଅଛନ୍ତି ଟ୍ରିଷ୍ଟାନ୍ ଷ୍ଟବସ୍, ଟୋନି ଡି ଜିର୍ଜି ଏବଂ ବ୍ରିଜ୍‌କେଙ୍କ ଭଳି ବ୍ୟାଟ୍ସମ୍ୟାନ୍ ଭଲ ପ୍ରଦର୍ଶନ କରୁଛନ୍ତି । ନିକଟରେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ବ୍ରିଜ୍‌କେ ତାଙ୍କ ଡେବ୍ୟୁ ମ୍ୟାଚ୍‌ରେ ୧୫୦ ରନ୍ କରି ଇତିହାସ ସୃଷ୍ଟି କରିଥିଲେ ବୋଲି ସେ କହିଛନ୍ତି । ତେବେ ଡୁସେନ୍‌ଙ୍କ କ୍ୟାରିୟର ଦେଖିଲେ ସେ ଦକ୍ଷିଣ ଆଫ୍ରିକା ପାଇଁ ୩ଟି ଫର୍ମାଟରେ ଖେଳିଛନ୍ତି । ସେ ଦକ୍ଷିଣ ଆଫ୍ରିକା ଲାଗି ୫୦ ଟେଷ୍ଟ, ୬୯ ଦିନିକିଆ, ୫୦ ଟି୨୦ରେ ଯଥାକ୍ରମେ ୯୦୫,୨୫୧୬,୯୭୧ ରନ୍ କରିଛନ୍ତି । ଏମିତିରେ ସେ ନିଜର ଅନ୍ତିମ ଆଇସିସି ମ୍ୟାଚ୍‌କୁ ସ୍ମରଣୀୟ କରିବେ ବୋଲି କୁହାଯାଉଛି ।

# ନ୍ୟୁଜିଲାଣ୍ଡ ଟୁର୍‌ରୁ ଓହରିପାରନ୍ତି ପାକିସ୍ତାନର ସିନିୟର ଖେଳାଳି

ଲାହୋର, ୨୮।୨: ଆଇସିସି ଚାମ୍ପିୟନ୍ସ ଟ୍ରଫିରୁ ପାକିସ୍ତାନ ଦଳର ଲଜ୍ଜାଜନକ ପରାଜୟ ପରେ ଦଳର କେତେଜଣ ସିନିୟର ଖେଳାଳି ଆସନ୍ତା ମାସରେ ହେବାକୁଥିବା ନ୍ୟୁଜିଲାଣ୍ଡ ଟୁର୍‌ରୁ ଓହରି ଯାଇପାରନ୍ତିଆୟୋଜକ ପାକିସ୍ତାନ ଇଭେଣ୍ଟରେ ଗୋଟିଏ ହେଲେ ମ୍ୟାଚ ଜିତିପାରି ନାହିଁ ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ



ଏହାର ପ୍ରଥମ ମ୍ୟାଚ୍ ୬୦ ରନ୍‌ରେ ପରାଜିତ ହୋଇଥିଲା ପରେ ଦୁବାଇରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତଠାରୁ ଦଳ ୬ ଉଇକେଟରେ ପରାଜିତ ହୋଇଥିଲାଫ

ଗୁରୁବାର ରାୱଲପିଣ୍ଡିରେ ବାଂଲାଦେଶ ବିପକ୍ଷ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଯାଇଥିଲା ପାକିସ୍ତାନ ମାର୍ଚ୍ଚ ୧୬ରୁ ଏପ୍ରିଲ ୫ ହ୍ୱାଇଟ୍ ବଲ ଟୁର୍‌ରେ ନ୍ୟୁଜିଲାଣ୍ଡ ଯାଇ ସେଠାରେ ୫ ଅନ୍ତର୍ଜାତୀୟ ଟି୨୦ ଏବଂ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବ ।

ମିଳିଥିବା ସୂଚନା ମୁତାବକ, ବାବର ଅଲଜାମ, ଶାହିନ ଶାହା ଆଫ୍ରିଦୀ, ନସିମ ଶାହା ପ୍ରମୁଖ ଏହି ଟୁର୍‌ରୁ ଓହରିଯିବା ଲାଗି ବିଚାର କରୁଥିବା ଜଣାପଡିଛି । ତେବେ ସେମାନେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସେମାନଙ୍କ ଏଜେଣ୍ଟଙ୍କ ସହିତ ପରାମର୍ଶ ନେଇପାରନ୍ତି ।

ଏପରିକି ମହମ୍ମଦ ରିଜୱାନଙ୍କ ଭବିଷ୍ୟତକୁ ନେଇ ମଧ୍ୟ ଅନିଶ୍ଚିତତା ଦେଖା ଦେଇଛି ।ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଏସିଆ କପ୍ ଏବଂ ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ଦଳ ପୁନର୍ଗଠନ ଲାଗି ଚୟନକର୍ତ୍ତାମାନେ ଚେୟାରମ୍ୟାନଙ୍କୁ ସୁପାରିସ କରିପାରନ୍ତି ।

# ମେ ୨୯ରୁ ଅଲ୍ଟିମେଟ ଟେବୁଲ ଟେନିସର ଷଷ୍ଠ ସିଜନ

ନୂଆଦିଲ୍ଲୀ, ୨୮।୨: ଅଲ୍ଟିମେଟ ଟେବୁଲ ଟେନିସ (ୟୁଟିଟି)ର ଷଷ୍ଠ ସଂସ୍କରଣ ଅହମ୍ମଦାବାଦରେ ଆସନ୍ତା ମେ ୨୯ରୁ ଜୁନ ୧୫ ପର୍ଯ୍ୟନ୍ତ ଖେଳାଯିବ ଏ ନେଇ ଆୟୋଜକଙ୍କ ପକ୍ଷରୁ ଶୁକ୍ରବାର କୁହାଯାଇଛି ।

କବାଡି ବିଶ୍ୱକପ ଓ ୨୦୧୯ ଇଣ୍ଟରକଣ୍ଟିନେଣ୍ଟାଲ କପ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରିଥିବା ଭେନ୍ୟୁ ଷ୍ଟେଟ-ଅଫ-ଦି ଆର୍ଟ ଏକା ଆରେନାକୁ ଭେନ୍ୟୁ ଭାବେ ଧାର୍ଯ୍ୟ କରାଯାଇଛି ଭାରତୀୟ ଓ ଅନ୍ତର୍ଜାତୀୟ ତାରକାଙ୍କୁ ନେଇ ଗଠିତ ୮ ଦଳ ଟାଇଟଲ ଲାଗି ମୁକାବିଲା କରିବେ । ଲିଗରେ ଭାଗ ନେଉଥିବା ୮ ଦଳକୁ ଦୁଇଟି ଗ୍ରୁପରେ ଭାଗ ଭାଗ କରାଯାଇଛି । ପ୍ରତ୍ୟେକ ଦଳ ଲିଗ ପର୍ଯ୍ୟାୟରେ ୫ଟି ଲେଖାଏ ମ୍ୟାଚ ଖେଳିବେ । ପ୍ରତ୍ୟେକ ଦଳ ନିଜ ଗ୍ରୁପର ଅନ୍ୟ ୩ଟି ଦଳ ସହିତ ଏବଂ ଅନ୍ୟ ଗ୍ରୁପର ୨ଟି ଦଳ ସହିତ ମ୍ୟାଚ ଖେଳିବେ । ଲିଗ ପର୍ଯ୍ୟାୟ ପରେ ଦୁଇଟି ଗ୍ରୁପର ଟପ ଦୁଇ ଦଳ ନକଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବେ ଜୁନ ୧୫ ତାରିଖରେ ଫାଇନାଲ ଖେଳାଯିବ । ପ୍ରତ୍ୟେକ ଦଳରେ ଦୁଇ ଜଣ ଅନ୍ତର୍ଜାତୀୟ ତାରକାଙ୍କ ସହିତ ମୋଟ ୬ ଖେଳାଳି ରହିବେ ।

# ଏସିଆ କପରେ ପୁଣି ଭାରତ-ପାକ୍ ମୁକାବିଲା

ନୂଆଦିଲ୍ଲୀ, ୨୮।୨: ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ପାକିସ୍ତାନ ବିପକ୍ଷ ବିଜୟକୁ ଭାରତୀୟ ପ୍ରଶଂସକମାନେ ପାଳନ କରୁଥିବା ବେଳେ ଆଉ ଏକ ଖୁସି ଖବର ଆସିଛି । ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଏସିଆ କପ୍ ରେ ଭାରତ ଓ ପାକିସ୍ତାନ ଥରେ ନୁହେଁ ତିନି ଥର ମୁହାଁମୁହିଁ ହୋଇପାରନ୍ତି ।

କ୍ରିକବଜ୍ ର ଏକ ରିପୋର୍ଟ ଅନୁଯାୟୀ, ୨୦୨୫ ଏସିଆ କପ୍ ପାଇଁ ଭାରତକୁ ଆୟୋଜନ ଅଧିକାର ପ୍ରଦାନ କରାଯାଇଥିଲା, କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ଉତ୍ତେଜନାକୁ ଦୃଷ୍ଟିରେ ରଖି ଏସିଆନ୍ କ୍ରିକେଟ୍ କାଉନସିଲ୍ (ଏସିସି) ଏହାକୁ ଏକ ନିରପେକ୍ଷ ଦେଶରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି । ଶ୍ରୀଲଙ୍କା ଓ ୟୁଏଇ ସମ୍ଭାବ୍ୟ ଭେନ୍ୟୁ ମଧ୍ୟରୁ ଅନ୍ୟତମ ତଥାପି ଅଫିସିଆଲ୍ ଆୟୋଜକ ଭାରତୀୟ କ୍ରିକେଟ୍ ବୋର୍ଡ଼ ରହିବ ।

ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବରରେ ହେବାକୁ ଥିବା ଏସିଆ କପ୍ ଟି-୨୦ ଫର୍ମାଟରେ ଖେଳାଯିବ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୯ଟି ମ୍ୟାଚ୍ ଖେଳାଯିବ । ଆପଣଙ୍କୁ ମନେଥିବ ଯେ ୨୦୨୫ ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନରେ ଆୟୋଜନ ହେବାର ଥିଲା, କିନ୍ତୁ ସୁରକ୍ଷା କାରଣରୁ ଭାରତ ସେଠାରେ ଖେଳିବାକୁ ମନା କରିଦେଇଛି ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି ଭାରତ ତା'ର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳୁଛି ।




# ରଣଜୀ ଟ୍ରଫି ଫାଇନାଲ: ବିଦର୍ଭ ଅଗ୍ରଣୀ

ନାଗପୁର, ୨୮।୨: ବିଦର୍ଭ କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ କେରଳ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲରେ ବିଦର୍ଭ ଇନିଂସ ଅଗ୍ରଣୀ ହାସଲ କରିଛି । ପ୍ରଥମ ଇନିଂସରେ ବିଦର୍ଭ ୩୭୯ ରନ୍ କରିଥିବା ବେଳେ କେରଳ ତାର ଅସମାପ୍ତ ସ୍କୋର ୧୩୧/୩ରୁ ବ୍ୟାଟିଂ ଆରମ୍ଭ କରି ୩୪୨ ରନ୍‌ରେ ଅଲଆଉଟ ହୋଇଯାଇଛି । ଫଳରେ ଦୁଇ ଥରର ରଣଜୀ ଚାମ୍ପିୟନ ବିଦର୍ଭ ୩୭ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି । ଶୁକ୍ରବାର ତଥା ମ୍ୟାଚର ତୃତୀୟ ଦିନ କେରଳ ତାର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୩୧/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା ଦଳ ତାର ବଳକା ୭ ଉଇକେଟରେ ଦଳୀୟ ସ୍କୋରରେ ୨୧୧ ରନ୍ ଯୋଡ଼ିବାକୁ ସକ୍ଷମ ହୋଇଥିଲା ।ପୂର୍ବ ଦିନ ଅପରାଜିତ ଥିବା ବ୍ୟାଟର ଆଦିତ୍ୟ ସରୱତେ ୭୯ ରନ୍ କରି ଆଉଟ ହୋଇଥିବା ବେଳେ ଅଧିନାୟକ ସଚିନ ବେବୀ (୯୮) ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ଆଝାରୁଦ୍ଦିନ ୩୪, ଜଲଜ ସକ୍ସେନା ୨୮ ଓ ସଲମାନ ନିଜାର ୨୧ ରନ କରିଥିଲେ ।ବିଦର୍ଭ ପକ୍ଷରୁ ଦର୍ଶନ ନାଲକଣ୍ଡେ, ହର୍ଶ ଦୁବେ ଓ ପାର୍ଥ ରେଖାଡେ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ ।



# ଆମଠାରୁ ଖୁବ୍ ଅଧିକ ଆଶା କରାଯାଉଥିଲା: ରିଜୱାନ

ରାୱଲପିଣ୍ଡି, ୨୮।୨: ବାଂଲାଦେଶ ଓ ଆୟୋଜକ ପାକିସ୍ତାନ ମଧ୍ୟରେ ଗୁରୁବାର ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ମ୍ୟାଚରେ ବର୍ଷା ବାଧକ ସାଜିଥିଲା ଲଗାଣ ବର୍ଷା ଯୋଗୁ ମ୍ୟାଚରେ ଟସ୍ ମଧ୍ୟ ପଡ଼ିପାରି ନ ଥିଲା ମ୍ୟାଚ ରେଫରୀ ଧାର୍ଯ୍ୟ ସମୟଠାରୁ ଦୁଇ ଘଣ୍ଟା ଅପେକ୍ଷା କରିବା ପରେ ମ୍ୟାଚ୍‌କୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ ।



ଫଳରେ ଉଭୟ ଦଳକୁ ଗୋଟିଏ ଲେଖାଏ ପଏଣ୍ଟ ପ୍ରଦାନ କରାଯାଇଛି । ଏଥିଯୋଗୁ ଆୟୋଜକ ପାକିସ୍ତାନ ବିନା ବିଜୟରେ ଚାମ୍ପିୟନ୍ସ ଟ୍ରଫି ଅଭିଯାନ ଶେଷ କରିଛି ।ଉଭୟ ଦଳ ପ୍ରଥମ ଦୁଇ ମ୍ୟାଚରେ ପରାଜିତ ହୋଇ ସେମିଫାଇନାଲ ଦୌଡ଼ରୁ ପୂର୍ବରୁ ବିଦାୟ ନେଇସାରିଥିଲେ । ଦୀର୍ଘ ୨୯ ବର୍ଷ ପରେ ଆଇସିସି ଟୁର୍ନାମେଣ୍ଟ ଆୟୋଜନ କରୁଥିବା ପାକିସ୍ତାନ ଭଲ ପ୍ରଦର୍ଶନ କରିବାକୁ ଆଶା ରଖିଥିଲା କିନ୍ତୁ ଦଳ ବିନା ବିଜୟରେ ଅଭିଯାନ ଶେଷ କରିଛି ପାକିସ୍ତାନ ତାର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ୬୦ ରନ୍‌ରେ ଏବଂ ଦ୍ୱିତୀୟ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତଠାରୁ ୬ ଉଇକେଟରେ ପରାସ୍ତ ହୋଇଥିଲା ।

ଆମେ ଆମର ଘରୋଇ ପ୍ରଶଂସକଙ୍କ ସମ୍ମୁଖରେ ଭଲ ପ୍ରଦର୍ଶନ କରିବାକୁ ଚାହୁଁଥିଲୁ ।ଆମଠାରୁ ଖୁବ ଅଧିକ ଆଶା କରାଯାଉଥିଲା । ଆମେ ଭଲ ପ୍ରଦର୍ଶନ କରିପାରିଲୁ ନାହିଁ ଏବଂ ଏହା ଆମ ପାଇଁ ଦୁଃଖର ବିଷୟ । ତୁମେ ତୁମ ତ୍ରୁଟିରୁ ଶିଖି ପାରିବ । ଆମେ ଗତ କିଛି ମ୍ୟାଚରେ ଭୁଲ କରିଥିଲୁ ଆଶା କରୁଛୁ, ସେଥିରୁ ଆମେ ଶିଖିବୁ ବୋଲି ପାକିସ୍ତାନ ଦଳର ଅଧିନାୟକ ମହମ୍ମଦ ରିଜୱାନ କହିଛନ୍ତି ।

## ଫର୍ମ-୪

### ଦୈନିକ ସମ୍ବାଦପତ୍ର 'ମହାଭାରତ'ର ସତ୍ତ୍ୱାଧିକାର ଓ ଅନ୍ୟାନ୍ୟ ବିବରଣୀ:

| | | |
|---|---|---|
| ୧. ପ୍ରକାଶନ ସ୍ଥାନ | : | ଏଲପି-୧୧୫, ପ୍ରଶାନ୍ତି ବିହାର, ହାଉସିଂବୋର୍ଡ କଲୋନୀ, କିଟ କଲେଜ ନିକଟ, ଭୁବନେଶ୍ୱର-୭୫୧୦୨୪. |
| ୨. ପ୍ରକାଶନର ଅବଧି | : | ପ୍ରତ୍ୟହ |
| ୩. ମୁଦ୍ରାକରଙ୍କ ନାମ | : | ବିଶ୍ୱଜିତ ସାମନ୍ତ |
| ଜାତୀୟତା | : | ଭାରତୀୟ |
| ଠିକଣା | : | ଏଲପି-୧୧୫, ପ୍ରଶାନ୍ତି ବିହାର, ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୨୪. |
| ୪. ପ୍ରକାଶକଙ୍କ ନାମ | : | ବିଶ୍ୱଜିତ ସାମନ୍ତ |
| ଜାତୀୟତା | : | ଭାରତୀୟ |
| ଠିକଣା | : | ଏଲପି-୧୧୫, ପ୍ରଶାନ୍ତି ବିହାର, ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୨୪. |
| ୫. ସମ୍ପାଦକଙ୍କ ନାମ | : | ସୁର୍ଜିତ କୁମାର ଧଳ |
| ଜାତୀୟତା | : | ଭାରତୀୟ |
| ଠିକଣା | : | ଏଲପି-୧୧୫, ପ୍ରଶାନ୍ତି ବିହାର, କିଟ କଲେଜ ନିକଟରେ, ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୨୪. |
| ୬. ଖବର କାଗଜର ସତ୍ତ୍ୱାଧିକାରୀଙ୍କ ନାମ: | | କୁସୁମ ସାମନ୍ତ |

**ମୁଁ, ବିଶ୍ୱଜିତ ସାମନ୍ତ, ଏଠାରେ ଘୋଷଣା କରେ ଯେ ଉପରୋକ୍ତ ସୂଚନାଗୁଡିକ ମୋ ଜ୍ଞାତସାର ଓ ବିଶ୍ୱାସରେ ସର୍ବୋତ୍ତମ ସତ୍ୟ ଅଟେ ।**

ତାରିଖ- ୨୮-୦୨-୨୦୨୫

Biswajit Samanta

(ବିଶ୍ୱଜିତ ସାମନ୍ତ)
ପ୍ରକାଶକ

# କୋହଲିଙ୍କ ଟାର୍ଗେଟ୍‌ରେ ଧାୱନଙ୍କ ରେକର୍ଡ

ନୂଆଦିଲ୍ଲୀ, ୨୮।୨: ୨୦୨୫ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଭାରତୀୟ ଦଳର ସବୁଠାରୁ ବଡ଼ ଚିନ୍ତା ଥିଲା ବିରାଟ କୋହଲିଙ୍କ ଫର୍ମ ପ୍ରଥମ ମ୍ୟାଚରେ ଭାରତ ବାଂଲାଦେଶକୁ ଭେଟିଥିଲା ଏହି ମ୍ୟାଚରେ ବିରାଟ କୋହଲିଙ୍କ ବ୍ୟାଟ କାମ କରିନଥିଲା । ବିରାଟ ୩୮ଟି ବଲର ସମ୍ମୁଖୀନ ହୋଇ ୧ଚୌକା ସହାୟତାରେ ୨୨ ରନ କରିଥିଲେ ।

ପରବର୍ତ୍ତୀ ମ୍ୟାଚରେ ଟିମ ଇଣ୍ଡିଆ ପାକିସ୍ତାନ ସହିତ ମୁକାବିଲା କରିଥିଲା ଏହି ହାଇ-ଭୋଲଟେଜ ମ୍ୟାଚରେ ବିରାଟ କୋହଲିଙ୍କ ବ୍ୟାଟ ଧୂଆଁଧାର ବ୍ୟାଟିଂ କରିଥିଲା ବିରାଟ ୧୧୧ ବଲରେ ୧୦୦ ରନର ଏକ ଅପରାଜିତ ଇନିଂସ ଖେଳିଥିଲେ ଏବେ ଭାରତ ଲିଗ ପର୍ଯ୍ୟାୟର ଶେଷ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ଭେଟିବ । ଏହି ମ୍ୟାଚରେ ବିରାଟ କୋହଲି କେବଳ ୧-୨ ନୁହେଁ ବରଂ ଅନେକ ରେକର୍ଡ କରିପାରିବେ ।



ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ୧୨ତମ ମ୍ୟାଚରେ ନ୍ୟୁଜିଲ୍ୟାଣ୍ଡକୁ ଭେଟିବ । ଯଦି ଫର୍ମରେ ଥିବା ବିରାଟ କୋହଲି ଏହି ମ୍ୟାଚରେ ୧୪୧ ରନ କରନ୍ତି, ତେବେ ସେ ଚାମ୍ପିଅନ୍ସ ଟ୍ରଫି ଇତିହାସରେ ସର୍ବାଧିକ ରନ ସ୍କୋରର୍ ହୋଇଯିବେ । କୋହଲି ଚାମ୍ପିଅନ୍ସ ଟ୍ରଫିରେ ଏପର୍ଯ୍ୟନ୍ତ ୧୫ଟି ମ୍ୟାଚ ଖେଳି ସାରିଛନ୍ତି ।ଏହି ସମୟରେ, ସେ ୧୪ଟି ଇନିଂସରେ ୯୩.୦୦ ହାରରେ ଏବଂ ୯୦.୧୬ ଷ୍ଟ୍ରାଇକ ରେଟ ସହିତ ୬୫୧ ରନ କରିଛନ୍ତି ।

ଯଦି ବିରାଟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷରେ ୫୧ ରନ କରନ୍ତି, ତେବେ ସେ ଚାମ୍ପିଅନ୍ସ ଟ୍ରଫିରେ ଭାରତ ପାଇଁ ସର୍ବାଧିକ ରନ ସ୍କୋରର ହୋଇଯିବେ । ଶିଖର ଧାୱନ ଏହି ତାଲିକାର ଶୀର୍ଷରେ ଅଛନ୍ତି । ସେ ଚାମ୍ପିଅନ୍ସ ଟ୍ରଫିର ୧୦ଟି ମ୍ୟାଚର ୧୦ଟି ଇନିଂସରେ ୭୦୧ ରନ କରିଥିଲେ । ତେଣୁ କୋହଲିଙ୍କ ଟାର୍ଗେଟରେ ରହିବ ଶିଖର ଧାୱନଙ୍କ ରେକର୍ଡ ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ